# ଧରିତ୍ରୀ DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜୁନ୍ ୨୯/୨୦୨୧ (୧୨ ପୃଷ୍ଠା) | Berhampur, Tuesday, June 29/2021 | ★★★

୧୭ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଶୁଟିଂରେ ରାହି ସାର୍ନୋବତ୍‌ଙ୍କୁ ସ୍ୱର୍ଣ୍ଣ ପଦକ

ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ରାହି ସାର୍ନୋବତ୍ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

୧୨

୧୦

## ସଲମାନଙ୍କ ପାଦ ଧୋଇବାକୁ ଚାହାନ୍ତି ରାକ୍ଷୀ

ମା'ଙ୍କ ଚିକିତ୍ସାରେ ସଲମାନ ଖାନ ସହାୟତା କରିଥିବାରୁ ତାଙ୍କ ପାଦ ଧୋଇବାକୁ ଚାହାନ୍ତି ବୋଲି କହିଛନ୍ତି ଅଭିନେତ୍ରୀ ରାକ୍ଷୀ ସାୱନ୍ତ।



## 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣ



ଅବଦୁଲ କଲାମ ଦ୍ୱୀପରୁ ଉତ୍କ୍ଷେପଣ କରାଯାଇଥିବା ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର।

**ବାଲେଶ୍ୱର ଅଫିସ, ୨୮।୬**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଭାରତୀୟ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା (ଡିଆର୍‌ଡିଓ) ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟା ୫୫ମିନିଟ୍‌ରେ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଅବଦୁଲ କଲାମ୍ ଦ୍ୱୀପର ୪ ନମ୍ବର ଲଞ୍ଚପ୍ୟାଡ୍‌ରୁ ପରୀକ୍ଷଣ କରାଯାଇଥିବା ଏହି କ୍ଷେପଣାସ୍ତ୍ରଟି ଅତ୍ୟାଧୁନିକ ଆଣବିକ କ୍ଷମତା ସମ୍ପନ୍ନ। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଳା ଗୋରା**

# ରାସ୍ତାକୁ ଓହ୍ଲାଇଲେ ଅସନ୍ତୁଷ୍ଟ

## ମାଟ୍ରିକ୍ ଫଳ ପ୍ରକାଶରେ ଅନିୟମିତତା ଅଭିଯୋଗ

- ବୋର୍ଡ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବସି ବିକ୍ଷୋଭ
- ବିଭିନ୍ନ ଜିଲାରେ ସମାନ ଅବସ୍ଥା
- ଅନିୟମିତତା ହୋଇନାହିଁ, ପିଲା ଚାହିଁଲେ ପରୀକ୍ଷା ଦେଇପାରିବେ: ବୋର୍ଡ ସଭାପତି



ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ କଟକ ବକ୍ସିବଜାର ରୋଡ୍‌ସ୍ଥିତ ବୋର୍ଡ ଅଫିସ ସମ୍ମୁଖ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୨୮।୬**

ମାଟ୍ରିକ ପରୀକ୍ଷା ଫଳକୁ ନେଇ ଏବେ ସାରା ରାଜ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୂଲ୍ୟାୟନରେ ଅନିୟମିତତା ଅଭିଯୋଗ କରି ସୋମବାର ଛାତ୍ରୀଛାତ୍ର, ଅଭିଭାବକମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ, ଧାରଣା କରିବା ସହିତ ରାସ୍ତା ଅବରୋଧ ମଧ୍ୟ କରିଛନ୍ତି। ଭୁବନେଶ୍ୱର, କଟକ, ଭଦ୍ରକ, ପୁରୀ, କୋରାପୁଟ, ଯାଜପୁର, ସମ୍ବଲପୁର, ନବରଙ୍ଗପୁର, ବଲାଙ୍ଗୀର, ଭଞ୍ଜନଗରଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ସ୍କୁଲ ସମ୍ମୁଖ, ବିଇଓ, ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏପରିକି ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ପହଞ୍ଚିଥିଲା। ଚଳିତବର୍ଷ ନବମ ଓ ଦଶମରେ ପୂର୍ବରୁ ହୋଇଥିବା ପରୀକ୍ଷା ମାର୍କ ଅନୁଯାୟୀ ମୂଲ୍ୟାୟନ ହୋଇଛି। କିନ୍ତୁ ବିକ୍ଷୋଭ କରୁଥିବା ଛାତ୍ରୀଛାତ୍ର, ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପୂର୍ବ ପରୀକ୍ଷାରେ ଭଲ ନମ୍ବର ରହିଥିବାବେଳେ ମାଟ୍ରିକ ରେଜଲ୍ଟ ସେହି ଅନୁପାତରେ ଦିଆଯାଇ ନାହିଁ। ବୋର୍ଡ ଦେଇଥିବା ପଦ୍ଧତି ଅନୁସାରେ ନମ୍ବର ମିଳିନି। ଯେଉଁ ପିଲା ୯୦% ଉପରକୁ ରଖିବା କଥା ତାଙ୍କୁ ମିଳିଛି ୭୫%, ଆଉ ୭୫% ରଖିବା ପିଲାକୁ ମିଳିଛି ୫୫%। ଏପରି ସ୍ଥିତିରେ କେଉଁ କଲେଜରେ କିପରି ନାମ ଲେଖାଇବେ ସେ ନେଇ ପିଲା ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି ଶିକ୍ଷା ବିକାଶ ସମିତି ଅଧୀନରେ ଚାଲୁଥିବା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ଏଭଳି ଅଭିଯୋଗ କରିଥିବା ଦେଖାଯାଇଛି। ଏପରିକି ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ମାର୍କ ଦିଆଯାଇଛି ଶିଶୁ ମନ୍ଦିର ପିଲାଙ୍କୁ ସେଭଳି ମାର୍କ ଦିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେପଟେ ପରୀକ୍ଷା ଦେବାର ସୁଯୋଗ ଥିଲେ ମଧ୍ୟ ପିଲାମାନେ ☞ପୃଷ୍ଠା-୪

## ଯୁକ୍ତ ୨ ନାମଲେଖାରେ ଅସୁବିଧା ହେବନାହିଁ: ମନ୍ତ୍ରୀ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଚଳିତ ବର୍ଷ କଲେଜରେ ନାମଲେଖା ପାଇଁ ସିଟ୍ ଅଭାବ ହେବ ବୋଲି ଆଶଙ୍କା କରାଯାଉଥିବାବେଳେ ଏପରି କିଛି ସମସ୍ୟା ଉପୁଜିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ବଡ଼ ବଡ଼ କଲେଜରେ ପଢ଼ିବାକୁ ଛାତ୍ରୀଛାତ୍ରଙ୍କ ଇଚ୍ଛା ରହିଛି। ନାମଲେଖା ପାଇଁ ୬,୩,୧୧୩ ସିଟ୍ ରହିଛି। ଏଥିସହ କଲେଜକୁ ଆଧାର କରି ସିଟ୍ ବୃଦ୍ଧି କରାଯିବ। ସିବିଏସ୍‌ଇ, ଆଇସିଏସ୍‌ଇ ରେଜଲ୍ଟ ବାହାରିବା ପରେ ପିଲାମାନେ ନିଜ ମାର୍କ ଓ ଇଚ୍ଛା ମୁତାବକ ବିଭିନ୍ନ କଲେଜରେ ପଢ଼ିବା ପାଇଁ ଆବେଦନ କରିପାରିବେ। ପିଲାମାନଙ୍କର କୌଣସି ନିର୍ଦ୍ଦିଷ୍ଟ କଲେଜ ପ୍ରତି ଅଧିକ ଆଗ୍ରହ ଥିଲେ, ଆବଶ୍ୟକତା ଅନୁଯାୟୀ ସେହି କଲେଜର ସିଟ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪




## ବଂଶୀଧର ମାଝି ଭିସୁଟ୍‌ର ନୂଆ କୁଳପତି



**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ନୂଆ କୁଳପତି ହେଲେ ପ୍ରଫେସର ବଂଶୀଧର ମାଝି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର ମାଝି ୩ ବର୍ଷ ପାଇଁ ଏହି ନିଯୁକ୍ତି ପାଇଛନ୍ତି। ସେ ବର୍ତ୍ତମାନ ତାମିଲନାଡୁର କାଞ୍ଚିପୁରମସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି, ଡିଜାଇନ ଆଣ୍ଡ ମାନୁଫାକ୍ଚରିଂ (ଆଇଆଇଆଇଟିଡିଏମ୍)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

ଅଧ୍ୟାପନା କ୍ଷେତ୍ରରେ ପ୍ରଫେସର ମାଝିଙ୍କର ୨୬ ବର୍ଷର ଅଭିଜ୍ଞତା ରହିଛି। ଏଥିସହ ତାଙ୍କର ୩ବର୍ଷର ଶିଳ୍ପ ଅଭିଜ୍ଞତା ରହିଛି। ୧୯୯୧ରୁ ସେ ☞ପୃଷ୍ଠା-୪

## ଓଡ଼ିଶାରେ ସଂକ୍ରମଣ ହାର ଅଧିକ

**୩,୩୧୯ ପଜିଟିଭ୍ ଚିହ୍ନଟ, ୪୩ ମୃତ**

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହେଉଛି। ସଂକ୍ରମଣ ହାର ଜାତୀୟ ହାରଠାରୁ ଅଧିକ ରହୁଛି ବୋଲି ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ(ଏନ୍‌ସିଡିସି) ନିର୍ଦ୍ଦେଶକ ଡା. ସୁଜିତ ସିଂହ ସୂଚନା ଦେଇଛନ୍ତି। ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚ୍ଚୁଆଲ ବୈଠକରେ ଡା. ସିଂହ କହିଛନ୍ତି, ଭାରତରେ ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଥିବା ବେଳେ ଓଡ଼ିଶା, ମହାରାଷ୍ଟ୍ର, କେରଳ, ତମିଲନାଡୁ ☞ପୃଷ୍ଠା-୪

# ରେଡ୍ ଜୋନ୍ ଉପରେ ନଜର

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

**କୋଭିଡ୍-୧୯ କଟକଣା**

- ଦିନକ ପରେ ସରିବ ଲକ୍‌ଡାଉନ୍-୪
- ଆଜି ହେବ ସ୍ଥିତିର ସମୀକ୍ଷା
- ଡରାଉଛି ଡେଲ୍‌ଟା ପ୍ଲସ୍, ତୃତୀୟ ଲହର

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ତଥାପି ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ନାହିଁ। ଆସନ୍ତା ଜୁଲାଇ ପହିଲାରେ ଆଂଶିକ ଲକ୍‌ଡାଉନ ଅବଧି ଶେଷ ହେବ। ସଂକ୍ରମଣ ହାର ୫ ପ୍ରତିଶତ ତଳେ ଥିବା 'ଗ୍ରୀନ୍ ଜୋନ୍' ଏବଂ ୫ ପ୍ରତିଶତ ଉପରେ ଥିବା 'ୟେଲୋ ଜୋନ୍' ଜିଲାଗୁଡ଼ିକରେ ଲକ୍‌ଡାଉନ କଟକଣାକୁ ଆହୁରି କୋହଳ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ତେବେ ରେଡ୍ ଜୋନ୍‌ରେ ଥିବା ୫ ଜିଲାଗୁଡ଼ିକରେ କଟକଣା ଅଧିକ କଡ଼ାକଡ଼ି କରାଯାଇ ପାରେ। ସ୍ୱାସ୍ଥ୍ୟ ବିଭାଗର କରୋନା ରିପୋର୍ଟକୁ ଯାଞ୍ଚ କରାଯାଉଛି। ମଙ୍ଗଳବାର ଏ ନେଇ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନେଇ ହେବାକୁ ଥିବା ବୈଠକରେ ରାଜ୍ୟର କୋଭିଡ୍ ସ୍ଥିତି ନେଇ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ପରିସ୍ଥିତିକୁ ଅନୁଧ୍ୟାନ କରି ଆଉ କିଛି ମାତ୍ରାରେ ସରକାର କଟକଣାକୁ କୋହଳ କରିପାରନ୍ତି। ତେବେ ଯେଉଁ ଜିଲାଗୁଡ଼ିକରେ ସଂକ୍ରମଣ ହାର ୧୦ ପ୍ରତିଶତ ଉପରେ ରହୁଛି ସେସବୁ ଜିଲାରେ ଆଂଶିକ କଟକଣା ବଳବତ୍ତର ରହିବ। ରାଜ୍ୟରେ ଆଉ ୧୫ ଦିନ ଯାଏ ସପ୍ତାହାନ୍ତ ଶଟ୍‌ଡାଉନ ବଢ଼ାଇବା ନେଇ ସରକାର ବିଚାର କରିପାରନ୍ତି। କୋଭିଡ୍ ସ୍ଥିତି ଯାଞ୍ଚ ପରେ ଯାହା କିଛି ନିଷ୍ପତ୍ତି ନିଆଯାଇ ପାରେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ଅନ୍ୟ ପକ୍ଷରେ ତୃତୀୟ ଲହର ଓ ଡେଲ୍‌ଟା ପ୍ଲସ୍‌ର ଭୟ ରହୁଥିବାରୁ ରାଜ୍ୟ ସରକାର ସତର୍କତାର ସହ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

କୋଭିଡ୍ ସଂକ୍ରମଣକୁ ଦେଖି ରାଜ୍ୟ ସରକାର ମେ ୫ରୁ ସମଗ୍ର ରାଜ୍ୟରେ ଲଗାଇଥିବା କଟକଣାରେ ଜୁନ୍ ୧୭ ତାରିଖରୁ ଆଂଶିକ କୋହଳ କରିଛନ୍ତି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୭ ଜିଲାରେ ସଂକ୍ରମଣ ହାର ୫ ପ୍ରତିଶତରୁ କମ୍ ରହୁଥିବାରୁ ସେହି ଜିଲାଗୁଡ଼ିକରେ ଲକ୍‌ଡାଉନକୁ ଅଧିକ କୋହଳ କରାଯାଇଥିବା ବେଳେ ଉପକୂଳବର୍ତ୍ତୀ ୧୩ ଜିଲାରେ ସଂକ୍ରମଣ ହାର ଅଧିକ ରହୁଥିବାରୁ ଲକ୍‌ଡାଉନକୁ କିଛି ମାତ୍ରାରେ କୋହଳ କରାଯାଇଛି। ରାଜ୍ୟର ସମସ୍ତ ଜିଲାକୁ ୨ଟି ବର୍ଗରେ ବିଭକ୍ତ କରାଯାଇଛି। ☞ପୃଷ୍ଠା-୪




**ପରିବାରର ୬ ଜଣଙ୍କ ଆତ୍ମହତ୍ୟା**

କର୍ଣାଟକ ୟାଦଗିରି ଜିଲାର ଗୋଟିଏ ପରିବାରର ୬ ଜଣ ସୋମବାର ଏକ ପୋଖରୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ରାଜଧାନୀ ବେଙ୍ଗାଲୁରୁଠାରୁ ୫୫୦ କି.ମି. ଦୂର ଶାହାପୁର ତାଲୁକା ଅଞ୍ଚଳରେ ରହୁଥିବା ଦମ୍ପତି ପ୍ରଥମେ ସେମାନଙ୍କ ୩ ନାବାଳିକା ଝିଅ, ଜଣେ ପୁଅଙ୍କ ପାଣିକୁ ଠେଲି ପରେ ନିଜେ ଡେଇଁ ପଡିଥିବା ପୋଲିସ କହିଛି। ଋଣ ସୁଝି ନ ପାରିବା ଯୋଗୁ ସେମାନେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରିଛି।

**ସଂକ୍ଷେପରେ**

## ହଜାରେ ତଳେ କୋଭିଡ୍ ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ, ୨୮।୬(ପି.ଟି.):** ଦୀର୍ଘଦିନ ପରେ ଦେଶରେ କରୋନାଜନିତ ଦୈନିକ ମୃତ୍ୟୁସଂଖ୍ୟା ୧୦୦୦ ତଳକୁ ଖସିଛି। ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୯୭୯ ଜଣଙ୍କର ଭୂତାଣୁ ସଂକ୍ରମଣରେ ମୃତ୍ୟୁ ଘଟିଛି। ୭୬ ଦିନ ମଧ୍ୟରେ ଏହା ସର୍ବନିମ୍ନ କୋଭିଡ୍ ମୃତ୍ୟୁ। ଏହାକୁ ମିଶାଇ ଦେଶରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୩,୯୬,୭୩୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ଗୋଟିଏ ଦିନରେ ୪୬,୧୪୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହିତ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୨,୭୯,୩୩୧ରେ ପହଞ୍ଚିଛି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୫,୭୨,୯୯୪କୁ ହ୍ରାସ ପାଇଛି, ଯାହା ମୋଟ ସଂକ୍ରମଣର ୧.୮୯ ପ୍ରତିଶତ। ଜାତୀୟ ସ୍ତରରେ ଆରୋଗ୍ୟ ହାର ୯୬.୮୦ ପ୍ରତିଶତକୁ ବୃଦ୍ଧି ପାଇଛି।

## ଆମେରିକା ଅଧିକାରୀଙ୍କୁ ଗ୍ରିଭାନ୍ସ ଅଫିସର ନିଯୁକ୍ତ କଲା ଟୁଇଟର

**ନୂଆଦିଲ୍ଲୀ, ୨୮।୬:** ନୂଆ ଆଇଟି ନିୟମ ପାଳନକୁ ନେଇ ଦୀର୍ଘ ଦିନ ହେଲା କେନ୍ଦ୍ର ସରକାର ଓ ଟୁଇଟର ମଧ୍ୟରେ ବିବାଦ ଲାଗି ରହିଛି। ଏହା ଭିତରେ ଟୁଇଟର ସୋମବାର ଗ୍ଲୋବାଲ ଲିଗାଲ ପଲିସି ଡିରେକ୍ଟର ଜେରେମି କେସେଲ୍‌ଙ୍କୁ ଭାରତରେ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଛି। ଫେସ୍‌ବୁକ୍, ଟୁଇଟର ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ଏବଂ ସୋସିଆଲ ମିଡିଆ ପାଇଁ କେନ୍ଦ୍ର ସରକାର ଆଣିଥିବା ଇଣ୍ଟରମିଡିଏରି ଗାଇଡ୍‌ଲାଇନ ଅନୁଯାୟୀ ସମ୍ପୃକ୍ତ କମ୍ପାନୀ ଭାରତର ଜଣେ ଅଧିକାରୀଙ୍କୁ ଅଭିଯୋଗ ସମାଧାନ ଅଧିକାରୀ ବା ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିବା କଥା। ଟୁଇଟର ଏହି ପଦରେ ଧର୍ମେନ୍ଦ୍ର ଚତୁରଙ୍କୁ ନିଯୁକ୍ତ କରିଥିବା ନେଇ ଗତ ମେ' ୩୧ରେ ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଥିଲା। ତେବେ ଧର୍ମେନ୍ଦ୍ର ଦାୟିତ୍ୱ ନେବାର ମାସେ ନ ପୂରୁଣୁ ରବିବାର ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଏବେ ଆମେରିକାର ଜଣେ ଅଧିକାରୀଙ୍କୁ ଉକ୍ତ ପଦ ମିଳିଥିବାରୁ କେନ୍ଦ୍ର ଓ ଟୁଇଟର ମଧ୍ୟରେ ବିବାଦ ବଢ଼ିପାରେ ବୋଲି ଚର୍ଚ୍ଚା ହେଉଛି।

## କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ବରଖାସ୍ତ ଦାବି

### ସିଜେଆଇଙ୍କୁ ପତ୍ର ଲେଖିଲା ପଶ୍ଚିମବଙ୍ଗ ବାର୍ କାଉନସିଲ୍

**କୋଲକାତା, ୨୮।୬:** କାଲ୍‌କାଟା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ୍ ବିନ୍ଦଲଙ୍କୁ ବରଖାସ୍ତ କରିବା ଲାଗି ପଶ୍ଚିମବଙ୍ଗ ବାର୍ କାଉନସିଲ୍ ରବିବାର ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମାନାଙ୍କୁ ପତ୍ର ଲେଖି ଅନୁରୋଧ କରିଛି। କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣିରେ ସେ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଛି। ସିଜେଆଇଙ୍କ ପାଖକୁ ଲେଖାଯାଇଥିବା ୬ ପୃଷ୍ଠାର ପତ୍ରରେ ପଶ୍ଚିମବଙ୍ଗ ବାର୍ କାଉନସିଲ୍ ଅଧକ୍ଷ ତଥା ଟିଏମ୍‌ସି ବିଧାୟକ ଅଶୋକ କୁମାର ଦେବ୍ ସ୍ୱାକ୍ଷର କରିଛନ୍ତି। ଜଷ୍ଟିସ ବିନ୍ଦଲ ଜଣେ ପକ୍ଷପାତି ତଥା ଅନ୍ୟାୟପୂର୍ଣ୍ଣ ବିଚାରପତି ହୋଇଥିବାରୁ ସେ ଅଧିକ ଦିନ ପଦବୀରେ ରହିଲେ ଉପଯୁକ୍ତ ଓ ନିରପେକ୍ଷ ନ୍ୟାୟ ମିଳିବ ନାହିଁ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପ୍ରତି ଅନୁକମ୍ପା ଦେଖାଇବାକୁ ଜଷ୍ଟିସ୍ ବିନ୍ଦଲ ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲାରେ ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କ ଅନ୍ତରୀଣ ଜାମିନ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଲଗାଇଥିଲେ ବୋଲି ପତ୍ରରେ ଅଭିଯୋଗ କରାଯାଇଛି।

### ଡିଜିଟାଲ ନ୍ୟୁଜ୍ ପୋର୍ଟାଲ ନିରାଶ

## ନୂଆ ଆଇଟି ନିୟମ ଉପରେ ସ୍ଥଗିତାଦେଶ ଦେଲେନି ହାଇକୋର୍ଟ

**ନୂଆଦିଲ୍ଲୀ, ୨୮।୬:** କେନ୍ଦ୍ର ସରକାରଙ୍କ ନୂଆ ଆଇଟି ନିୟମାବଳୀ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଦିଲ୍ଲୀ ହାଇକୋର୍ଟ ସୋମବାର ମନା କରିଦେଇଛନ୍ତି। ଫଳରେ ଡିଜିଟାଲ ନ୍ୟୁଜ୍ ପୋର୍ଟାଲଗୁଡ଼ିକ ନିରାଶ ହୋଇଛନ୍ତି। ମେ' ୨୮ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡିଜିଟାଲ ନ୍ୟୁଜ୍ ପୋର୍ଟାଲଗୁଡ଼ିକୁ ନୂଆ ଆଇଟି ନିୟମାବଳୀ ୨୦୨୧ ଅନୁପାଳନ କରିବାକୁ କୁହାଯାଇଥିଲା। ଏହା ବିରୋଧରେ ସ୍ଥଗିତାଦେଶ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ସି. ହରିଶଙ୍କର ଏବଂ ସୁବ୍ରମଣ୍ୟମ୍ ପ୍ରସାଦଙ୍କ ଖଣ୍ଡପୀଠ କହିଛନ୍ତି। ସଂଶୋଧିତ ଆଇଟି ନିୟମାବଳୀ ଅନୁପାଳନ ହୋଇ ନ ଥିଲେ, କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପାଇଁ ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍, ଦି ୱେର୍, କ୍ୱିଣ୍ଟ ଡିଜିଟାଲ ମିଡିଆ ଲିଃ ଓ ଅନ୍ୟମାନେ ଆବେଦନ କରିଥିଲେ।



## ଆତ୍ମଘାତୀଙ୍କ ପଛରେ ଜିମି

ଡିସ୍‌ନି ହଟ୍‌ଷ୍ଟାରରେ ରିଲିଜ ହୋଇଛି 'କଲର୍ ବମ୍'ର ଟ୍ରେଲର। ଏଥିରେ ମୁଖ୍ୟ ଭୂମିକାରେ ଥିବା ଜିମି ଶେରଗିଲ୍‌ଙ୍କୁ ଜଣେ ପୋଲିସ ଅଫିସରଙ୍କ ଚରିତ୍ରରେ ଦେଖିବାକୁ ମିଳିବ। ସ୍କୁଲ ଉପରେ ବୋମା ପକାଇବାକୁ ଯାଉଥିବା ଜଣେ ଆତ୍ମଘାତୀଙ୍କୁ ରୋକିବା ଉପରେ ଫିଲ୍ମର କାହାଣୀ ଆଧାରିତ। ଏହା ସହ ଏଥିରେ ଅନେକ ଟୁଇଷ୍ଟ-ଟର୍ନ ରହିଛି। ଫିଲ୍ମରେ ଆଶା ନେଗି, ରାଜଶ୍ରୀ ଦେଶପାଣ୍ଡେ, ସ୍ୱର୍ଣ୍ଣ ଶ୍ରୀବାସ୍ତବ ମଧ୍ୟ ପ୍ରମୁଖ ଭୂମିକାରେ ଅଛନ୍ତି। ଟ୍ରେଲର ଶେୟାର କରି ଆଶା ଲେଖିଛନ୍ତି, 'ଟିକିଂ ବୋମା, ଏହା ପଛର ମାଷ୍ଟର ମାଇଣ୍ଡ, ଏକ ବିସ୍ଫୋରକ ସତ୍ୟ। କଲର ବମ୍ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ'। ଜୁଲାଇ ୯ରେ ହଟ୍‌ଷ୍ଟାରରେ ଏହି ଫିଲ୍ମ ମୁକ୍ତିଲାଭ କରିବ। ଜ୍ୟାନେଶ ଜୋଟିଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ସୁଇଡେନ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ସୁଇଡେନ ପ୍ରଧାନମନ୍ତ୍ରୀ ଷ୍ଟିଫାନ ଲୋଫବେନ୍ ଗତ ସପ୍ତାହରେ ପାର୍ଲାମେଣ୍ଟରେ ଆସ୍ଥା ଭୋଟ ହାରିବା ପରେ ସୋମବାର ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ବର୍ଷ ନିର୍ବାଚନ ଥିବାବେଳେ ଏବେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଦାୟିତ୍ୱ ଦେବାକୁ ୬୩ ବର୍ଷୀୟ ଷ୍ଟିଫାନ ବାଚସ୍ପତିଙ୍କୁ କହିଛନ୍ତି। ବାମ ଦଳ ସହଯୋଗରେ ସୋସିଆଲ ଡେମୋକ୍ରାଟିକ୍ ପାର୍ଟିର ଷ୍ଟିଫାନ ମେଣ୍ଟ ସରକାର ଗଢ଼ିଥିଲେ। ସୁଇଡେନର ହାଉସିଂ ମାର୍କେଟରୁ ନିୟନ୍ତ୍ରଣ ହଟାଇବା ପାଇଁ ସରକାରଙ୍କ ଯୋଜନାକୁ ବିରୋଧ କରି ବାମ ଦଳ ଓହରିଯିବା ପରେ ଷ୍ଟିଫାନଙ୍କ ସରକାର ସଂଖ୍ୟାଲଘୁ ହୋଇଯାଇଥିଲା। ଏବେ ନୂଆ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଷ୍ଟିଫାନ ସାମୟିକ ଭାବେ ସରକାରରେ ରହିବେ।

# ଡେଲ୍‌ଟା ଡର: ଆମେରିକା, ୟୁରୋପ ଥରହର

**ନୂଆଦିଲ୍ଲୀ, ୨୮।୬**



- ସବୁଠୁ ଦ୍ରୁତ ସଂକ୍ରାମକ ଭାରିଆଣ୍ଟ
- ଅଷ୍ଟ୍ରେଲିଆ, ଇସ୍ରାଏଲରେ ପୁଣି କଠୋର ହେଲା କୋଭିଡ୍ କଟକଣା
- ତୁରନ୍ତ ଟିକା ନେବା ପାଇଁ ବାଇଡେନ୍‌ଙ୍କ ପରାମର୍ଶ

କରୋନା ଭୂତାଣୁର ଡେଲ୍‌ଟା ଭାରିଆଣ୍ଟ ପ୍ରଥମେ ଭାରତରେ ଚିହ୍ନଟ ହୋଇଥିଲା। ଦ୍ୱିତୀୟ ଲହରରେ ଭୂତାଣୁର ଏହି ନୂଆ ରୂପ ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏବେ ଏହା ଆମେରିକା, ୟୁରୋପ ସମେତ ବିଶ୍ୱର ୮୫ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି। ଏହି ଭାରିଆଣ୍ଟ ଭୟରେ ୟୁରୋପ, ଆମେରିକା ଏବେ ଥରହର ହେଉଥିବା ଜଣାପଡ଼ିଛି। ସବୁଠୁ ଦ୍ରୁତ ସଂକ୍ରାମକ ଏହି ଭାରିଆଣ୍ଟ ଟିକା ନେଇ ନ ଥିବା ଲୋକଙ୍କ ମଧ୍ୟରେ ଅତିଶୀଘ୍ର ବ୍ୟାପୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।

ମହାମାରୀ ସାରା ବିଶ୍ୱରେ ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି। ଏଥିରୁ ରକ୍ଷା ପାଇବା ଲାଗି ବିଭିନ୍ନ ଦେଶରେ ଟିକାକରଣ ଅଭିଯାନ ଜାରି ରହିଛି। ଏହା ସଂକ୍ରମଣକୁ କମାଇଥିଲେ ମଧ୍ୟ ଡେଲ୍‌ଟା ଭାରିଆଣ୍ଟ କରୋନାର ଆଉ ଏକ ଲହର ଆଣିପାରେ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏବଂ ଇସ୍ରାଏଲ୍ ପୁଣିଥରେ କଠୋର କୋଭିଡ୍ କଟକଣା ଲଗାଇଛନ୍ତି। ଗତ ସପ୍ତାହେ ମଧ୍ୟରେ ବ୍ରିଟେନରେ ୩୫,୨୦୪ ଡେଲ୍‌ଟା ଭାରିଆଣ୍ଟ ମାମଲା ଚିହ୍ନଟ ହେବା ଫଳରେ ସେଠାରେ ମୋଟ ମାମଲା ସଂଖ୍ୟା ୧,୧୧,୧୫୭ରେ ପହଞ୍ଚିଛି। ସେଠାରେ ଦେଖାଦେଇଥିବା ମୋଟ ମାମଲାର ପ୍ରାୟ ୯୫ ପ୍ରତିଶତ ହେଉଛି ଡେଲ୍‌ଟା ଭାରିଆଣ୍ଟ। ଟିକାକରଣର ସଫଳତା ସତ୍ତ୍ୱେ ମାମଲା ଏବଂ ହସ୍ପିଟାଲାଇଜେଶନ ମଧ୍ୟରେ ରହିଥିବା ଲିଙ୍କ୍‌କୁ ଭାଙ୍ଗିବା ଆରମ୍ଭ ହୋଇଛି ବୋଲି ବ୍ରିଟେନ୍ ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଜେନି ହାରିସ୍ କହିଛନ୍ତି।

ଆମେରିକାରେ ଯେଉଁମାନେ ଭାକ୍ସିନ ନେଇନାହାନ୍ତି, ସେମାନେ ତୁରନ୍ତ ନେବା ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍ ନିର୍ଦ୍ଦେଶ ଦେଇଛନ୍ତି। ଡେଲ୍‌ଟା ଭାରିଆଣ୍ଟ ଅଧିକ ଲୋକଙ୍କ ଜୀବନ ନେଇପାରେ ବୋଲି ସେ ସତର୍କ କରାଇଦେଇଛନ୍ତି। ଟିକା ନେଇ ନ ଥିବା ଲୋକମାନଙ୍କ ପାଇଁ ଏହି ଭାରିଆଣ୍ଟ ଅଧିକ ବିପଜ୍ଜନକ ଏବଂ ଯୁବବର୍ଗଙ୍କ ପାଇଁ ମାରାତ୍ମକ ବୋଲି ବାଇଡେନ୍ ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆମେରିକାରେ ଡେଲ୍‌ଟା ସବୁଠୁ ସଂକ୍ରାମକ ଭାରିଆଣ୍ଟ ଭାବେ ବହୁସଂଖ୍ୟାରେ ଲୋକଙ୍କୁ ଆକ୍ରାନ୍ତ କରିପାରେ ବୋଲି ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନର ନିର୍ଦ୍ଦେଶକ ରେଚେଲେ ୱାଲେନ୍‌ସ୍କି ସତର୍କ କରାଇଛନ୍ତି। ତେବେ ନୂଆ ଭାରିଆଣ୍ଟ କବଳରୁ ଟିକା ସୁରକ୍ଷା ଦେଇପାରିବ ବୋଲି ସେ କହିଛନ୍ତି। ଡେଲ୍‌ଟା ଭାରିଆଣ୍ଟ ଯୋଗୁ ରୁଷିଆରେ ମଧ୍ୟ ସଂକ୍ରମଣ ବଢ଼ିଚାଲିଛି। ଗତ ଶୁକ୍ରବାର ସେଠାରେ ୨୦,୩୯୩ ନୂଆ ମାମଲା ଚିହ୍ନଟ ହୋଇଥିଲା, ଯାହାକି ଜାନୁୟାରୀ ୨୪ ପରେ ସର୍ବାଧିକ। ମସ୍କୋରେ ୮୯.୩ ପ୍ରତିଶତ କୋଭିଡ୍ ରୋଗୀଙ୍କଠାରେ ଡେଲ୍‌ଟା ଭାରିଆଣ୍ଟ ଚିହ୍ନଟ ହୋଇଥିବା ମେୟର ସେର୍ଗେଇ ସୋବ୍ୟାନିନ୍ କହିଛନ୍ତି।

ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର କେତେକ ଅଞ୍ଚଳରେ ଡେଲ୍‌ଟା ଭାରିଆଣ୍ଟ ଦେଖାଦେଇଥିବାରୁ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଚିନ୍ତାବ୍ୟକ୍ତ କରିଛନ୍ତି। ଡେଲ୍ଟା ଆସିଯାଇଥିବାରୁ ଆମକୁ ଅଧିକ ସତର୍କ ରହିବାକୁ ହେବ ବୋଲି ସେ କହିଛନ୍ତି। ସେହିପରି ପର୍ତ୍ତୁଗାଲ୍‌ର ଲିସ୍‌ବନ୍ ଓ ଅନ୍ୟ ଦୁଇଟି ଅଞ୍ଚଳରେ ସଂକ୍ରମଣ ବଢୁଥିବାରୁ ସେଠାରେ ନୂଆ କଟକଣା ଜାରି ହୋଇଛି। ଅଷ୍ଟ୍ରେଲିଆରେ ସ୍ୱାଭାବିକ ଅବସ୍ଥା ଫେରୁଥିବାବେଳେ ପୁଣି ଥରେ ସଂକ୍ରମଣ ବଢ଼ିବାରୁ ସିଡ୍‌ନୀ ମହାନଗରୀରେ ପୁଣିଥରେ ଲକ୍‌ଡାଉନ ଲାଗୁ ହୋଇଛି। ଟିକାକରଣରେ ସବୁଠୁ ସଫଳ ଦେଶ ଭାବେ ବିବେଚିତ ଇସ୍ରାଏଲ୍‌ରେ ପୁଣିଥରେ ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଛି। ଡେଲ୍‌ଟା ଭାରିଆଣ୍ଟ ଯୋଗୁ ସଂକ୍ରମଣ ବଢୁଥିବା ମହାମାରୀ ମୁକାବିଲା ଟାସ୍କଫୋର୍ସ ମୁଖ୍ୟ ନାଚ୍‌ମାନ ଆସ୍ କହିଛନ୍ତି। ଡେଲ୍‌ଟା ଭାରିଆଣ୍ଟ ଯୋଗୁ ଫିଜିରେ ଗତ ଗୁରୁବାର ୩୦୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ।

ଆଫ୍ରିକା ମହାଦେଶର ଅନ୍ୟୂନ ୨୦ ଦେଶରେ ଡେଲ୍‌ଟା ଭାରିଆଣ୍ଟ ସଂକ୍ରମଣ ଦେଇଦେଇଛି। ଫଳରେ ଅଧିକ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ସହ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ସିଙ୍ଗାପୁରରେ ଡେଲ୍ଟା ଭାରିଆଣ୍ଟ ପ୍ରବେଶ କରିଥିବା ମେ' ୩୧ରେ ଏହାର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍ ସୂଚନା ଦେଇଥିଲେ। ଏହାପରେ ସେଠାରେ ଟେଷ୍ଟିଂ, କଣ୍ଟାକ୍ଟ ଟ୍ରେସିଂ, କ୍ୱାରାଣ୍ଟାଇନକୁ ଜୋର୍‌ଦାର କରାଯାଇଛି।



## ଇରାକ୍, ସିରିଆରେ ଆମେରିକାର ବିମାନ ଆକ୍ରମଣ

**ଡମାସ୍କସ୍/ୱାଶିଂଟନ, ୨୮।୬(ଆଇଏଏନ୍‌ଏସ୍)**



**୫ ନିହତ**

ଇରାକ୍ ଏବଂ ସିରିଆ ସୀମାନ୍ତ ଅଞ୍ଚଳରେ ରବିବାର ଆମେରିକା ବିମାନରୁ ବୋମାମାଡ଼ କରାଯାଇଛି। ଏହି ଆକ୍ରମଣରେ ସିରିଆ ପାର୍ଶ୍ୱରେ ଅର୍ଦ୍ଧସାମରିକ ବାହିନୀର ୫ ସଦସ୍ୟ ନିହତ ହେବା ସହ ଅନେକେ ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଇରାନ ସମର୍ଥିତ ମିଲିସିଆ ଗୋଷ୍ଠୀ ବ୍ୟବହାର କରୁଥିବା ଅସ୍ତ୍ରଭଣ୍ଡାରକୁ ଟାର୍ଗେଟ କରି ବିମାନରୁ ଆକ୍ରମଣ କରାଯାଇଥିଲା ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ସିରିଆର ଦୁଇଟି ଓ ଇରାକ୍‌ର ଗୋଟିଏ ସ୍ଥାନରେ ଥିବା ଅସ୍ତ୍ରଭଣ୍ଡାର ଓ ଅପରେଶନାଲ ସାଇଟ୍ ଉପରେ ବୋମାମାଡ଼ ହୋଇଥିବା ପେଣ୍ଟାଗନ ପ୍ରେସ୍ ସଚିବ ଜନ୍ କିର୍ବି ଏକ ବିବୃତିରେ କହିଛନ୍ତି। ଏଥିପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି।

ବାଇଡେନ୍ କ୍ଷମତାକୁ ଆସିବାର ୬ ମାସ ମଧ୍ୟରେ କୌଣସି ଅଞ୍ଚଳ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହା ଦ୍ୱିତୀୟ ଘଟଣା। ୫ ମାସ ପୂର୍ବରୁ ଇରାକରେ ଥିବା ଆମେରିକା ସାମରିକ ଘାଟିକୁ ଇରାନ୍ ସମର୍ଥିତ ଗୋଷ୍ଠୀ ଟାର୍ଗେଟ କରିବାରୁ ପେଣ୍ଟାଗନ୍ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଇଥିଲା। ଫେବୃୟାରୀରେ ଆମେରିକା ପକ୍ଷରୁ ହୋଇଥିବା ଏହି ଏୟାରଷ୍ଟ୍ରାଇକ୍‌ରେ ଅର୍ଦ୍ଧସାମରିକ ବାହିନୀର ୧୭ ସଦସ୍ୟ ନିହତ ହୋଇଥିଲେ।

## ବଜାରକୁ ଆସିଲା ୨-ଡିଜି ଔଷଧ

**ନୂଆଦିଲ୍ଲୀ, ୨୮।୬**

ଡିଆର୍‌ଡିଓ ଏବଂ ଡ. ରେଡ୍ଡିସ୍ ଲାବରେଟୋରି ଦ୍ୱାରା ବିକଶିତ କୋଭିଡ୍ ଔଷଧ ୨-ଡିଜି ବଜାରକୁ ଆସିଛି। ଡ. ରେଡ୍ଡିସ୍ ପକ୍ଷରୁ ସୋମବାର ଏହି ଔଷଧର ବ୍ୟବସାୟିକ ଲଞ୍ଚ୍ କରାଯାଇଛି। ଗତ ମେ' ୧ରେ ୨-ଡିଜିକୁ ଜରୁରୀ ବ୍ୟବହାର ନିମନ୍ତେ ଅନୁମତି ମିଳିଥିଲା। ଖୁବ୍ ଶୀଘ୍ର ସମସ୍ତ ମେଟ୍ରୋ ସହର ଏବଂ ଟାୟାର-୧ ସହରରେ ଏହି ଔଷଧ ଉପଲବ୍ଧ ହେବ ବୋଲି ଡ. ରେଡ୍ଡିସ୍ ପକ୍ଷରୁ ଘୋଷଣା କରାଯାଇଛି। ଏହା କୋଭିଡ୍ ରୋଗୀଙ୍କୁ ଶୀଘ୍ର ସୁସ୍ଥ କରାଇବା ସହ ସେମାନଙ୍କର ଅକ୍ସିଜେନ୍ ଉପରେ ନିର୍ଭରଶୀଳତା କମାଇବ। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ୨-ଡିଜି ଔଷଧ ଯୋଗାଇ ଦିଆଯିବ। ଏହାର ସର୍ବାଧିକ ଦାମ୍ ୯୯୦ ଟଙ୍କା ରଖାଯାଇଥିବାବେଳେ ସରକାରୀ ହସ୍ପିଟାଲଗୁଡ଼ିକରେ ରିହାତି ମୂଲ୍ୟରେ ଉପଲବ୍ଧ ହେବ।

## କୋଭିଶିଲ୍ଡ ନେଇଥିଲେ ମିଳିବନି ଭାକ୍ସିନ ପାସ୍‌ପୋର୍ଟ

**ଲଣ୍ଡନ, ୨୮।୬**

ଟିକାକରଣରେ ଭାରତ ରେକର୍ଡ କରିଥିବାବେଳେ ଭାକ୍ସିନ ଅଭିଯାନକୁ ୟୁରୋପିଆନ ୟୁନିୟନ(ଇୟୁ) ପକ୍ଷରୁ ଝଟକା ଲାଗିଛି। ପୁଣେ ସ୍ଥିତ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରସ୍ତୁତ ଟିକା କୋଭିଶିଲ୍ଡକୁ ଇୟୁ ଏହାର କୋଭିଡ୍ ଗ୍ରୀନ୍ ପାସ୍ ତାଲିକାରୁ ବାଦ୍ ଦେଇଛି। ଫଳରେ କୋଭିଶିଲ୍ଡ ନେଇଥିବା ବ୍ୟକ୍ତି ଏହି ୟୁନିୟନର ସଦସ୍ୟ ରାଷ୍ଟ୍ରକୁ ଯିବା ପାଇଁ ଜୁଲାଇ ୧ରୁ ମିଳିବାକୁ ଥିବା 'ଗ୍ରୀନ ପାସ୍' ନିମନ୍ତେ ଯୋଗ୍ୟ ହେବେନାହିଁ। ୟୁରୋପୀୟ ଦେଶଗୁଡ଼ିକ ବାହାର ଲୋକଙ୍କ ପାଇଁ ଡିଜିଟାଲ ଭାକ୍ସିନ ପାସପୋର୍ଟ ପ୍ରଦାନ ଆରମ୍ଭ କରିଛନ୍ତି। ଏଥିପାଇଁ ସେମାନେ ଟିକା ନେଇଥିବା ଜରୁରୀ। ଇୟୁ ୱାଇଡ୍ ମାର୍କେଟିଂ ଅଥରାଇଜେଶନ ଦ୍ୱାରା ମାନ୍ୟତାପ୍ରାପ୍ତ ଟିକା ନେଇଥିବା ବ୍ୟକ୍ତିଙ୍କୁ ଗ୍ରୀନପାସ୍ ମିଳିବ। ଏବେ ୪ଟି ଭାକ୍ସିନ ଫାଇଜର, ମଡର୍ଣ୍ଣା, ଭାକ୍ସଜେରଭରିଆ(ଆଷ୍ଟ୍ରାଜେନିକା) ଏବଂ ଜନ୍‌ସନ୍ ଆଣ୍ଡ ଜନସନ୍‌କୁ ୟୁରୋପିଆନ ମେଡିସିନ୍ ଏଜେନ୍ସି (ଇଏମ୍‌ଏ) ସ୍ୱୀକୃତି ପ୍ରଦାନ କରିଛି। ତେବେ ବ୍ରିଟେନରେ ସିରମ୍ ଦ୍ୱାରା ପ୍ରସ୍ତୁତ ଭାକ୍ସଜେରଭରିଆକୁ ଗ୍ରୀନ୍‌ପାସ୍ ମିଳିଥିବାବେଳେ କୋଭିଶିଲ୍ଡକୁ ଏଥିରୁ ବାଦ ପଡ଼ିବାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାର ଜରୁରିକାଳୀନ ବ୍ୟବହାର ତାଲିକାରେ କୋଭିଶିଲ୍ଡକୁ ଅନ୍ତର୍ଭୁକ୍ତ କରିସାରିଛି। କୋଭିଶିଲ୍ଡ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଭାରତୀୟଙ୍କ ସମସ୍ୟା ଦୂର କରିବାକୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସିରମ୍ ସିଇଓ ଅଦାର ପୁନାୱାଲା ସୋମବାର କହିଛନ୍ତି।

## କଶ୍ମୀର, ଲଦାଖକୁ ଅଲଗା ଦେଶ ଦର୍ଶାଇଲା ଟୁଇଟର

**ନୂଆଦିଲ୍ଲୀ, ୨୮।୬**



ଟୁଇଟରର 'ଟ୍ୱିପ୍ ଲାଇଫ୍' ସେକ୍ସନରେ ପ୍ରଦର୍ଶିତ ଭାରତୀୟ ମାନଚିତ୍ର ବାହାରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଅଲଗା ଦେଶ ଭାବେ ଦର୍ଶାଯାଇଥିବାରୁ ବିବାଦ ସୃଷ୍ଟି ହୋଇଛି। ଏଭଳି ବିକୃତ ମାନଚିତ୍ରକୁ ନେଇ ଅନେକ ଉତ୍ତେଜକ ପ୍ରତିକ୍ରିୟା ପ୍ରକାଶ ପାଇଛି। ସମାଲୋଚନା ପରେ ଟୁଇଟର ଉକ୍ତ ମାନଚିତ୍ରକୁ ହଟାଇ ଦେଇଛି। ଏଭଳି ଭୁଲ୍ ମାନଚିତ୍ର ପାଇଁ ଟୁଇଟର ସରକାରୀ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସୋସିଆଲ ମିଡିଆ ପାଇଁ ନୂଆ ନିୟମଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ଟୁଇଟର ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ବିକୃତ ମାନଚିତ୍ର ଆଉ ଏକ ନୂଆ ବିବାଦ ସୃଷ୍ଟି କରିଛି। ଟୁଇଟର ଏହାର ୱେବ୍‌ସାଇଟରେ ଭାରତର ଭୁଲ୍ ମାନଚିତ୍ର ଛାଡ଼ିବା ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ଏହା ଲେହକୁ ଚାଇନାର ଅଂଶବିଶେଷ ବୋଲି ଦର୍ଶାଇଥିଲା। ନୂଆ ଆଇଟି ନିୟମ ଅନୁପାଳନ କରୁ ନ ଥିବାରୁ କେନ୍ଦ୍ର ସରକାର ଉକ୍ତ ମାଇକ୍ରୋବ୍ଲଗିଂ ସାଇଟ୍‌କୁ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିଲେ। ଭାରତରେ ଏକ ଇଣ୍ଟରମିଡିଆରି ଭାବେ ଟୁଇଟର ଆଇନଗତ ସୁରକ୍ଷା ହରାଇଛି। ଉକ୍ତ ପ୍ଲାଟ୍‌ଫର୍ମରେ କୌଣସି ୟୁଜର ବେଆଇନ ବିଷୟବସ୍ତୁ ପୋଷ୍ଟ କଲେ ଟୁଇଟର ଏଥିପାଇଁ ଦାୟୀ ରହିବ।

## ଜମ୍ମୁ ସାମରିକ ଘାଟି ନିକଟରେ ଡ୍ରୋନ୍

**ନୂଆଦିଲ୍ଲୀ, ୨୮।୬**



ଜମ୍ମୁ ବାୟୁସେନା ଘାଟି ଉପରେ ଶନିବାର ବିଳମ୍ବିତ ରାତିରେ ହୋଇଥିବା ବୋମାମାଡ଼ରେ ଆତଙ୍କବାଦୀମାନେ ପ୍ରଥମ ଥର ପାଇଁ ଡ୍ରୋନ୍ ବ୍ୟବହାର କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ରବିବାର ରାତିରେ ଜମ୍ମୁ ସାମରିକ ଘାଟି ନିକଟରେ ଦୁଇଟି ଡ୍ରୋନ୍ ଉଡୁଥିବାର ଦେଖାଯାଇଥିଲା। ସେନା ପକ୍ଷରୁ ଗୁଳିମାଡ଼ କରାଯିବାରୁ ଉକ୍ତ ଡ୍ରୋନ୍ ଖସି ପଳାଇଥିଲେ। ଫଳରେ ଏକ ବଡ଼ ବିପଦକୁ ଏଡ଼ାଇ ଦିଆଯାଇପାରିଛି।

ପ୍ରଥମ ଡ୍ରୋନ୍‌ଟି ରାତି ୧୧ଟା ୩୦ରେ ଏବଂ ଦ୍ୱିତୀୟଟି ପ୍ରାୟ ରାତି ୧ଟା ୩୦ରେ କାଲୁଚକ୍ ସାମରିକ ଘାଟି ନିକଟରେ ଦେଖିବାକୁ ମିଳିଥିଲା। ତୁରନ୍ତ ହାଇଆଲର୍ଟ ଜାରି କରାଯିବା ସହ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ ପକ୍ଷରୁ ଡ୍ରୋନ୍‌କୁ ଗୁଳି କରାଯାଇଥିଲା। ଯବାନମାନେ ସଜାଗ ଥିବାରୁ ଏକ ବଡ଼ ବିପଦକୁ ଏଡ଼ାଇ ଦିଆଯାଇପାରିଥିବା ବେଳେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି। ଘଟଣାର ତଦନ୍ତ କରାଯାଉଛି।

ଶନିବାର ରାତି ୧ଟା ୪୦ରେ ଭାରତୀୟ ବାୟୁସେନା ଘାଟିରେ ଡ୍ରୋନ୍‌ରୁ ଦୁଇଟି ବୋମା ଫିଙ୍ଗାଯାଇଥିଲା। ଏଥିରେ ୨ ଜଣ ବାୟୁସେନା ଯବାନ ଆହତ ହୋଇଥିଲେ ଓ ବିମାନବନ୍ଦର ଟେକ୍‌ନିକାଲ ଅଞ୍ଚଳରେ ଥିବା ଏକ କୋଠାର ଛାତ କ୍ଷତିଗ୍ରସ୍ତ ହୋଇଥିଲା। ବାୟୁସେନା ଘାଟି ଉପରେ ହୋଇଥିବା ଆକ୍ରମଣ ସହ ପାକିସ୍ତାନୀ ଆତଙ୍କବାଦୀ ସମ୍ପୃକ୍ତ ଥିବା ତଦନ୍ତକାରୀ ସଂସ୍ଥା ଓ ପୋଲିସ କହିଛି। ରବିବାର ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

## ଏସ୍‌ପିଓ, ପରିବାର ସଦସ୍ୟଙ୍କୁ ହତ୍ୟା

**ଶ୍ରୀନଗର, ୨୮।୬(ପି.ଟି.)**

ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ପୋଲିସ ଅଫିସର (ଏସ୍‌ପିଓ) ଏବଂ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ଗୁଳିକରି ହତ୍ୟା କରିଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଏଭଳି ଆକ୍ରମଣକୁ ରାଜନୈତିକ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଏହା ଭୀରୁତାର କାର୍ଯ୍ୟ ବୋଲି ସେମାନେ କହିଛନ୍ତି। ପୋଲିସ କହିବା ଅନୁଯାୟୀ ଆତଙ୍କବାଦୀମାନେ ରବିବାର ରାତି ୧୧ଟାରେ ଦକ୍ଷିଣ କଶ୍ମୀରର ଅୱନ୍ତିପୋରା ଅଞ୍ଚଳର ହରିପରିଗାମ୍‌ରେ ରହୁଥିବା ଏସ୍‌ପିଓ ଫୟାଜ ଅହମଦଙ୍କ ଘରେ ପଶି ତାଙ୍କୁ, ସ୍ତ୍ରୀ ରାଜା ବେଗମ୍ ଏବଂ ୨୨ ବର୍ଷୀୟ ଝିଅ ରାଫିଆଙ୍କୁ ଗୁଳି କରିଥିଲେ। ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ଫୟାଜଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ଓ ଝିଅଙ୍କର ମୃତ୍ୟୁ ଘଟିଛି। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ। ହତ୍ୟାକାଣ୍ଡରେ ଜଣେ ବିଦେଶୀଙ୍କ ସମେତ ଦୁଇଜଣ ଜେଇଏମ୍ ଆତଙ୍କବାଦୀସମ୍ପୃକ୍ତ ଥିବା କଶ୍ମୀର ରେଞ୍ଜ୍ ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ଫୟାଜଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ତ୍ରୀ ଓ ଝିଅ ଗୁଳିର ଶିକାର ହୋଇଥିଲେ। ଅନ୍ୟ ପକ୍ଷରେ ବିଭିନ୍ନ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଶୀର୍ଷ ଲଶ୍କର କମାଣ୍ଡର ନଦିମ୍ ଅବ୍ରାରଙ୍କୁ ସୁରକ୍ଷା ବଳ ସୋମବାର ଗିରଫ କରିଛି। ଏହା ଜମ୍ମୁ-କଶ୍ମୀର ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି ଆଇଜି କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୨୦,୦୯,୦୯୧ | ୩୯,୪୧,୪୪୧ | ୧୬,୬୪,୮୧,୯୬୨ |
| ଭାରତ | ୩,୦୨,୮୯,୬୨୨ | ୩,୯୬,୯୭୨ | ୨,୯୩,୧୭,୦୬୮ |
| ଓଡ଼ିଶା | ୯,୦୩,୬୮୯ | ୩୯୩୦(+୫୩) | ୮,୭୦,୬୮୭ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଇପିଏସ୍ ଦୀପ୍ତେଶଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୮।୬(ବ୍ୟୁରୋ):** କାରାଗାର ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ସୋମବାର ରାଜ୍ୟ ସରକାର ତାଙ୍କୁ ଓଏସ୍ଆରଟିସି ସିଏମ୍‌ଡି ଦାୟିତ୍ୱ ଦେଇଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଏସ୍ଆର୍‌ଟିସି ସିଏମ୍‌ଡି ଥିବା ଅରୁଣ ବୋଥ୍ରାଙ୍କୁ ପରିବହନ ବିଭାଗ କମିଶନର ଭାବେ ବଦଳି କରାଯିବା ପରେ ଏହି ପଦ ଫାଙ୍କା ଥିଲା।

### ଆଉ ୧୬ ଖଣି ନିଲାମ ହେବ

**ଭୁବନେଶ୍ୱର,୨୮।୬(ବ୍ୟୁରୋ):** ରାଜ୍ୟ ସରକାର ଲିଜ୍ ଅବଧି ଶେଷ ହେଉଥିବା ଆଉ ୧୬ଟି ଖଣିର ନିଲାମ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏନେଇ ଖୁବ୍‌ଶୀଘ୍ର ଡ୍ରାଫ୍ଟ ଟେଣ୍ଡର ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଖଣି ଓ ଇସ୍ପାତ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କସିଆ ଲୁହପଥର ଓ ଡୋଲମାଇଟ, ପୁରେଇବାହଲ, ଚାନ୍ଦିପୋଷୀ, ଡୋଲଟାପାହାଡ଼, ନେତ୍ରବନ୍ଧ ପାହାଡ଼(ୱେଷ୍ଟ) ଗନ୍ଧାଲପାହାଡ଼, ଝୁମ୍‌କା ପଥିରିପୋଷୀ ଲୁହାପଥର ଖଣି, କର୍ଲାପାଟ ବକ୍ସାଇଟ, ନଦିଡିହି ଲୁହାପଥର, ନଦିଡିହି ଲୁହପଥର ଓ ମାଙ୍ଗାନିଜ, ତେହେରାଇ ଲୁହାପଥର ଖଣିକୁ ପ୍ରଥମ ପର୍ଯ୍ୟାୟରେ ନିଲାମ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପିପଲମୁଣ୍ଡା ଲାଇମଷ୍ଟୋନ, ଗରାମୁରା ଲାଇମଷ୍ଟୋନ, ଉସକଲଭାଗୁ ଲାଇମଷ୍ଟୋନ, ବେହେରା-ଭଞ୍ଜିପାଲି ଲାଇମଷ୍ଟୋନ, ନାରିଙ୍ଗପଙ୍ଗା ଗ୍ରାଫାଇଟ ଖଣି ନିଲାମ କରାଯିବ। ଚିଠା ଟେଣ୍ଡର ଡକ୍ୟୁମେଣ୍ଟ ଦାଖଲ କରିବାକୁ ବିଭାଗ ପକ୍ଷରୁ ଏସ୍‌ବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡ୍‌ର ଉପ ସଭାପତିଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଲିଜ୍ ଅବଧି ଶେଷ ହେଉଥିବା ୧୬ଟି ଖଣିର ନିଲାମ କରିବାକୁ ଜୁନ୍ ୨୩ ତାରିଖରେ ବିଭାଗୀୟ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ୧୦ ଜିଲାରେ ହେବ ନର୍ସିଂ କଲେଜ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ନେବାକୁ ଯାଉଛନ୍ତି। ୧୦ ଜିଲାରେ ନର୍ସିଂ କଲେଜ ଖୋଲିବାକୁ ଯୋଜନା କରିଛନ୍ତି। ପ୍ରତି କଲେଜରେ ୬୦ ଲେଖାଏ ସିଟ୍ ରହିବ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ବାଲେଶ୍ୱର, ଝାରସୁଗୁଡ଼ା, ପୁରୀ, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର ଓ ଯାଜପୁର ଜିଲାରେ ଏହି କଲେଜ ଖୋଲିବାକୁ ପ୍ରସ୍ତାବ ରହିଛି। ଏସବୁ କଲେଜ ପ୍ରତିଷ୍ଠା ହେଲେ ରାଜ୍ୟରେ ନର୍ସିଂ ସିଟ୍ ସଂଖ୍ୟା ୬୦୦ ବୃଦ୍ଧି ପାଇବ। ଏତଦ୍ ବ୍ୟତୀତ ୩ଟି ମେଡିକାଲ କଲେଜରେ ଅଚଳ ହୋଇପଡ଼ିଥିବା ନର୍ସିଂ କଲେଜକୁ ମଧ ପୁନଃ ଚାଲୁ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କରୋନାର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ ଆରମ୍ଭ କରିବା ସହିତ ସାରା ରାଜ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ମେଡିକାଲ କଲେଜରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ ଦାସ କହିଛନ୍ତି।

# ୬.୨୯ ଲକ୍ଷ କୋଟିର ନୂଆ ପ୍ୟାକେଜ

**ନୂଆଦିଲ୍ଲୀ,୨୮।୬**

କୋଭିଡ୍-୧୯ ଦ୍ୱିତୀୟ ଲହର ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଘରୋଇ ବଜାରର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ପ୍ରାୟ ୬.୨୯ ଲକ୍ଷ କୋଟି ଟଙ୍କାର ନୂଆ ପ୍ୟାକେଜ ଘୋଷଣା କରିଛନ୍ତି। ଏଥିରେ ବିଭିନ୍ନ କ୍ଷେତ୍ର ଲାଗି ନୂଆ ପଦକ୍ଷେପ ସାମିଲ ରହିଛି। କରୋନା ପ୍ରଭାବିତ କ୍ଷେତ୍ରଗୁଡିକ ଲାଗି ୧.୧ ଲକ୍ଷ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ଯୋଜନା ଘୋଷଣା କରାଯାଇଛି। ଏଥିମଧ୍ୟରୁ ୫୦ ହଜାର କୋଟି ସ୍ୱାସ୍ଥ୍ୟ କ୍ଷେତ୍ର ଭିତ୍ତିଭୂମି ବିକାଶରେ ଖର୍ଚ୍ଚ ହେବ। ସେହିଭଳି କ୍ଷତିଗ୍ରସ୍ତ ଅନ୍ୟ କ୍ଷେତ୍ରଗୁଡ଼ିକୁ ୬୦ ହଜାର କୋଟି ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ପ୍ରକଳ୍ପ ସ୍ଥାପନ କିମ୍ବା ସମ୍ପ୍ରସାରଣ ଏବଂ ୮ ମେଟ୍ରୋ ସହରରେ ମେଡିକାଲ ଭିତ୍ତିଭୂମି ନିର୍ମାଣରେ ସରକାର ଋଣ ଗ୍ୟାରେଣ୍ଟି ପ୍ରଦାନ କରିବେ। ସ୍ୱାସ୍ଥ୍ୟ କ୍ଷେତ୍ରକୁ ଋଣ ପ୍ରଦାନ ଲାଗି ବାର୍ଷିକ ସୁଧ ହାର ୭.୯୫% ରହିଥିବା ବେଳେ ଅନ୍ୟ କ୍ଷେତ୍ର ଲାଗି ସୁଧ ହାର ୮.୨୫% ରହିଛି।

ଏମର୍ଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍‌ଜିଏସ୍)ରେ ଅତିରିକ୍ତ ୧.୫ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ମେ ମାସରେ ସରକାର ଆତ୍ମନିର୍ଭର ପ୍ୟାକେଜରେ ଏହି ଯୋଜନା ଶୁଭାରମ୍ଭ କରିଥିଲେ। ଏଥିରେ ୩ ଲକ୍ଷ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ସରକାର ପ୍ରଦାନ କରିବେ ବୋଲି କହିଥିଲେ। ଏହା ବର୍ତ୍ତମାନ ୪.୫ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ପ୍ରାୟ ୨୫ ଲକ୍ଷ ଲୋକଙ୍କୁ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ରିହାତି ସୁଧ ହାରରେ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦ୍ୱାରା ଋଣ ପ୍ରଦାନ କରାଯିବ। ସର୍ବାଧିକ ୩ ବର୍ଷ ସମୟ ଅବଧି ଲାଗି ଉକ୍ତ ଯୋଜନାରେ ବ୍ୟକ୍ତିବିଶେଷ ଋଣ ନେଇପାରିବେ। ସୀତାରାମନ କହିଛନ୍ତି, ଇସିଏଲ୍‌ଜିଏସ୍ ପରିସରକୁ ବଢ଼ାଯାଇଛି।


ନିର୍ମଳା ସୀତାରାମନ

ଏମ୍‌ଏସ୍‌ଏମ୍‌ଇ ଏବଂ ଅନ୍ୟ କ୍ଷେତ୍ରଗୁଡିକ ମଧ ଏହାଦ୍ୱାରା ସୁବିଧା ପାଇପାରିବେ।

ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ସୀତାରାମନ ନୂଆ ପଦକ୍ଷେପ ଘୋଷଣା କରିଛନ୍ତି। ଏଥିରେ ଟ୍ରାଭେଲ ଏଜେନ୍ସିଗୁଡିକ ୧୦ ଲକ୍ଷ ଟଙ୍କା ଏବଂ ଟୁରିଷ୍ଟ ଗାଇଡ୍‌ମାନେ ୧ ଲକ୍ଷ ଟଙ୍କାର ଋଣ ଲାଭ କରିପାରିବେ। ଏଭଳି ଘୋଷଣା ଦ୍ୱାରା ୧୧ ହଜାର ପଞ୍ଜୀକୃତ ଟୁରିଷ୍ଟ, ଟ୍ରାଭେଲ ଗାଇଡ୍ ଏବଂ ଟୁରିଜମ୍ ଅଂଶୀଦାର ଲାଭବାନ ହେବେ। ୧୦୦% ଗ୍ୟାରେଣ୍ଟିରେ ଏଭଳି ଋଣ ପ୍ରଦାନ କରାଯିବ। ଭାରତକୁ ଭ୍ରମଣରେ ଆସୁଥିବା ୫ ଲକ୍ଷ ପର୍ଯ୍ୟଟକଙ୍କୁ ମାଗଣା ଟୁରିଷ୍ଟ ଭିଜା ପ୍ରଦାନ କରାଯିବ। ଏହି ଯୋଜନା ୨୦୨୨ ମାର୍ଚ୍ଚ ୩୧ ଯାଏ ଚାଲିବ। ସେହିଭଳି ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାକୁ ସମ୍ପ୍ରସାରଣ କରାଯାଇ ୨୦୨୨ ମାର୍ଚ୍ଚ ୩୧ ଯାଏ ବଢ଼ାଯାଇଛି। ଏହି ଯୋଜନା ଦ୍ୱାରା ୨୨,୮୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ୫୮.୫୦ ଲକ୍ଷ ହିତାଧିକାରୀ ଏହାଦ୍ୱାରା ଲାଭବାନ ହେବେ। ଏଥିରେ ପଞ୍ଜୀକରଣର ଶେଷ ତାରିଖ ୨୦୨୧ ଜୁନ୍ ୩୦ ରହିଛି। ଗତଗବର୍ଷ ଅକ୍ଟୋବରରେ ଏହା ଶୁଭାରମ୍ଭ କରାଯାଇଥିଲା। ଘରୋଇ କମ୍ପାନୀଙ୍କ ଦ୍ୱାରା ନୂଆ ନିଯୁକ୍ତି କ୍ଷେତ୍ରରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଅବସରକାଳୀନ ସୁବିଧା ଲାଗି ଯୋଗଦାନ ସରକାର ଏଥିରେ ପ୍ରଦାନ କରିବେ।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)କୁ ଚଳିତବର୍ଷ ନଭେମ୍ବର ଯାଏ ସମ୍ପ୍ରସାରଣ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ଏଥିରେ ୫ କିଲୋଗ୍ରାମ ଖାଦ୍ୟ ଶସ୍ୟ ହିତାଧିକାରୀଙ୍କୁ ମାଗଣାରେ ପ୍ରଦାନ କରାଯିବ। ଏହି ଯୋଜନାରେ ୯୩,୮୬୯ କୋଟି ଟଙ୍କା ଖର୍ଚ୍ଚ ହେବ। ଫଳରେ ଗତବର୍ଷ ଏବଂ ଚଳିତବର୍ଷ ଯୋଜନା ବାବଦକୁ ଖର୍ଚ୍ଚ ୨.୨୭ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଇଛି। ପବ୍ଲିକ ହେଲ୍‌ଥରେ ଅତିରିକ୍ତ ୨୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଗୋଟିଏ ବର୍ଷରେ ସ୍ୱଳ୍ପ ମିଆଦୀ ଭିତ୍ତିରେ ଶିଶୁ ଯତ୍ନ ଏବଂ ଶିଶୁ ବିଭାଗ ବେଡ୍ ସ୍ଥାପନରେ ଏଭଳି ଖର୍ଚ୍ଚ ଯୋଜନା ରଖାଯାଇଛି। ସେହିଭଳି ହସ୍ପିଟାଲଗୁଡିକରେ ଆଇସିୟୁ ବେଡ୍, ଅମ୍ଳଜାନ ଯୋଗାଣ, ବିଭିନ୍ନ ମେଡିକାଲ ଯନ୍ତ୍ରାଂଶ ଉପଲବ୍ଧତା, ମେଡିସିନ, ଟେଲି ପରାମର୍ଶ ଏବଂ ଆମ୍ବୁଲାନ୍ସ ସେବାକୁ ଗୁରୁତ୍ୱ ଦିଆଯିବ।

- ୧.୧ ଲକ୍ଷ କୋଟିର ଋଣ ଗ୍ୟାରେଣ୍ଟି ଯୋଜନା
- ସ୍ୱାସ୍ଥ୍ୟ କ୍ଷେତ୍ର ଭିତ୍ତିଭୂମି ଲାଗି ୫୦ ହଜାର କୋଟି
- ଇସିଏଲ୍‌ଜିଏସ୍‌ରେ ଅତିରିକ୍ତ ୧.୫ ଲକ୍ଷ କୋଟିର ଋଣ
- ଟ୍ରାଭେଲ ଏଜେନ୍ସିଙ୍କୁ ୧୦ ଲକ୍ଷ, ଟୁରିଷ୍ଟ ଗାଇଡ୍‌ଙ୍କୁ ୧ ଲକ୍ଷର ଋଣ
- ୫ ଲକ୍ଷ ପର୍ଯ୍ୟଟକଙ୍କୁ ଫ୍ରି ଟୁରିଷ୍ଟ ଭିଜା
- ଆତ୍ମନିର୍ଭର ଭାରତ ଯୋଜନା ବାବଦକୁ ୨୨,୮୧୦ କୋଟି
- ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖର୍ଚ୍ଚ ହେବ ୯୩,୮୨୯ କୋଟି
- ଶିଶୁ ଯତ୍ନ ବାବଦ ୨୩ ହଜାର କୋଟି
- ୧୪,୭୭୫ କୋଟିର ସାର ସବ୍‌ସିଡି ଦିଆଯିବ
- ଏନ୍‌ଇଆର୍‌ଏଏମ୍‌ଏସି ପୁନରୁଦ୍ଧାର ହେବ
- ଏନ୍‌ଇଆଇଏ ପ୍ରକଳ୍ପ ରପ୍ତାନି କ୍ଷେତ୍ରରେ ୩୩ ହଜାର କୋଟିର ସହାୟତା
- ରପ୍ତାନି ବୀମା କଭର ବାବଦକୁ ୮୦ ହଜାର କୋଟି
- ଗ୍ରାମାଞ୍ଚଳ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କରେ ଖର୍ଚ୍ଚ ହେବ ୧୯,୦୧୪ କୋଟି

କୃଷକଙ୍କ ସୁବିଧା ଲାଗି ସାର ସବ୍‌ସିଡି ବାବଦକୁ ଅତିରିକ୍ତ ୧୪,୭୭୫ କୋଟି ଟଙ୍କା ପ୍ରଦାନ କରାଯିବ। ବଜେଟରେ ଘୋଷଣା ହୋଇଥିବା ୮୫,୪୧୩ କୋଟି ବାଦ୍ ସରକାର ଏହି ଅତିରିକ୍ତ ଖର୍ଚ୍ଚ କରିବେ ବୋଲି ଜଣାପଡ଼ିଛି। ଉତ୍ତର ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ବିପଣନ ନିଗମ (ଏନ୍‌ଇଆର୍‌ଏଏମ୍‌ଏସି)ର ପୁନରୁଦ୍ଧାର ସମ୍ପର୍କରେ ମଧ ଘୋଷଣା କରାଯାଇଛି। କୃଷି, ପ୍ରକ୍ୟୋରମେଣ୍ଟ, ପ୍ରକ୍ରିୟାକରଣ ଏବଂ ବିପଣନ ଭିତ୍ତିଭୂମି ବିକାଶ ଦିଗରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବ। ପୁନରୁଦ୍ଧାର ପ୍ୟାକେଜ ଭାବେ ୭୭.୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ନର୍ଥ ଇଷ୍ଟର୍ନ ସେଣ୍ଟର ଫର୍ ଅର୍ଗାନିକ କଲ୍ଟିଭେଶନ, ଉଦ୍ୟୋଗୀଙ୍କୁ ପୁଞ୍ଜି ଯୋଗାଣ ସୁବିଧା ଲାଗି ମଧ ଉକ୍ତ ଯୋଜନାରେ ପ୍ରସ୍ତାବ ଦିଆଯାଇଛି। ସେହିଭଳି ଜାତୀୟ ରପ୍ତାନି ବୀମା ଆକାଉଣ୍ଟ(ଏନ୍‌ଇଆଇଏ) ଜରିଆରେ ପ୍ରକଳ୍ପ ରପ୍ତାନି କ୍ଷେତ୍ରରେ ୩୩ ହଜାର କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯିବ। ଏନ୍‌ଇଆଇଏ ଲାଗି ଅତିରିକ୍ତ କର୍ପସ ପାଣ୍ଠି ପ୍ରଦାନ ଲାଗି ଏଭଳି ସୁବିଧା କରିଛନ୍ତି। ରପ୍ତାନି ବୀମା କଭର ଭାବେ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରଖାଯାଇଛି। ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ(ଇସିଜିସି)କୁ ଏହି ଇକ୍ୱିଟି ପୁଞ୍ଜି ପ୍ରଦାନ କରାଯିବ। ଫଳରେ ଏହା ଆଗାମୀ ୫ ବର୍ଷ ଲାଗି ରପ୍ତାନି ବୀମା କଭର ପ୍ରଦାନ କରିପାରିବ। ଦେଶର ପ୍ରତି ଗ୍ରାମକୁ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କ ପ୍ରଦାନ କରିବା ଲାଗି ଡିଜିଟାଲ ଇଣ୍ଡିଆରେ ଅତିରିକ୍ତ ୧୯,୦୪୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରଖାଯାଇଛି। ବୃହତ୍ ପରିମାଣର ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଂ କ୍ଷେତ୍ରରେ ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନାର ଅବଧିକୁ ୨୦୨୫-୨୬ ଯାଏ ବୃଦ୍ଧି କରାଯାଇଛି।

## ରଥଯାତ୍ରା ବେଳେ ପୁରୀକୁ ଚାଲିବନି ଟ୍ରେନ୍

### ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଏସ୍‌ପି

**ପୁରୀ ଅଫିସ,୨୮।୬**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜିଲା ପ୍ରଶାସନ ଜୋରଦାର ପ୍ରସ୍ତୁତି ଜାରି ରଖିଛି। ଏ ନେଇ ସୋମବାର ଦଇତାପତି ନିଯୋଗ ସହ ପ୍ରଶାସନ ଆଲୋଚନା କରିଛି। ଦଇତାପତି ନିଯୋଗ କିଭଳି ଶୃଙ୍ଖଳିତ ଭାବେ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସମ୍ପାଦନ କରିବ ସେ ନେଇ ଆଲୋଚନା ହୋଇଛି। ସେହିଭଳି ଏସ୍‌ପି କନୱର ବିଶାଲ ସିଂ ଶ୍ରୀଗୁଣ୍ଡିଚା ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବୁଲି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱ ସମେତ ବଡଦାଣ୍ଡ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ନେଇ ସେ ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ପୋଲିସ ଫୋର୍ସ ମୁତୟନ ପ୍ରକ୍ରିୟା କିଭଳି କାର୍ଯ୍ୟକାରୀ କରାଯିବ ସେ ସଂକ୍ରାନ୍ତରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ରଥ ନିର୍ମାଣଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ନୀତିକାନ୍ତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଚାଲିଛି। ଏଥର ବିନା ଭକ୍ତରେ ରଥଯାତ୍ରା ଆୟୋଜନ ହେବ। ରଥଯାତ୍ରା ସମୟରେ ପୁରୀକୁ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ ରହିବ। ସେହିପରି ପୁରୀରେ ୧୪୪ ଧାରା ଲାଗୁ କରାଯିବା ସହ ଏଣ୍ଟ୍ରି ପୋଷ୍ଟରେ କଡ଼ାକଡ଼ି ଚେକିଂ ହେବ। ତେବେ ସହରର ହୋଟେଲ୍‌ଗୁଡ଼ିକରେ ଥିବା ଲୋକେ ରହିପାରିବେ।

## ସୁପ୍ରିମକୋର୍ଟରେ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୨୮।୬**

### ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା

କେନ୍ଦ୍ରାପଡ଼ା ଜିଲା ଇଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ମାମଲା ସୋମବାର ସୁପ୍ରିମକୋର୍ଟରେ ପହଞ୍ଚିଛି। କୋଭିଡ୍ କଟକଣା ମଧରେ ରଥଯାତ୍ରା ହେଉ ବୋଲି କ୍ଷିତୀଶ କୁମାର ସିଂହ, ବାବାଜି ପତ୍ରୀ, ମଦନ ପତ୍ରୀ ଏ ନେଇ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଆବେଦନକାରୀ କ୍ଷିତୀଶ କୁହନ୍ତି, ଶ୍ରୀବଳଦେବଜୀଉ ତୁଳସୀ କ୍ଷେତ୍ରାଧିପତି। ଶ୍ରୀକ୍ଷେତ୍ର ପରି ହିନ୍ଦୁ ସଂସ୍କୃତି ତୁଳସୀକ୍ଷେତ୍ରର ମାନ୍ୟତା ବହୁ ପୁରାତନ। ଏଠାରେ ଚାଲିଥିବା ରୀତିନୀତି ଶ୍ରୀଜଗନ୍ନାଥ ସଂସ୍କୃତିର ସ୍ୱାକ୍ଷର ବହନ କରୁଛି। ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରଥଯାତ୍ରା କୋଭିଡ୍ କଟକଣା ସହ ହେବାକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ହେଲେ କୋଭିଡ୍ କଟକଣା ଆଳରେ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ବନ୍ଦ ରଖାଯାଇଛି। ଏହାକୁ ନେଇ ମୋଟ ୭ଟି ମାମଲା ହାଇକୋର୍ଟରେ ଶୁଣାଣି ହୋଇଛି। ହାଇକୋର୍ଟ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ, କୌଣସି ହସ୍ତକ୍ଷେପ କରିବାକୁ ମନା କରିବା ପରେ ଆମ୍ଭେମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛୁ। ଖୁବ୍‌ଶୀଘ୍ର ଏହାର ଶୁଣାଣି ହୋଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ରଖିଛୁ।


ପୁରୀ: ସୋମବାର ରଥରେ ପାରାଭାଡ଼ି ଓ ପୋଟଳ ଲଗାଯାଉଛି।

## ରାଜ୍ୟରେ ପୁଣି ଟିକା ଅଭାବ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ରାଜ୍ୟରେ ପୁଣି ଟିକା ଅଭାବ ଦେଖାଦେଲାଣି। ଟିକା କମ୍ ଥିବାରୁ ଆଗକୁ ଟିକାକରଣରେ ମଧ ବାଧା ସୃଷ୍ଟି ହେବାର ଆଶଙ୍କା ଉପୁଜିଲାଣି। ତେଣୁ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ତୁରନ୍ତ ଅଧିକ ଟିକା ଯୋଗାଇବାକୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଛନ୍ତି।

ଗତ ୨୧ ଜୁନ୍‌ରୁ ରାଜ୍ୟରେ ହାରାହାରି ଦୈନିକ ୩ଲକ୍ଷ ଲୋକଙ୍କୁ ଟିକା ଦିଆଯାଉଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ସାଢ଼େ ୩ଲକ୍ଷ ଲୋକଙ୍କୁ ଟିକା ଦିଆଯିବାର କ୍ଷମତା ରହିଛି। ଜୁନ୍ ଦ୍ୱିତୀୟାର୍ଦ୍ଧ ସୁଦ୍ଧା ରାଜ୍ୟକୁ ମୋଟ୍ ୧୩,୭୮,୩୧୦ ଡୋଜ୍ କୋଭିଶିଲ୍ଡ ଟିକା ମିଳିଛି, ଯାହାକୁ ସବୁ ଜିଲାକୁ ବଣ୍ଟନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୩ ଲକ୍ଷ ୩୮ ହଜାର ଡୋଜ୍ କୋଭିଶିଲ୍ଡ ମହଜୁଦ ରହିଛି। ଏହା ମାତ୍ର ଦୁଇଦିନ ଯିବ। ମଙ୍ଗଳବାର ପରଠାରୁ ରାଜ୍ୟରେ କୋଭିଶିଲ୍ଡ ଟିକାର ଅଭାବ ରହିବ। ଫଳରେ କୌଣସି ସ୍ଥାନରେ ଟିକାଦାନ ସମ୍ଭବ ହେବ ନାହିଁ। ରାଜ୍ୟରେ ଟିକାକରଣ ସମ୍ପର୍କରେ ବ୍ୟାପକ ଜନ ସଚେତନତା ଯୋଗୁ ବହୁ ଲୋକ ସ୍ୱତଃପ୍ରବୃତ୍ତ ଭାବେ ଟିକା ନେବା ପାଇଁ ଆଗେଇ ଆସୁଛନ୍ତି ଏବଂ ଏଥିପାଇଁ ଟିକାର ଚାହିଦା ମଧ ଯଥେଷ୍ଟ ବୃଦ୍ଧି ପାଇଛି। ତେଣୁ ଟିକାକରଣରେ ଯେପରି ବାଧା ସୃଷ୍ଟି ନ ହେଉ ସେଥିପାଇଁ ତୁରନ୍ତ ଟିକା ଯୋଗାଇବା ପାଇଁ ମନ୍ତ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଟିକା ଆସିଲେ ରାଜ୍ୟରେ ଜୁନ୍‌ର ନିର୍ଦ୍ଧାରିତ ସମୟ ଓ ସୂଚୀ ଅନୁଯାୟୀ ଟିକାଦାନ ସମ୍ଭବ ହୋଇପାରିବ। ଟିକା ଯୋଗାଣ ବ୍ୟବସ୍ଥା ଆଗୁଆ କରା ନ ଗଲେ ରାଜ୍ୟରେ ଟିକାର ଅଭାବ ପରିଲକ୍ଷିତ ହେବ ଓ ଟିକାଦାନ ବାଧାପ୍ରାପ୍ତ ହେବ। ଏହିସବୁ ଅସୁବିଧାକୁ ଦୂର କରି ହିତାଧିକାରୀଙ୍କୁ ଧାର୍ଯ୍ୟ ସମୟରେ ଟିକା ଦେବା ପାଇଁ ଯୋଜନା କରିବାରେ କେନ୍ଦ୍ର ସହାୟକ ହେବା ଉଚିତ ବୋଲି ମନ୍ତ୍ରୀ ଦାସ ଚିଠିରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିବାବେଳେ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଦିଆଯାଉଛି। ଏଯାଏ ୧,୧୭,୧୭,୭୧୯ ଡୋଜ୍ ଟିକାକରଣ ହୋଇଛି।

### ୬ ଲକ୍ଷ ଟିକା ଯୋଗାଇବାକୁ କେନ୍ଦ୍ରକୁ ଚିଠି




## ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା

**ଦିଗପହଣ୍ଡି,୨୮।୬(ଡି.ଏନ୍.ଏ.)**

### ମାଟି ଅତଡ଼ା ଧସି ୨ ମହିଳା ଶ୍ରମିକ ମୃତ ଘଟଣା

### ୨ ଆହତ ସୁସ୍ଥ, ଅନ୍ୟଜଣେ ସଙ୍କଟାପନ୍ନ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗାଁ ଘାଇହୁଡ଼ା ଚେକ୍ ଡ୍ୟାମ୍ ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରବିବାର ପ୍ରାୟ ୨୦ ଫୁଟ ଉଚ୍ଚରୁ ଅତଡ଼ା ଧସିବାରୁ ମାଟି ତଳେ ଚାପି ହୋଇ ୨ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଗୁରୁତର ହୋଇଥିଲେ। ମୃତକ ହେଲେ ଫାସିଗୁଡ଼ା ଗ୍ରାମ ଦଳିତ ସାହିର ବର୍ଷା ନାଇକ ଏବଂ ଯମୁନା ନାଇକ। ଆହତମାନେ ହେଲେ ସେହି ସାହିର ଅଞ୍ଜଳି ନାଇକ, ସତ୍ୟା ନାଇକ ଏବଂ ସୂର୍ଯ୍ୟା ବିଷୋୟୀ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିଥିବା ବେଳେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅନୁମୋଦନ କ୍ରମେ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ସୋମବାର ୨ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ସ୍ଥାନୀୟ ବିଡିଓ ହଳଧର ଶବର କହିଛନ୍ତି। ସେହିପରି ଫାସିଗୁଡ଼ା ସମିତି ସଭ୍ୟ ଓ ସରପଞ୍ଚ ଦିଲୀପ କୁମାର ସେଠୀ ପଞ୍ଚାୟତ ପକ୍ଷରୁ ମୃତକଙ୍କ ପରିବାରକୁ ଡାଲି, ଚାଉଳ ଆଦି ଖାଦ୍ୟ ସାମଗ୍ରୀ ଯୋଗାଇଛନ୍ତି। ଆହତ ସୂର୍ଯ୍ୟା ଏବଂ ସତ୍ୟା ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅଞ୍ଜଳିଙ୍କ ଅବସ୍ଥା ଏବେ ମଧ ସଙ୍କଟାପନ୍ନ ରହିଥିବା ପରିବାର ଲୋକେ କହିଛନ୍ତି। ବର୍ଷା ଏବଂ ଯମୁନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ଅପରାହ୍ନରେ ଫାସିଗୁଡ଼ା ଗାଁରେ ପହଞ୍ଚିଥିଲା। ଯମୁନାଙ୍କ ମୃତଦେହ ଚଷାନିମଖଣ୍ଡୀ ଗ୍ରାମସ୍ଥିତ ଶ୍ୱଶୁର ଘର ଗାଁକୁ ନିଆଯାଇ ସତ୍କାର କରାଯାଇଛି। ଦଳିତ ସାହିର ଜଣେ ଦିବ୍ୟାଙ୍ଗଙ୍କୁ ଯମୁନା ବିବାହ କରିଥିବା ବେଳେ ତାଙ୍କର ୩ ବର୍ଷର ଏକ ପୁତ୍ର ସନ୍ତାନ ଅଛି। ମୃତ୍ୟୁ ବେଳକୁ ଯମୁନା ୬ ମାସର ଗର୍ଭବତୀ ଥିଲେ ବୋଲି ତାଙ୍କ ସ୍ୱାମୀ କହିଛନ୍ତି।

## ଓସ୍ତପାଳ ଖଣିର ବର୍ଜ୍ୟଜଳ ପ୍ରସଙ୍ଗ

# ତଦନ୍ତରେ ବେଦାନ୍ତକୁ ସୁରକ୍ଷା

**ଯାଜପୁର ଅଫିସ,୨୮।୬**

ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓସ୍ତପାଳ କ୍ରୋମାଇଟ ଖଣିରୁ ଡମଶାଳା ନାଳକୁ ବର୍ଜ୍ୟଜଳ ନିର୍ଗତ ହେଉଥିବା ଅଭିଯୋଗର ତଦନ୍ତ ରିପୋର୍ଟ ଗତ ୨୧ ତାରିଖରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ରେ ଦାଖଲ ହୋଇଛି। ଖଣିରେ ଘଣ୍ଟା ପ୍ରତି ୪୦୦ କିଲୋଲିଟର କ୍ଷମତା ବିଶିଷ୍ଟ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଇଟିପି) ସ୍ଥାପନ କରାଯାଇଛି। ଖଣିର ପାଣି ବିଶୋଧନ କରାଯାଇ ଡମଶାଳା ନାଳରେ ଛଡ଼ାଯାଇଛି, ଯେଉଁଥିରେ କୌଣସି ବିଷାକ୍ତ ଦ୍ରବ୍ୟ ନ ଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୭୯୨୦ରେ ଦେଇଥିବା ଏହି ରିପୋର୍ଟ ବେଦାନ୍ତକୁ ସୁହାଇଲା ଭଳି ପ୍ରସ୍ତୁତ ହୋଇଛି ବୋଲି ଅଭିଯୋଗକାରୀ ରାଜେଶ କୁମାର ସିଂ କ୍ଷୋଭ ପ୍ରକାଶ କରିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ଏକପ୍ରକାର ବେଦାନ୍ତ କମ୍ପାନୀର ଦରମାଭୋଗୀ କର୍ମଚାରୀଙ୍କ ଭଳି କାମ କରିଛନ୍ତି। ଏପରି କି ରିପୋର୍ଟରେ ବିଷାକ୍ତ ଜଳ ସମ୍ପର୍କରେ ବୈଷୟିକ ଦିଗକୁ ଧ୍ୟାନ ଦିଆଯାଇନାହିଁ ବୋଲି ରାଜେଶ ଏସ୍‌ପିସିବିର ସଦସ୍ୟ ସଚିବ ଓ ସିପିସିବିର ଡିଭିଜନାଲ ମୁଖ୍ୟଙ୍କୁ ଗତ ୨୨ ତାରିଖରେ ମେଲ୍ ଯୋଗେ ଅଭିଯୋଗ କରିଛନ୍ତି।

ଫେରୋ ଆଲୋଏଜ୍ କର୍ପୋରେଶନ ଲିମିଟେଡ୍ (ଫାକର) ନାମରେ ଥିବା ଯାଜପୁର ଜିଲାର ଓସ୍ତପାଳ ଏବଂ କଳାରଙ୍ଗିଅଟା କ୍ରୋମାଇଟ୍ ଖଣିକୁ ବେଦାନ୍ତ ୨୦୨୦ ଜାନୁୟାରୀରୁ ଲିଜ୍ ହାସଲ କରିଛି। ଏହି ଦୁଇ ଖଣିରେ ୨୦୨୦ ଅକ୍ଟୋବରରୁ ଉତ୍ତୋଳନ ଆରମ୍ଭ ହୋଇଛି। ଏହା ପୂର୍ବରୁ ଦୀର୍ଘଦିନ ଧରି ଓସ୍ତପାଳ କ୍ରୋମାଇଟ ଖଣି ମଧ୍ୟରେ ଜଳସ୍ତର ବୃଦ୍ଧି ଘଟିଥିଲା। ବେଦାନ୍ତ ତା'ର ଖଣି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏହି ଜଳକୁ ନିଷ୍କାସନ କରିବା ଆବଶ୍ୟକ ହେଉଥିଲା। ତେଣୁ ୨୦୨୦ ନଭେମ୍ବରରୁ ୨୦୨୧ ଜାନୁୟାରୀ ମଧରେ ଖଣିର ସମସ୍ତ ଜଳକୁ ଇଟିପି ଜରିଆରେ ବିଶୋଧନ ନ କରି ୧୫ ଲକ୍ଷ ଘନମିଟରରୁ ଉର୍ଦ୍ଧ୍ୱ ବିଷାକ୍ତ ପାଣି ନିଷ୍କାସନ କରିଛି। ଏନେଇ ସୁରେଶ କୁମାର, ଲମ୍ବୋଦର ମହାନ୍ତ, ବିଶ୍ୱରଞ୍ଜନ ପରମଗୁରୁ ଓ ରାଜେଶ କୁମାର ସିଂ ପ୍ରମୁଖ ଗତ ଫେବୃୟାରୀ ଓ ମାର୍ଚ୍ଚରେ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ୍ 'ସେଣ୍ଟ୍ରାଲାଇଜଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍'ରେ ଅଭିଯୋଗ କରିବା ସହ ଯାଜପୁର ଜିଲାପାଳ ଓ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପିସିବି ସଦସ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ୨୩।୪।୨୦୨୧, ୨୮।୪।୨୦୨୧ ଓ ୧୮।୫।୨୦୨୧ରେ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ଓସ୍ତପାଳ ଖଣିର ବର୍ଜ୍ୟଜଳ ନିର୍ଗତ ଉପରେ ତଦନ୍ତ କରି ଉପରୋକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ଅନ୍ୟପକ୍ଷରେ ଖଣିର ପାଣି ବାହାରକୁ ଛଡ଼ାଯାଉଥିବା ନେଇ ଖଣି କର୍ମଚାରୀଙ୍କ ମଧରେ ହ୍ୱାଟ୍ସଆପ୍ ଗ୍ରୁପ୍ 'ମାଇନ୍ସ ଇମ୍ପର୍ଟେଣ୍ଟ ଇସ୍ୟୁଜ୍'ରେ ହୋଇଥିବା କଥାବାର୍ତ୍ତାକୁ ଧ୍ୟାନ ଦିଆଯାଇନାହିଁ। ଏନେଇ ପୂର୍ବରୁ ହୋଇଥିବା ଅଭିଯୋଗରେ ଗୁରୁତ୍ୱ ଦେବାକୁ ନିବେଦନ କରାଯାଇଥିଲା। ଉକ୍ତ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଇଟିପି ମ୍ୟାନେଜର ସାରସ୍ୱତ ନନ୍ଦ ଇଟିପିକୁ ବାଇପାସ୍ କରି ସିଧା ବାହାରକୁ ପାଣି ଛାଡିବାକୁ କହିଥିବା ସ୍ପଷ୍ଟ ଭାବେ ଜଣାପଡ଼ିଛି। ଏହାସହ ଏସ୍‌ପିସିବି ପକ୍ଷରୁ କାର୍ବନ ଫୁଟ୍‌ପ୍ରିଣ୍ଟ ଭଳି ପ୍ରଯୁକ୍ତି ବିଜ୍ଞାନ ପ୍ରଣାଳୀକୁ ତଦନ୍ତରେ ଜାଣିଶୁଣି ପ୍ରୟୋଗ କରାଯାଇନାହିଁ ବୋଲି ଅଭିଯୋଗକାରୀ ରାଜେଶ କୁମାର ସିଂ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହାସହ ବର୍ଜ୍ୟଜଳ ପରିମାଣ ଅନୁଯାୟୀ ଇଟିପି ଜରିଆରେ ବିଶୋଧନ କରି ପାଣି ଛାଡ଼ିବା ଏଠାରେ ସମ୍ଭବ ନୁହେଁ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଖଣିର ବର୍ଜ୍ୟଜଳ ଦ୍ୱାରା ଡମଶାଳା ନାଳ ଓ ବ୍ରାହ୍ମଣୀ ନଦୀ ପାଣି ବିଷାକ୍ତ ହୋଇଛି। ଏହାକୁ ତୁରନ୍ତ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଖଣି ଅଞ୍ଚଳର ଜନବସତି ଉପରେ ବିପଦ ନିଶ୍ଚିତ ବୋଲି ମତପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଯାହା ନିରୀକ୍ଷଣରେ ଜଣାପଡ଼ିଲା ସେହି ଅନୁସାରେ ରିପୋର୍ଟ ଦାଖଲ ହୋଇଛି।



ବାହାରକୁ ପାଣି ଛାଡ଼ିବା ନେଇ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ହୋଇଥିବା ଚାର୍ଟିଂ।

ଧରିତ୍ରୀ DHARITRI
ମଙ୍ଗଳବାର, ୨୯ ଜୁନ୍, ୨୦୨୧

**ଆଜିର ମନ୍ତବ୍ୟ**

"ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର୍ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି। ତାଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନେକ ଥର ଚିଠି ଲେଖିଛି।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁଡ୍ଡି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟିକାକରଣରେ ଆମେରିକାକୁ ଟପିଲା ଭାରତ

**ନୂଆଦିଲ୍ଲୀ, ୨୮।୬**



କୋଭିଡ୍ ଟିକାକରଣରେ ଭାରତ ଆମେରିକାକୁ ଟପିଛି। ଭାରତରେ ମୋଟ ୩୨ କୋଟି ୩୬ ଲକ୍ଷ ୬୩ ହଜାର ୨୯୭ ଡୋଜ୍ ଦିଆସରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଜଣାଯାଇଛି। ଆମେରିକାରେ ଏ ପର୍ଯ୍ୟନ୍ତ ମୋଟ ୩୨ କୋଟି ୩୩ ଲକ୍ଷ ୨୭ ହଜାର ୩୨୮ ଡୋଜ୍ ଟିକା ଦିଆଯାଇଛି। ରିପୋର୍ଟ ଅନୁସାରେ ଆମେରିକାରେ ୪୬.୫ ପ୍ରତିଶତ ଯୁବବର୍ଗଙ୍କ ସମ୍ପୂର୍ଣ୍ଣ ଟିକାକରଣ ସରିଥିବାବେଳେ ଭାରତରେ ଏହା ୫.୬ ପ୍ରତିଶତ ରହିଛି। ଦେଶରେ ଟିକାକରଣ ହାର ବଢ଼ିଛି। ଏଥିପାଇଁ ଉଦ୍ୟମ ଜାରି ରଖିଥିବା ସମସ୍ତଙ୍କୁ ଅଭିନନ୍ଦନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତରେ ଗତ ଜାନୁୟାରୀ ୧୬ରୁ ସାମୂହିକ ଟିକାକରଣ ଆରମ୍ଭ ହୋଇଥିଲା। ୨୦୨୦ ଡିସେମ୍ବର ୧୪ରେ ଆମେରିକା ଭାକ୍ସିନେଶନ ଆରମ୍ଭ କରିଦେଇଥିଲା। ଚଳିତ ବର୍ଷ ଶେଷ ସୁଦ୍ଧା କେନ୍ଦ୍ର ସରକାର ସମସ୍ତଙ୍କ ଟିକାକରଣ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ୨୪ ଘଣ୍ଟାରେ ୧୭ ଲକ୍ଷ ୨୧ ହଜାର ୨୬୮ ଭାକ୍ସିନ ଡୋଜ୍ ଦିଆଯାଇଛି। କେବଳ ଗତ ସପ୍ତାହରେ ଦେଶରେ ୩ କୋଟି ୯୧ ଲକ୍ଷ ଡୋଜ୍ ପ୍ରଦାନ କରାଯାଇଛି। ଡିସେମ୍ବର ସୁଦ୍ଧା ଯୁବବର୍ଗଙ୍କ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ୧୮୮ କୋଟି ଭାକ୍ସିନ ଡୋଜ୍ ଆବଶ୍ୟକ ବୋଲି କେନ୍ଦ୍ର ସରକାର ଶନିବାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସେଥିମଧ୍ୟରୁ ଜୁଲାଇ ୩୧ ସୁଦ୍ଧା ୫୧.୬ କୋଟି ଡୋଜ୍ ଉପଲବ୍ଧ ହେବ ବୋଲି ସରକାର ଦାଖଲ ସତ୍ୟପାଠରେ ଦର୍ଶାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦ୍ୟନ୍ତେ ଧନୁ ବଙ୍କା,**
**ଚନ୍ଦ୍ର ବଙ୍କା ଦିନେ ଦିନେ,**
**ତେନ୍ତୁଳି ସର୍ବଦା ବଙ୍କା**
**ମୂର୍ଖ ବଙ୍କା ସବୁଦିନେ।**

ଗୁଣ ଚଢ଼ାଇଲାବେଳେ ଧନୁ ବଙ୍କା ହୁଏ। ପକ୍ଷ ଅନୁସାରେ ଚନ୍ଦ୍ରର କ୍ଷୟ ବୃଦ୍ଧି ଘଟିଥାଏ। ତେନ୍ତୁଳି ମୂଳରୁ ବଙ୍କା ଥାଏ। ସେହିପରି ମୂର୍ଖ ବ୍ୟକ୍ତି ସବୁଦିନେ ସେହିଭଳି ଅବୁଝା ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗଛକୁ ଦେଲି ଆଙ୍କୁରି**
**କେଉଁ ଜୀବନକୁ ଯୋଡ଼ା ଭାରିଯା**
**ଗୋଡ଼କୁ କଲି ମୁଁ ଶାଙ୍କୁଳି।**

ଦୁଇ ନାଆରେ ପାଦ ଦେଲେ ବ୍ୟକ୍ତିଙ୍କ ପରିଣତି ଯେମିତି ସାଂଘାତିକ ହୋଇଯାଏ, ସେମିତି ଦୁଇଟା ପତ୍ନୀ ସ୍ୱାମୀ ପାଇଁ ଗୁରୁ ବୋଝ ହୋଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ପ୍ରଥମ ପୃଷ୍ଠାରୁ...

### ରାସ୍ତାକୁ ଓହ୍ଲାଇଲେ...

ଆଉ ପରୀକ୍ଷା ଦେବାକୁ ରାଜି ନାହାନ୍ତି। ଆଉ ଥରେ ପରୀକ୍ଷା ଦେବାକୁ ପିଲାମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। କାରଣ ପରୀକ୍ଷା ଦେଲେ ଯୁକ୍ତ୨ରେ ନାମ ଲେଖାଇବାରେ ବିଳମ୍ବ ହୋଇଯିବ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନରେ କଟକ କଲେଜ ଛକ ଏବଂ ତୁଳସୀପୁର ସ୍ଥିତ ୨ଟି ଘରୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଏବଂ ଅଭିବାବକମାନେ ପ୍ରଥମେ ହୋହଲ୍ଲା କରିଥିଲେ। କେଉଁ କାରଣରୁ ପିଲାଙ୍କ ମାର୍କ କମିଲା ସେ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଭିଭାବକ ଅଭିଯୋଗ କରିଥିଲେ। ତେବେ ଏନେଇ ସ୍କୁଲ କର୍ତ୍ତୃପକ୍ଷ ବୋର୍ଡକୁ ଦାୟୀ କରିଥିଲେ। ଏହାପରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଏବଂ ଅଭିଭାବକ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ମଙ୍ଗଳାବାଗ ଥାନା ପୋଲିସ ସେମାନଙ୍କୁ ରାସ୍ତାରୁ ହଟାଇଥିଲେ। ହେଲେ ଛାତ୍ରୀଛାତ୍ର ସେଠାରୁ ଉଠି ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବସି ପ୍ରତିବାଦ କରିଥିଲେ। ଏପରିକି ନମ୍ବର ପୁନର୍ବିଚାର କରିବା ପାଇଁ ଦାବି କରିଥିଲେ। ରାଜ୍ୟର ବିଭିନ୍ନ ଜିଲାର ପିଲା ଓ ଅଭିଭାବକମାନେ ବୋର୍ଡ ଅଫିସ ଆଗରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଭୁବନେଶ୍ୱର ବ୍ରହ୍ମେଶ୍ୱର ସରକାରୀ ହାଇସ୍କୁଲରେ ଛାତ୍ରୀଛାତ୍ରମାନେ ମଧ୍ୟ ବିକ୍ଷୋଭ କରିଛନ୍ତି। ସେମାନେ ଏଭଳି ଅନିୟମିତତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଅନୁରୂପ ଭାବେ ପୁରୀ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭଦ୍ରକ ପୁରୁଣା ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର, ନବରଙ୍ଗପୁର ଜିଲା ଉମରକୋଟ ସରସ୍ୱତୀ ଶିଶୁ ମନ୍ଦିର, କୋରାପୁଟ ଜିଲା ବୋରିଗୁମା ହାଇସ୍କୁଲ ଛାତ୍ରୀଛାତ୍ର ଅଭିଭାବକମାନେ ମଧ୍ୟ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବୋର୍ଡ ସଭାପତି ରାମାଶିଷ ହାଜରା। ସେ କହିଛନ୍ତି ଯେ, ସବୁ କିଛି ସ୍ୱଚ୍ଛତାର ସହ ହୋଇଛି। ମାଟ୍ରିକ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନି। ସ୍କୁଲଗୁଡ଼ିକରୁ ଯାହା ନମ୍ବର ଆସିଥିଲା ତାହାର ତର୍ଜମା କରି ପିଲାଙ୍କୁ ନମ୍ବର ଦିଆଯାଇଛି। ୨ଟି ପରୀକ୍ଷା ଓ ୪ ବର୍ଷର ପରମ୍ପରାମାନ୍ସ ଦେଖି ନମ୍ବର ଦିଆଯାଇଥିବା ସେ କହିଛନ୍ତି। କିଛି ସ୍କୁଲ ଅଧିକ ନମ୍ବର ଦେଇଥିଲେ, ପରେ ତାହାର ମଧ୍ୟ ତର୍ଜମା କରି ନମ୍ବର ଦିଆଯାଇଥିବା ସେ କହିଛନ୍ତି। ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଅଫ୍‌ଲାଇନରେ ଆଗାମୀ ଦିନରେ ପରୀକ୍ଷା ଦେଇପାରିବେ। ଯାହା ହୋଇଛି ତାହା ସରକାରୀ ନିୟମାନୁସାରେ ହୋଇଛି। ଅନେକ ପିଲା ନମ୍ବରକୁ ନେଇ ସନ୍ତୁଷ୍ଟ ନାହାନ୍ତି। ଯଦି ସେମାନେ ଚାହିଁବେ ଆଗାମୀ ସମୟରେ ବିନା କୌଣସି ବାଧାରେ ପରୀକ୍ଷା ଦେଇ ଅଧିକ ନମ୍ବର ରଖିପାରିବେ ବୋଲି ବୋର୍ଡ ସଭାପତି କହିଛନ୍ତି।

### ଯୁକ୍ତ ୨ ନାମଲେଖାରେ...

ସୂଚନାଯୋଗ୍ୟ, କରୋନା ଯୋଗୁ ଏଥର ମାଟ୍ରିକ୍ ପରୀକ୍ଷା ହୋଇପାରି ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରି ଫଳ ପ୍ରକାଶ କରାଯାଇଛି। ରେକର୍ଡ ସଂଖ୍ୟକ ୯୭.୮% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଅନ୍ୟପକ୍ଷରେ ସିବିଏସ୍ଇ ଓ ଆଇସିଏସ୍ଇ ପରୀକ୍ଷା ଫଳ ଏଯାଏ ପ୍ରକାଶ ପାଇନାହିଁ। ସବୁ ରେଜଲ୍ଟ ବାହାରି ସାରିବା ପରେ ସବୁ ପିଲାଙ୍କୁ କଲେଜରେ ନାମ ଲେଖାଇବା ପାଇଁ ସୁଯୋଗ ମିଳି ନ ପାରେ ବୋଲି ଆଶଙ୍କା କରାଯାଉଛି। କାରଣ ରାଜ୍ୟର ବିଭିନ୍ନ କଲେଜରେ ଆବଶ୍ୟକତା ଅନୁଯାୟୀ ସିଟ୍ ନାହିଁ। ପ୍ରତିବର୍ଷ କଲେଜରେ ପ୍ରାୟ ଏକ ଲକ୍ଷ ସିଟ୍ ଖାଲି ପଡୁଥିବାବେଳେ ଏବର୍ଷ କିନ୍ତୁ ଅଧିକ ପାସ୍ ହାର ପାଇଁ ସିଟ୍ ସମସ୍ୟା ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

### 'ଅଗ୍ନି ପ୍ରାଇମ'ର...

୧୦୦୦ରୁ ୨୦୦୦ କିଲୋମିଟର ରହିଛି। ଅଗ୍ନି–୩ ଓ ଅଗ୍ନି–୪କୁ ବିକଶିତ କରାଯାଇ ପ୍ରସ୍ତୁତ ହୋଇଥିବା ଅଗ୍ନି ପ୍ରାଇମ୍‌କୁ ଅଗ୍ନି– ୧ର ନୂଆ ସଂସ୍କରଣ ବୋଲି କୁହାଯାଉଛି। ଅଗ୍ନି ସିରିଜର ପ୍ରଥମ ମିଶାଇଲ ୧୯୮୯ରେ ପରୀକ୍ଷଣ ହୋଇଥିଲା। ଏହାର ଲକ୍ଷ୍ୟଭେଦ କ୍ଷମତା ୭ଶହରୁ ୮ଶହ କିଲୋମିଟର ପର୍ଯ୍ୟନ୍ତ ରହିଥିଲା। ୨୦୦୪ରେ ଏହାକୁ ସେନାରେ ସାମିଲ କରାଯାଇଥିଲା। କରୋନା କଟକଣା ପାଇଁ କିଛିଦିନ ପରୀକ୍ଷଣ ଧିମେଇ ଯାଇଥିବା ବେଳେ ଏବେ ଡିଆର୍‌ଡିଓ ପକ୍ଷରୁ ପରୀକ୍ଷଣକୁ ତ୍ୱରାନ୍ୱିତ କରାଯାଇଛି। ମହାମାରୀ କରୋନା ମୁକାବିଲାରେ ଡିଆରଡିଓ ସାମିଲ ହୋଇଥିବା ବେଳେ ନିକଟରେ ବିଭିନ୍ନ ରେଞ୍ଜରେ କ୍ଷେପଣାସ୍ତ୍ର ଓ ରକେଟ ପରୀକ୍ଷଣ ଆରମ୍ଭ କରିଦେଇଛି। ତେବେ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ଡିଆର୍‌ଡିଓ ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

### ବଂଶୀଧର ମାଝି...

ଏନ୍‌ଆଇଟି ରାଉରକେଲା ସହିତ ଜଡ଼ିତ ଅଛନ୍ତି। ୨୦୧୭ରୁ ସେ ଆଇଆଇଆଇଟିଡିଏମ୍‌ରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଏନ୍‌ବିଏ ଏବଂ ନାକ୍ ପରି ବିଭିନ୍ନ ମାନ୍ୟତା କମିଟିର ସଦସ୍ୟ ଅଛନ୍ତି। ତାଙ୍କର ୮୦ଟି ଗବେଷଣା ବିଭିନ୍ନ ଜର୍ନାଲରେ ପ୍ରକାଶ ପାଇଛି। ୧୮ଜଣ ପିଏଚ୍‌ଡି, ୭୦ଜଣ ଏମ୍‌ଟେକ୍ ଓ ୮ଜଣ ରିସର୍ଚ୍ଚ ସ୍କଲାରଙ୍କୁ ମାର୍ଗଦର୍ଶନ କରିଛନ୍ତି। ୨୦୧୬ରେ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାର ପ୍ରଫେସର ମାଝିଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରିଥିଲେ।

### ରେଡ୍ ଜୋନ୍...

ସଂକ୍ରମଣ ହାର ୫ ପ୍ରତିଶତରୁ କମ୍ ଥିବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୭ ଜିଲାକୁ କାଟାଗୋରି–ଏରେ ରଖାଯାଇଥିବା ବେଳେ ଉପକୂଳବର୍ତ୍ତୀ ୧୩ ଜିଲାକୁ ବି କାଟାଗୋରିରେ ରଖାଯାଇଛି। କାଟାଗୋରି–'ଏ' ଜିଲାଗୁଡ଼ିକରେ ସକାଳ ୬ରୁ ସନ୍ଧ୍ୟା ୫ଟା ଯାଏ ସମସ୍ତ ଦୋକାନ ବଜାର ଖୋଲା ରହୁଥିବା ବେଳେ କାଟାଗୋରି–'ବି'ରେ ଥିବା ଜିଲାଗୁଡ଼ିକରେ ସକାଳ ୬ଟାରୁ ଦିନ ୧ଟା ଯାଏ ଅତ୍ୟାବଶ୍ୟକ ଦୋକାନ ଖୋଲା ରହୁଛି। ଏଥିସହିତ ଉଠା ଦୋକାନୀ, ବୁଲା ବିକାଳି, ଜଳଖିଆ ଦୋକାନୀମାନଙ୍କୁ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଛି। ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମଗ୍ର ରାଜ୍ୟରେ ମିଠା ଦୋକାନ ଖୋଲା ରହୁଛି। ମିଳିଥିବା ସୂଚନା ଅନୁଯାୟୀ ଏବେ ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଓ ମାଲକାନଗିରି ଜିଲାରେ ସଂକ୍ରମଣ ହାର ୫ରୁ ୮ ପ୍ରତିଶତ ଥିବାରୁ ଏହାକୁ 'ୟେଲୋ ଜୋନ୍' ଏବଂ ମୟୂରଭଞ୍ଜ, ବାଲେଶ୍ୱର, କଟକ, ଖୋର୍ଦ୍ଧା ଏବଂ ପୁରୀରେ ସଂକ୍ରମଣ ହାର ୮ରୁ ୧୧ ପ୍ରତିଶତ ମଧ୍ୟରେ ରହୁଥିବାରୁ ଏସବୁ ଜିଲାକୁ 'ରେଡ୍ ଜୋନ୍' ତାଲିକାରେ ରହିଛି।

### ଓଡ଼ିଶାରେ ସଂକ୍ରମଣ...

ଓ ପଶ୍ଚିମବଙ୍ଗରେ ସଂକ୍ରମଣ ହାର ଜାତୀୟ ହାରଠାରୁ ଅଧିକ ରହୁଛି। ସେହିପରି ଦେଶର ୮୦ ଜିଲାରେ ଏବେ ବି ସଂକ୍ରକଣ ହାର ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ଗବେଷଣା ସଚିବ ଡା. ବଳରାମ ଭାର୍ଗବ କହିଛନ୍ତି। ବର୍ତ୍ତମାନ ଦେଶରେ ସଂକ୍ରମଣ ହାର ୩% ତଳେ ରହୁଥିବାବେଳେ ଓଡ଼ିଶାରେ ୫% ଉପରେ ରହୁଛି। ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ଅନୁସାରେ ଦେଶରେ ୨.୯% ସଂକ୍ରମଣ ରହିଛି। ଏହି ସମୟରେ ଓଡ଼ିଶାରେ ୬୬,୧୦୯ ନମୁନା ପରୀକ୍ଷା ହୋଇଥିବାବେଳେ ୩,୩୧୯ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୫.୦୨% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଟକରୁ ସର୍ବାଧିକ ୫୬୬ ଥିବାବେଳେ ଖୋର୍ଦ୍ଧାରୁ ୪୪୦ ଓ ବାଲେଶ୍ୱରରୁ ୩୯୭ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୯,୦୩,୮୯ରେ ପହଞ୍ଚିଛି।

ଅନ୍ୟପଟେ ରାଜ୍ୟରେ ଆଉ ୪୩ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୯ଜଣ ଥିବାବେଳେ ବରଗଡ଼, ନୟାଗଡ଼ ଓ ପୁରୀରୁ ୫ଜଣ ଲେଖାଏ, ସୁନ୍ଦରଗଡ଼ରୁ ୪ଜଣ, ଭଦ୍ରକ, କଟକ ଓ ଗଞ୍ଜାମରୁ ୩ଜଣ ଲେଖାଏ, ଢେଙ୍କାନାଳରୁ ୨, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୯୩୦କୁ ବୃଦ୍ଧି ପାଇଛି।

# ପୋଖରୀ ନିଲାମକୁ ନେଇ ହତ୍ୟା ଯୋଜନା

## ପୂର୍ବତନ କୁଳପତିଙ୍କ ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚନ

**ଝାରସୁଗୁଡ଼ା ଅଫିସ,୨୮।୬**

**ଜେଲ୍ ଗଲେ ଅଭିଯୁକ୍ତ**


ଗିରଫ ହତ୍ୟାକାରୀ ପ୍ରବୀଣ ଧୁରୁଆ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଧ୍ରୁବରାଜ ନାଏକ(୮୪)ଙ୍କୁ ତାଙ୍କ ଗ୍ରାମର ପ୍ରବୀଣ ଧୁରୁଆ(୨୦) ରବିବାର ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣାର ଗୋଟିଏ ଦିନ ପରେ ପୋଲିସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛି। ପୋଖରୀ ନିଲାମକୁ ନେଇ ହତ୍ୟା ଯୋଜନା ହୋଇଥିଲା। ପୋଲିସ ଅଭିଯୁକ୍ତ ପ୍ରବୀଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ସେଠାରୁ ତାଙ୍କୁ ଝାରସୁଗୁଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାସ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଝାରସୁଗୁଡ଼ା ଜିଲା ଲଇକେରା ଥାନା କୁଅଁରମାଲ ଗ୍ରାମରେ ଡ. ନାଏକଙ୍କ ୨ଟି ପୋଖରୀ ରହିଛି। ଏହି ପୋଖରୀରୁ ଗ୍ରାମର ଗଣ୍ଡ ସମ୍ପ୍ରଦାୟର ଲୋକେ ମାଛମାରି ଖାଇଆସୁଥିଲେ। ୩ବର୍ଷ ତଳେ ସେ ଉକ୍ତ ପୋଖରୀକୁ ନିକଟସ୍ଥ କୁମାରୀ ଗ୍ରାମର ଅଞ୍ଜନ କୁମାର ବାଗ୍‌ଙ୍କୁ ୧ଲକ୍ଷ ୨୦ହଜାର ଟଙ୍କାରେ ନିଲାମ ଦେଇଥିଲେ। ଅଞ୍ଜନ ମାଛଚାଷ କରୁଥିବାବେଳେ ଜଗାରଖା ପାଇଁ ପୋଖରୀ କୂଳରେ ଅସ୍ଥାୟୀ କୁଡିଆ କରିଛନ୍ତି। ଏହାକୁ ଗ୍ରାମର କେତେଜଣ ଗଣ୍ଡ ସମ୍ପ୍ରଦାୟର ଲୋକ ବିରୋଧ କରିବାରୁ ଅଞ୍ଜନ ଗତ ୨ତାରିଖରେ ଲଇକେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗ୍ରାମର ପ୍ରବୀଣ ଧୁରୁଆ, ରାଜା ଧୁରୁଆ ଓ ସୁଜନ ଧୁରୁଆଙ୍କ ନାମରେ ମାମଲା (ନଂ୧୩୨/୨୧) ରୁଜୁ କରିଥିଲା। ପୋଲିସ ଏହି ୩ଜଣଙ୍କୁ ଗିରଫକରି ଥାନାରୁ ନୋଟିସ୍ ଦେଇ ଛାଡିଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ପ୍ରବୀଣ ରବିବାର ଏକ ଟାଙ୍ଗିଆଧରି ଡ. ନାଏକଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ପ୍ରବୀଣ ଉତ୍‌କ୍ଷିପ୍ତ ହୋଇ ଡ. ନାଏକଙ୍କୁ ଟାଙ୍ଗିଆରେ ଚୋଟ ପକାଇଥିଲା। ଫଳରେ ତାଙ୍କ ବେକରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମୁଦ୍ରାଯୋର ହସ୍ପିଟାଲ୍ ପରେ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ. ନାଏକଙ୍କ ଭଣଜା ଉଦୟ ପଟେଲ ତାଙ୍କ ମାମୁଙ୍କୁ ହତ୍ୟା କରାଯାଇଥିବା ନେଇ ଲଇକେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା (ନଂ୧୫୯/୨୧) ରୁଜୁକରି ତଦନ୍ତ ଚଳାଇଛି।


# classifieds Everyday
0674-2580101, 2549302

real estate

**SALE**

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

"Residential plot for sale near Gundicha Temple PURI having 30' wide road and ready for registration with possession. Contact: Bhawani 7878852388" D-20959

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/-ରେ ମିଳୁଛି। Contact: 7008045582, 7749800648.** D-20926

**PURCHASE**

**Land required in Bhubaneswar & Puri for outright/share basis for apartment/duplex and ploted scheme. Interested land owner please Contact:9438109040/8144658008.** D-20970

to-let

Ground floor independent 2roomed vacant house, Laxmi Sagar, Bhubaneswar. Contact: 9625392682, 9437557580. D-70715

**Duplex house facing Kargil road, Lingaraj Vihar, Pokhariput for rent. Ground floor, 2BHK, Garden, Garage. First floor 1BHK, Terrace. Contact: 8147335861, 7892589228.** D-20954

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

healthcare

Newly open Spa offer @ 699/-, Positively health benefits, Jaydevvihar. 7846814019. D-59994

business

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue an affidavit before Executive Magistrate, Dhenkanal on 25.6.2021. I Sujata Das by surname Majhi Samanta to Das after my marriage to Shashikanta Das. So I shall be known as Sujata Das for all purpose. D-70330

**LEGAL NOTICE**

ମୁଁ ଲକ୍ଷ୍ମୀ ପାଢ଼ୀ, ୭୧ବର୍ଷ, ସ୍ୱା: ମୃତ ଗଣପତି ପାଢ଼ୀ, ଗ୍ରାମ/ପୋଷ୍ଟ/ଥାନା/ତହସିଲ: ଶେରଗଡ଼ ସୂଚିତ କରେକି ମୌଜା: ଶେରଗଡ଼ ଖାତା–୧୮୬, ପ୍ଲଟ୍ ନଂ. ୯୪୪ ଜମିଟି ମୋର ସ୍ୱାମୀ ଓ ଦେଢଶୁର ମୃତ ଗାଣ୍ଟୁ ପାଢ଼ୀ ନାମରେ ଅଛି। ଏହି ଜମି ମୋର ଦ୍ୱିତୀୟ ପୁତ୍ର ଶରତ ଚନ୍ଦ୍ର ପାଢ଼ୀ ନାମରେ ପରିବର୍ତ୍ତନ କରି ପଟ୍ଟା କରୁଅଛି।
ଏହା ଉପରେ କାହାର ଆପତ୍ତି ଥିଲେ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଶେରଗଡ଼ ରାଜସ୍ୱ ନିରୀକ୍ଷକଙ୍କୁ ଜଣା କରିବେ।
ଇତି– ଲକ୍ଷ୍ମୀ ପାଢ଼ୀ, ସ୍ୱା: ୰ଗଣପତି ପାଢ଼ୀ, ଶେରଗଡ଼। ଧ–୨୦୯୬୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମନକଥାକୁ ମନରେ ରଖି ସୁଯୋଗକୁ ଅପେକ୍ଷା କଲେ ଯାହା ଚାହୁଁଛନ୍ତି ତାହା ପାଇଯିବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବା ଆଶଙ୍କା ରହିଛି। କୃତ୍ତିକା ନକ୍ଷତ୍ର ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପର କଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ**
ଆଜି ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ମୃଗଶିରା ନକ୍ଷତ୍ରର ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। ପୁନର୍ବସୁ ନକ୍ଷତ୍ର ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ।

**କର୍କଟ**
ଶନିଙ୍କ ପ୍ରଭାବରେ ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସଜଡା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣକାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ବିଗତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମଘା ନକ୍ଷତ୍ର ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇପାରିବେ ନାହିଁ। ହସ୍ତା ନକ୍ଷତ୍ର ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା**
ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଯଥା ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଜ୍ୟେଷ୍ଠା ନକ୍ଷତ୍ରର ପରିବହନ, ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡିବ। ପୂର୍ବଷାଢା ନକ୍ଷତ୍ର ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର**
ମାନସିକ ଅସ୍ଥିରତା କାରଣରୁ ଶତ୍ରୁତା କଲେ ମଧ୍ୟ ଗ୍ରହ ପ୍ରଭାବରୁ ସମସ୍ତେ ଦୂରେଇ ରହିବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଉତ୍ତରାଷାଢା ନକ୍ଷତ୍ର ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କର୍ମାରମ୍ଭ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ତରବର ନ ହୋଇ ପରିବାର ସହ ଆଲୋଚନା କରିବା ଭଲ। ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଶତଭିଷା ନକ୍ଷତ୍ର ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟସ୍ୱଜନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ମୀନ**
ଆଜି ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ଦୁଃଖ ଅନୁଭବ କରିପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ରର ହଠାତ୍ ଜଣେ ପଦସ୍ଥଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଆଷାଢ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ମଙ୍ଗଳବାର, ଜୁନ୍ ୨୯ ତାରିଖ, ଶ୍ରୀମନ୍ଦିରରେ ଅନବସର ୫ମୀ ଓ ଫୁଲୁରୀ ଲାଗି, ଶରଣଂ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ, ରାଶିନକ୍ଷତ୍ର–୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀପାର୍ବଣ ଶ୍ରାଦ୍ଧ। ଶତଭିଷା/କୁମ୍ଭ, ମକର ରାଶିର ଘାତବାର, ଅଦ୍ୟ ବ୍ରତୋପନୟନ, ସକାଳ ଘ.୦୫.୧୪ମି. ଗତେ ଘ.୦୭.୫୨ମି. ମଧ୍ୟେ, ଘ.୦୯.୩୮ମି. ଗତେ ଘ.୧୨.୧୬ମି. ମଧ୍ୟେ, ଘ.୦୩.୪୭ମି. ଗତେ ଘ.୦୪.୪୦ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୩.୪୭ମି. ମଧ୍ୟେ, ଘ.୦୪.୪୦ମି. ଗତେ ଘ.୦୫.୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୩.୦୭ମି. ଗତେ ଘ.୦୪.୪୬ମି. ମଧ୍ୟେ ରାହୁକାଳ।

## ମଙ୍ଗଳସୂତ୍ର ଝାମ୍ପି ନେଲେ ଦୁର୍ବୃତ୍ତ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ଥାନା କୁଆନଳା ଗ୍ରାମର ରଶ୍ମିତା ପଣ୍ଡାଙ୍କ ବେକରୁ ସୋମବାର ଦୁର୍ବୃତ୍ତମାନେ ସୁନା ମଙ୍ଗଳସୂତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ରଶ୍ମିତା ତାଙ୍କ ମା’ ଦିପ୍ତିମୟୀଙ୍କ ସହ କୌଣସି କାମରେ ବୁଗୁଡ଼ା ମେଡିକାଲକୁ ଆସିଥିଲେ। ସେଠାରୁ କାମ ସାରି ଟଙ୍କା ଉଠାଇବା ପାଇଁ ହାଇସ୍କୁଲ ଛକ ବିଇଓ ଅଫିସ ସାମ୍ନାରେ ଥିବା ଏସ୍‌ବିଆଇ ଏଟିଏମକୁ ଯାଇ ଫେରିବା ବେଳେ ୨ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ରଶ୍ମିତାଙ୍କ ବେକରୁ ମଙ୍ଗଳସୂତ୍ରଟିକୁ ଝାମ୍ପି ନେଇ ବାଲିପଦର ଅଭିମୁଖେ ପଳାଇଥିଲେ। ଏ ନେଇ ରଶ୍ମିତା ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସି ଟିଭି ଯାଞ୍ଚ କରୁଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

## ସଂକ୍ଷେପରେ

### ଦୁର୍ନୀତିକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ

ବୁଗୁଡ଼ା,୨୮।୬(ଡି.ଏନ.ଏ.): ବୁଗୁଡା ବ୍ଲକରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ନେଇ ସୋମବାର ସ୍ଥାନୀୟ ଭାଜପା ପକ୍ଷରୁ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ବ୍ଲକର ବହୁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବ୍ୟାପକ ହରିଲୁଟ ହୋଇଛି। ମେଶିନ ସାହାଯ୍ୟରେ କାର୍ଯ୍ୟ ସମ୍ପାଦନ, ମୃତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବା, ରାଶନ କାର୍ଡ ପ୍ରଦାନରେ ଦୁର୍ନୀତି, ପଞ୍ଚାୟତକୁ ଆସୁଥିବା ଚାଉଳ ଅଖାରେ ଦୁର୍ନୀତି ହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଜିଲା ସଭାପତି ମଲ୍ଲିକ ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ, ବିଧାୟକ ଓ ଜିଲା ପ୍ରଶାସନର ମଧୁଚନ୍ଦ୍ରିକାରେ ଏସବୁ ଦୁର୍ନୀତି ହେଉଛି ବୋଲି ସେ କହିଥିଲେ। ଦୁର୍ନୀତିଗ୍ରସ୍ତ ବ୍ଲକ ପ୍ରଶାସନ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଏବଂ ବିଡିଓ ତନ୍ମୟ ପାତ୍ରଙ୍କୁ ବଦଳି କରିବା ସହ ଉପରୋକ୍ତ ଦାବି ଗୁଡିକ ଯଦି ୧୫ ଦିନ ମଧରେ ତଦନ୍ତ ନ ହୁଏ ତା’ହେଲେ ଭାଜପା ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ଘୁମୁସର ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଜୟନ୍ତୀ ପଢିହାରି, ସୂର୍ଯ୍ୟ ନାରାୟଣ ମହାନ୍ତି, କେଦାର ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଦିଗପହଣ୍ଡି,୨୮।୬(ଡି.ଏନ.ଏ.): ଦିଗପହଣ୍ଡି ପୋଲିସ ଡକାୟତି ଯୋଜନା କରୁଥିବା ୫ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ବଡ ବଜାର ଥାନା ଅଞ୍ଚଳର ବାଦଲ ନାୟକ, ବ୍ରହ୍ମପୁର ଫାଷ୍ଟ ଗେଟ ଗାୟତ୍ରୀ ନଗରର ସନ୍ତୋଷ ସାହୁ, ପ୍ରହଲ୍ଲାଦ ନଗରର କାଳିଆ ସାହୁ, ଗ୍ରାମଦେବତୀ ସାହିର ପିଣ୍ଟୁ ବେହେରା, ଫାଷ୍ଟ ଗେଟ ବର୍ମା କଲୋନୀର ବିଳାସ ମହାପାତ୍ର। ମାମଲା ନଂ. ୧୬୨/୨୧ ଅନୁସାରେ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଦିଗପହଣ୍ଡି ଥାନା ପକ୍ଷରୁ ଗଠିତ ସ୍ପେଶାଲ ସ୍କ୍ୱାର୍ଡ ରବିବାର ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। କୈଁଠଡ଼ା ପଞ୍ଚାୟତ କାଶୀ ବିଶ୍ୱନାଥ ଶୈବ ପୀଠ ଯିବାରାସ୍ତାର କମଳାପୁର ଛକ ନିକଟ ଏକ ଗଛ ମୂଳରେ ଅଭିଯୁକ୍ତମାନେ ବସି ଡକାୟତି ପାଇଁ ଯୋଜନା ଚଳାଇଥିଲେ। ଖବର ପାଇ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ୪ ହାତ ବୋମା, ଭୁଜାଲି, ଖଣ୍ଡା, ଲୁହାଛଡ଼, ବ୍ୟବହୃତ ଖାଲି ବିଦେଶୀ ମଦ ବୋତଲ, ପ୍ଲାଷ୍ଟିକ ଜରି ଗ୍ଲାସ ସମେତ ୫ ମୋବାଇଲ ଫୋନ ଜବତ ହୋଇଛି।

### ୪ ବାଲି ଟ୍ରାକ୍ଟର ଜବତ

ଶେରଗଡ,୨୮।୬(ଡି.ଏନ.ଏ.): ଶେରଗଡ଼ ବ୍ଲକ ଗୋଠଗାଁ ଗ୍ରାମ ଘୋଡ଼ହଡ଼ ନଦୀ ପଠାରୁ ବେଆଇନ ବାଲି ଚାଲାଣ ହେଉଥିବା ୪ ଟ୍ରାକ୍ଟରକୁ ସୋମବାର ଜବତ କରାଯାଇଛି। ଚୋରା ଚାଲାଣ ଅଭିଯୋଗରେ ଟ୍ରାକ୍ଟର ମାଲିକମାନଙ୍କଠାରୁ ୧୦ ହଜାର ଲେଖାଏ ସମୁଦାୟ ୪୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ବେଆଇନ ବାଲି ଚାଲାଣ ରୋକିବାକୁ ତହସିଲ ପକ୍ଷରୁ ରାତିରେ ଏକ ଟିମ ଗଠନ କରାଯାଇଛି ବୋଲି ତହସିଲଦାର ଡ.ଦୟାସିନ୍ଧୁ ପରିଡା କହିଛନ୍ତି। ଚଢ଼ାଉରେ ଥାନାଧିକାରୀ ମମତା ସାମନ୍ତରାୟ, ଏଏସ୍‌ଆଇ ବିଷ୍ଣୁ ପ୍ରସାଦ ଦାଶ ସାମିଲ ଥିଲେ।

# ୭୨ ଛାତ୍ରୀଛାତ୍ରଙ୍କ ମାଟ୍ରିକ ଫଳ ପ୍ରକାଶ ପାଇଲାନି

## ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭଞ୍ଜନଗର,୨୮।୬(ଡି.ଏନ୍.ଏ.)


ଛାତ୍ରୀଛାତ୍ରମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଭଞ୍ଜନଗରସ୍ଥିତ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ୭୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଏମାନେ ଦୂର ନିରନ୍ତର ଶିକ୍ଷାରେ ନାମ ଲେଖାଇଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ନ ପାଇବାରୁ ବିବାଦ ଦେଖାଦେଇଛି। ସୋମବାର ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କ ସହ ଆସି ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରେଗୁଲାର ଛାତ୍ରୀଛାତ୍ରଙ୍କ ଭଳି ଆମର ପରୀକ୍ଷା ଫଳ ତୁରନ୍ତ ପ୍ରକାଶ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଫଳ ପ୍ରକାଶ କରା ନ ଗଲେ ଆମ ଭବିଷ୍ୟତ ଅନ୍ଧକାର ହୋଇପଡ଼ିବ। ପରେ ଯେଉଁ ସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ ଦାୟୀ ରହିବ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ସମସ୍ୟା ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସରକାର ଅନୁମତି ଦେଇନାହାନ୍ତି। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଗତ ଦିନରେ ଲେମ୍ବେଇ ହାଇସ୍କୁଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଦେବା ବ୍ୟବସ୍ଥା କରୁଥିଲେ। ୨୦୨୦-୨୧ ଶିକ୍ଷା ବର୍ଷ ପୂର୍ବରୁ ବିଦ୍ୟାଳୟକୁ ଅନୁମତି ମିଳିବାର ଥିଲା। ହେଲେ ଶିକ୍ଷା ବିଭାଗ ଶେଷ ମୁହୂର୍ତ୍ତରେ ହାଇସ୍କୁଲକୁ ଅନୁମୋଦନ ଦେଇ ନଥିଲା। ସେତବେଳେକୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ସରିଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ହରଡ଼ଘଣାରେ ପଡ଼ିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦେଖି ବିକଳ୍ପ ଭାବେ ଦୂର ନିରନ୍ତର ଶିକ୍ଷାରେ ନାମ ଲେଖାଇ ଦେଇଥିଲେ। କରୋନା ଯୋଗୁ ସରକାର ମାଟ୍ରକ ପରୀକ୍ଷା ବାତିଲ କରିଥିଲେ। ବିକଳ୍ପ ବ୍ୟବସ୍ଥା ଯୋଗେ ଛାତ୍ରୀଛାତ୍ରଙ୍କ ମୂଲ୍ୟାଙ୍କନ କରାଯାଇଥିବା ବେଳେ ଦୂର ନିରନ୍ତର ଶିକ୍ଷାରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରତି ଗୁରୁତ୍ୱ ଦିଆଯାଇନି। ଅନ୍ୟପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସୋମବାର ବୋର୍ଡ଼ କର୍ତ୍ତୃପକ୍ଷଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

# ୮ ମାସ ପରେ ଜଣେ ଗିରଫ

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୨୮।୬

ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିରେ ଜଣେ ମିକ୍ସଚର ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଅଭିଯୁକ୍ତ ଜଣକ ଲକ୍ଷ୍ମୀନୃସିଂହ ସାହି ତୃତୀୟ ଲାଇନର ସୁନୀଲ କୁମାର ମହାରଣା। କେସ୍ ନଂ.୨୦୯/୨୦ରେ ସୁନୀଲଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ୨୦୨୦ ଅକ୍ଟୋବର ୧୭ରେ ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ବ୍ୟବସାୟୀ ବି. ଶିବଶଙ୍କର ପାତ୍ରଙ୍କୁ ଦାଦାବଟି ଦାବି କରି କେତେଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲେ। ଶିବଶଙ୍କରଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଭଉଣୀ ବି.ସୁନୀତା ପାତ୍ରଙ୍କ ଉପରେ ଖଣ୍ଡା ଚୋଟ ପଡ଼ିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ସାହୁ ଓ ସାଗର ମୂଳିଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିଲା। ଏମାନେ ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ି ଜେଲ ଯାଇଥିଲେ। ପୋଲିସ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତି ନେଇ କୋର୍ଟରେ ରିମାଣ୍ଡ ରିପୋର୍ଟ ଦାଖଲ କରିଥିବା କହିଛି। ଅନ୍ୟତମ ଅଭିଯୁକ୍ତ ସୁନୀଲ ଫେରାର ଥିବା ବେଳେ ତାଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

# ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୋଷ


ଛାତ୍ରୀଛାତ୍ର, ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୁଷୋତ୍ତମପୁର,୨୮।୬(ଡି.ଏନ.ଏ.)

ମାଟ୍ରିକର ୪୫ଜଣ ମେଧାବୀ ଛାତ୍ରୀଛାତ୍ରଙ୍କ ରେଜଲ୍ଟ ଭଲ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ପୁରୁଷୋତ୍ତମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କୁ ଘେରାଉ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାର ସ୍ୱୀକୃତି ଦେଇଥିବା ବେଳେ ନବମ ଓ ଦଶମ ଶ୍ରେଣୀ ଲାଗି ସ୍ୱୀକୃତି ଦେଇନାହାନ୍ତି। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ନାମକୁ ଅନ୍ୟ ବିଦ୍ୟାଳୟରେ ଲେଖାଇ ଏଠାରେ ପାଠ ପଢ଼ାଇ ମୋଟା ଅଙ୍କର ଅର୍ଥ ରୋଜଗାର କରିଛନ୍ତି। ତୁରନ୍ତ ପିଲାଙ୍କୁ ଉପଯୁକ୍ତ ମାର୍କ ପ୍ରଦାନ କରିବାକୁ ସମସ୍ତେ ଦାବି କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ର କହିଛନ୍ତି, ଉକ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଲାଗି ସ୍ୱୀକୃତି ନାହିଁ। ମାତ୍ର ଅଭିଭାବକଙ୍କ ଅନୁରୋଧ ପ୍ରକାରେ ଓ ବିଦ୍ୟାଳୟ ପରିଚାଳନା କମିଟିର ନିର୍ଦ୍ଦେଶରେ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଯାଇ ପିଲାଙ୍କୁ ପଢାଯାଉଛି। ଚଳିତ ବର୍ଷ କବିସୂର୍ଯ୍ୟନଗର ଶିଶୁ ମନ୍ଦିରରେ ପିଲାଙ୍କ ନାମ ଲେଖାଯାଇଥିଲା। ମାର୍କ କମ୍ ରହିଥିବା ନେଇ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କ ଅପରାଧ ସମୀକ୍ଷା ବୈଠକ

ବ୍ରହ୍ମପୁର ଅଫିସ,୨୮।୬

ବ୍ରହ୍ମପୁର ପୋଲିସ ଜିଲା (ଟାଉନ୍ ସବ୍‌ଡିଭିଜନ)ର ଅପରାଧ ସମୀକ୍ଷା ବୈଠକ ସୋମବାର ଏସ୍‌ପି ପିନାକ ମିଶ୍ରଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟରେ ପୁରୁଣା କେସ୍‌ର ଫଇସଲା କରିବା ଓ ୱାରେଣ୍ଟ ଧରପଗଡ଼ ଉପରେ ଏଥିରେ ଆଲୋଚନା ହୋଇଥିଲା। ସେହିପରି ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଏଣିକି ଥାନାର ସମସ୍ତ ଫାଇଲ୍ କାମ ଓ ରେକର୍ଡ ଖୁବ୍‌ଶୀଘ୍ର ଡିଜିଟାଇଜେଶନ୍ କରି ଅନ୍‌ଲାଇନ୍‌ରେ ସମ୍ପାଦନ କରିବାକୁ ନିଷ୍ପତ୍ତି ହୋଇଛି।

## ୪ ମନ୍ଦିରରୁ ଚୋରି ଅଭିଯୋଗ

ହିଞ୍ଜିଳିକାଟୁ,୨୮।୬(ଡି.ଏନ.ଏ)

ହିଞ୍ଜିଳି ଥାନା ପିତଳ ଗ୍ରାମର ୪ଟି ମନ୍ଦିର ତାଲା ଭାଙ୍ଗି ରବିବାର ରାତିରେ ଦୁର୍ବୃତ୍ତମାନେ ଦାନ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ପିତଳ ଗ୍ରାମର ଉତ୍ତରେଶ୍ୱର ମନ୍ଦିର, ୨ଟି ଗ୍ରାମଦେବତୀ ମନ୍ଦିର ଓ ରଙ୍ଗଣି ସାହି ଠାକୁରାଣୀ ମନ୍ଦିରରେ ଚୋରି କରିଥିବା ସୋମବାର ଜଣାପଡିଛି। ଚୋରି ଟଙ୍କା ଓ ସାମଗ୍ରୀର ସଠିକ ତଥ୍ୟ ଜଣାପଡିନାହିଁ। ସିରିଜର ଚୋରି ଘଟଣା ନେଇ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଖବର ଲେଖା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ।

# ଦିଗପହଣ୍ଡିରୁ ଝାଡ଼ଖଣ୍ଡ ଚାଲାଣ

## ୩ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ଟ୍ରକ

ବ୍ରହ୍ମପୁର ଅଫିସ,୨୮।୬

ବ୍ରହ୍ମପୁର ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଜାତୀୟ ରାଜପଥରୁ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ସୋମବାର ବିପୁଳ ପରିମାଣ ଗଞ୍ଜେଇ ଜବତ କରିଛି। ଏକ ମିନିଟ୍ରକ୍‌ରେ ୩ଶହ କେଜି ୨୫୦ ଗ୍ରାମ ଗଞ୍ଜେଇ ଚାଲାଣ ବେଳେ ତାହା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଗାଡ଼ି ଡ୍ରାଇଭର ବିହାର ଭୋଜପୁର ଜିଲାର ଦବ୍ଲୁ ଖାନ୍(୪୦)ଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଝାଡ଼ଖଣ୍ଡ ଚାଲାଣ ହେଉଥିଲା ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ଶାନ୍ତନୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଆମ୍ବପୁଆ ଅଞ୍ଚଳରେ ବ୍ଲକିଂ କରି ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ମିନିଟ୍ରକ୍ (ନଂ ଜେଏଚ୍‌୦୫ ଏଏନ୍ ୦୫୪୯)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଗାଡ଼ି ଡାଲାରେ ପରିବା ନେବା ପାଇଁ ରହିଥିବା ପ୍ଲାଷ୍ଟିକ୍ ଟ୍ରେ ଭର୍ତ୍ତି ରହିଥିଲା। ତାହା ହଟାଇ ଦେଖିବା ପରେ ସେଠାରୁ ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇ ଦିଗପହଣ୍ଡି ଅଞ୍ଚଳର ଜଣେ ମାଫିଆଙ୍କ ଠାରୁ ସଂଗ୍ରହ କରି ଝାଡ଼ଖଣ୍ଡ ଚାଲାଣ କରାଯାଉଥିଲା ବୋଲି ତଦନ୍ତରେ ଜଣାପଡ଼ିଥିଲା।

# ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ


ସଂଘ କାର୍ଯ୍ୟାଳୟ ପରିସରରେ ଆଇନଜୀବୀଙ୍କ ଆନ୍ଦୋଳନ।

ବ୍ରହ୍ମପୁର ଅଫିସ,୨୮।୬

ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଆନ୍ଦୋଳନ ରବିବାର ଆରମ୍ଭ ହୋଇଛି। ରବିବାର ଛୁଟି ଥିବାରୁ ସୋମବାର ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ଫଳରେ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ଉପସଭାପତି ବି. ଭାଗୀରଥି ରାଓ, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, କପିଳେଶ୍ୱର ପଟ୍ଟନାୟକ, ଦୀପକ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ବଂଶୀଧର ପାଳ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ହୋତା, ଅସିତ ସାବତ, ପ୍ରଭୁଦତ୍ତ ଆଚାର୍ଯ୍ୟ, ନିର୍ମଳ ସାହୁ, ଅଶୋକ ଶୁକ୍ଳା, ସଞ୍ଜୟ ମିଶ୍ର, ଅକ୍ଷୟ ପଟ୍ଟନାୟକ, ବରୁଣ ଗୌଡ଼ ଓ ଅଜିତ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହୋଇଛି। କିନ୍ତୁ ସମସ୍ୟା ସମାଧାନରେ ସରକାରଙ୍କ ଉପେକ୍ଷା ଅବ୍ୟାହତ ରହିଛି। ୨୦୦୮ରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଫଳରେ ମାସ ମାସ ଧରି ଅଦାଲତ ବର୍ଜନ କରାଯାଇଥିଲା। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ତଥାପି ଦାବି ପୂରଣ ନ ହେବାରୁ ପ୍ରତିମାସର ଶେଷ ୪ ଦିନ କୋର୍ଟ ବର୍ଜନ ପାଇଁ ଓକିଲ ସଂଘ ନିଷ୍ପତ୍ତି ନେଇଥିଲା। ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି କହିଛନ୍ତି, ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି। ଏଣୁ ରାଜ୍ୟ ସରକାର ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଭିସିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

## ପ୍ରଥମ ଦିନରେ ୭୧ ଜଣ ଶୁଣାଣି

ଛତ୍ରପୁର,(ଡି.ଏନ୍.ଏ.)/ଗୋପାଳପୁର/ ବ୍ରହ୍ମପୁର ଅଫିସ, ୨୮।୬



ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲାପାଳ।

କରୋନା ମହାମାରୀ ଯୋଗୁ ଗଞ୍ଜାମ ଜିଲାରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ସୋମବାରଠାରୁ ପୁଣି ଏହା ଆରମ୍ଭ ହୋଇଛି। ମୋ ନିବେଦନ ପ୍ଲାଟଫର୍ମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସ (ଭିସି)ରେ ରଙ୍ଗେଇଲୁଣ୍ଡା ବ୍ଲକର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କରିଛନ୍ତି। ଜିଲାପାଳ କୁଲାଙ୍ଗେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରହି ଭିସିରେ ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଥିବା କେଲୁଆପଲ୍ଲୀ, ଗୋଳନ୍ଥରା, ରଙ୍ଗିପୁର, ନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ସେମାନଙ୍କ ଅଭିଯୋଗ ଓ ସମସ୍ୟା ଜଣାଇଥିଲେ। ମୋଟ ୭୧ଟି ଅଭିଯୋଗ ଆସିଥିବା ବେଳେ ୧୦ଟି ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ପ୍ରତି ସୋମବାର ଜିଲାସ୍ତରରେ ଓ ଶନିବାର ବ୍ଲକସ୍ତରରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନଲାଇନରେ ହେବ ବୋଲି ଜିଲାପାଳ କହିଛନ୍ତି। ବ୍ଲକଗୁଡ଼ିକୁ ନିର୍ଦ୍ଦିଷ୍ଟ ଦିନ ଓ ସମୟ ପ୍ରଦାନ କରାଯିବ। ପଞ୍ଚାୟତସ୍ତରରେ ଲାପ୍‌ଟପ୍ ମାଧ୍ୟମରେ ପୂର୍ବ ପ୍ରସ୍ତୁତି କରାଯିବ। ଏଥିରେ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାରମାନେ ସୁପରିଚାଳନା ଦାୟିତ୍ୱ ନିର୍ବାହ କରିବେ। ଅଧିକାରୀମାନେ ନିଜ ନିଜ କାର୍ଯ୍ୟାଳୟରେ ରହି ଅଭିଯୋଗଗୁଡ଼ିକର ଫଇସଲା ଦିଗରେ ସହଯୋଗ କରିବେ। ଅନ୍ୟପକ୍ଷରେ ମୋ ନିବେଦନ ପ୍ଲାଟଫର୍ମରେ ଏକ ୯୪୩୭୫୬୩୮୦୦ନମ୍ବର ମଧ ଜାରି କରାଯାଇଛି। ଏହି ହ୍ୱାଟସ ଆପ ନମ୍ବରରେ ମଧ ଜନସାଧାରଣ ନିଜ ଅଭିଯୋଗ ଓ ସମସ୍ୟା ଜଣାଇପାରିବେ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ସୁକାନ୍ତ ମିଶ୍ର, ବ୍ରହ୍ମପୁର ଉପଖଣ୍ଡ ଅଭିଯୋଗ ଶୁଣାଣି ଅଧିକାରୀ ବିନୋଦ ବେହେରା ଓ ସହକାରୀ ଜିଲାପାଳ ଡି.ମାଲେଶ୍ୱର ପାତ୍ର ଉପସ୍ଥିତ ଥିଲେ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକରେ ବିଡିଓ ପ୍ରସନ୍ନ କୁମାର ପାତ୍ର, କନିଷ୍ଠ ତହସିଲଦାର ତାପସ ରାଉତ, ଏବିଡିଓ ତ୍ରିପତି ବାଲାଜି ସାମନ୍ତରାୟ ରଙ୍ଗେଇଲୁଣ୍ଡା ବ୍ଲକର ଓଏସଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ସରପଞ୍ଚ ସସ୍ମିତା ଜେନା, ହିମାଂଶୁ ରାଓ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


କୃଷିଗତ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣ (ଏପିଇଡିଏ)
(ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର)
୩ୟ ମହଲା, ଏନସିୟୁଆଇ ବିଲ୍ଡିଂ, ୩ ସିରି ଇନଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, (ଏସିଆଡ୍ ଭିଲେଜ୍ ବିପରୀତ), ନୂଆଦିଲ୍ଲୀ ।
एपीडा APEDA

**କାଜୁ ରପ୍ତାନିକାରୀମାନେ ଧ୍ୟାନ ଦିଅନ୍ତୁ**

ଡିଜିଏଫ୍‌ଟି ଅଧିସୂଚନା ସଂ. ୬/୨୦୧୫-୨୦୨୦ ତାରିଖ ୧୪ ଜୁନ୍, ୨୦୨୧ ଅନୁସାରେ, କାଜୁ ମଞ୍ଜି, କାଜୁ ମଞ୍ଜି ଖୋଳପା ତେଲ, କାର୍ଡାନଲ ବର୍ତ୍ତମାନ ଏପିଇଡିଏର କ୍ଷେତ୍ରାଧିକାର ପରିସରଭୁକ୍ତ ହେବ । ରପ୍ତାନି ପାଇଁ କାଜୁ ରପ୍ତାନିକାରୀମାନେ ଏପିଇଡିଏଠାରୁ ପଞ୍ଜୀକରଣ-ତଥା-ସଦସ୍ୟତା-ପ୍ରମାଣପତ୍ର (ଆର୍‌ସିଏମ୍‌ସି) ହାସଲ କରିବା ବାଧ୍ୟତାମୂଳକ । ନିଜକୁ ଏପିଇଡିଏ ସହିତ ପଞ୍ଜୀକୃତ କରିବା ଏବଂ ପଞ୍ଜୀକରଣ-ତଥା-ସଦସ୍ୟତା-ପ୍ରମାଣପତ୍ର (ଆର୍‌ସିଏମ୍‌ସି) ହାସଲ କରିବା ଲାଗି ଆମେ ସମସ୍ତ କାଜୁ ରପ୍ତାନିକାରୀଙ୍କୁ ଆମନ୍ତ୍ରଣ କରୁଛୁ । ଯେଉଁମାନେ ପଞ୍ଜୀକରଣ ଏବଂ ବୈଧ ଆର୍‌ସିଏମ୍‌ସି ହାସଲ କରିସାରିଛନ୍ତି, ସେମାନେ ଏହି ବିଜ୍ଞାପନ ଜାରି ହେବାର ଏକମାସ ମଧରେ ଏପିଇଡିଏଠାରୁ ତାହାକୁ ଅନୁମୋଦନ କରାଇପାରନ୍ତି ।
ଅଧିକ ସୂଚନା ଏବଂ ସ୍ପଷ୍ଟୀକରଣ ପାଇଁ ଦୟାକରି ଏପିଇଡିଏ ୱେବ୍‌ସାଇଟ୍: www.apeda.gov.in ପରିଦର୍ଶନ କରନ୍ତୁ ।



**ପୂର୍ବ ତଟ ରେଳପଥ**

(1)ଟେଣ୍ଡର ବିଜ୍ଞପ୍ତି ସଂ.VSKP-ELECTG-21-22-WC-5,ତା.24.06.2021ରିଖ
କାର୍ଯ୍ୟର ନାମ : 02 ବର୍ଷ ନିମନ୍ତେ ରାୟଗଡ଼ା (କେଓଜଲା ଏବଂ ଗ୍ରାଉଣ୍ଡ ଟ୍ୟାଙ୍କ୍ ପମ୍ପ ହାଉସ୍) ଠାରେ ସିନିୟର ସେକ୍ସନ ଇଂଜିନିୟର/ରାୟଗଡ଼ା ପରିସୀମା ଅଧୀନସ୍ଥ ପମ୍ପ ସେଟ୍ ଏବଂ ସମ୍ପର୍କିତ DG ସେଟ୍‌ଗୁଡ଼ିକର ପରିଚ୍ଛଳନା ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 12,77,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- ।
(2)ଟେଣ୍ଡର ବିଜ୍ଞପ୍ତି ସଂ.VSKP-ELECTG-21-22-WC-6,ତା.24.06.2021ରିଖ
କାର୍ଯ୍ୟର ନାମ : 05 ବର୍ଷ ସମୟାବଧି ନିମନ୍ତେ ମଣ୍ଡଳ ରେଳ ଚିକିତ୍ସାଳୟ/ବିଶାଖାପାଟଣା ଠାରେ 20 ପାସେଞ୍ଜର କ୍ଷମତା ବିଶିଷ୍ଟ ଇଲେକ୍ଟ୍ରିକାଲ ଲିଫ୍ଟ (Elevator) ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 5,75,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- ।
ଶେଷ ହେବା ଅବଧି : 2 ବର୍ଷ (କ୍ରମ. ସଂ.1 ପାଇଁ), 5 ବର୍ଷ (କ୍ରମ. ସଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2021 ରିଖ 1330 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ: ତା.22.07.2021 ରିଖ 1600 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହିଭଳି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ମାନୁଆଲ ପ୍ରସ୍ତାବ ଉପରେ ଧ୍ୟାନ ଦିଆଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ), ୱାଲ୍ଟିୟର
PR-177/M/21-22



OHPC
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-07/2021-22 Dated: 25.07.2021

No. CAD-506: Sealed tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed manufacturers/authrozied dealers/ channel partners/reputed suppliers for supply of the following materials/providing services as mentioned below.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Water Supply Pumps and Sewerage Pumps with accessories for Power House. | 2,360/- (Inclusive of GST) | As per Annexure - 6 & Clause No. 1.5 | From 01.07.2021 to 15.07.2021 upto 13.00 hrs. | 15.07.2021 (upto 13.30 hrs.) | 15.07.2021 at 16.00 hrs. |

For details of the tender documents, terms and conditions please visit our website www.ohpcltd.com.
OIPR-32136/11/0005/2122 Sd./- Unit Head, UIHEP, Mukhiguda



ORISSA H&FW
DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012
Advertisement Reference No. 2684 Dated: 25.06.21
TRAINING OF GOVERNMENT DOCTORS

No. E-184: Applications are invited as per the following criteria from interested and committed regular in service State Govt. MBBS doctors for 1 year course of Post Graduate Diploma in Public Health Management for the year 2021-22. The candidates applying for the above course must not have completed/undergone any PG Degree, Diploma Course in any subject or any such similar courses viz LSAS/EmOC/USG Training/ Chemotherapy/Mental Health/ICU/CPS Diploma etc.

| Name of the Training | Duration | Training Organizing Institute | Eligibility Criteria |
|---|---|---|---|
| PG Diploma in Public Health Management | 1 Year | Indian Institute of Public Health, Bhubaneswar | Minimum 5 years of service completed and five years to retire 31st July 2021. |

All interested MBBS Doctors (OPSC Confirmed) are requested to apply to the Director, SIHFW, Odisha, Nayapalli, Unit - 8, Bhubaneswar - 751012, through proper channel (CDM & PHO of the districts/ Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in through Registered Post, Courier or in person. The application form can also be obtained from respective CDM & PHO Office/ Superintendent, Govt. Medical Colleges. Last date for receipt of application is 20th July 2021. No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, Phone No. 0674-2394336 & 0674-2395338.
OIPR-10003/11/0040/2122 Sd./- Director, SIH&FW (Odisha), Bhubaneswar

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା– ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। –ଶ୍ରୀଅରବିନ୍ଦ

# କଳା ଗୋରା

ଆଫ୍ରିକୀୟ–ଆମେରିକୀୟ କୃଷ୍ଣକାୟ ଜର୍ଜ ଫ୍ଲଏଡ୍‌ଙ୍କ ହତ୍ୟାକାରୀ ଆମେରିକା ମିନିଆପଲିସ୍‌ର ପୂର୍ବତନ ପୋଲିସ ଅଫିସର ଡେରେକ୍ ଚଉଭିନ୍‌ଙ୍କୁ ୨୬ ଜୁନ୍‌ରେ ମିନେସୋଟା କୋର୍ଟ ୨୨ ବର୍ଷ ୫ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ରାୟ ପ୍ରକାଶ ପାଇବା ପରେ କୃଷ୍ଣକାୟମାନେ ଆଶ୍ୱସ୍ତି ଲାଭ କରିଛନ୍ତି। ଫ୍ଲଏଡ୍‌ଙ୍କ ମୃତ୍ୟୁ ପରେ ଯଦିଓ ଆହୁରି ଅନେକ କୃଷ୍ଣକାୟଙ୍କୁ ପୋଲିସ ଦ୍ୱାରା ହତ୍ୟା କରାଯାଇଛି, ତଥାପି ଚଉଭିନ୍‌ଙ୍କୁ ଯେଭଳି ଦଣ୍ଡିତ କରାଗଲା ନିଶ୍ଚିତ ଭାବେ ଏହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଦେଲା। କୁହାଯାଉଛି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମୟରେ ଏହା ସମ୍ଭବ ହୋଇପାରିଲା। ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନରେ ଫ୍ଲଏଡ୍‌ଙ୍କ ଭଳି ଅନେକ କୃଷ୍ଣକାୟଙ୍କୁ ବାରମ୍ବାର ହତ୍ୟା କରାଯାଇଛି। ହେଲେ ହତ୍ୟାକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଚଉଭିନ୍‌ଙ୍କୁ ଦୀର୍ଘବର୍ଷ ଦଣ୍ଡିତ କରିବା ପଛରେ ଯେଉଁ ଅଭିଯାନର ସର୍ବାଧିକ ଅବଦାନ ରହିଥିଲା, ତାହା ହେଉଛି–'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ବା କଳାମାନଙ୍କ ଜୀବନ ମୂଲ୍ୟରଖେ। ଫ୍ଲଏଡ୍‌ଙ୍କ ବେକକୁ ଚଉଭିନ୍ ପାଖାପାଖି ୧୦ ମିନିଟ୍ ଆଣ୍ଠୁରେ ଚାପି ରଖି ଯେଭଳି ଭାବେ ହତ୍ୟା କଲେ ତାହା ସଭ୍ୟ ସମାଜର ଯେକୌଣସି ବ୍ୟକ୍ତିଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ସେହି ସମୟର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଶ୍ୱେତାଙ୍ଗମାନେ ମଧ୍ୟ ତାହାକୁ ବିରୋଧ କରିଥିଲେ। ଭାରତରେ ଏହିଭଳି ପୋଲିସ ବିରୋଧୀ ରାୟ ଆଶା କରିବା ବୃଥା। ତତ୍‌ସହିତ ଏକବର୍ଷ ପୂରୁଣୁ ଏଭଳି ଘଟଣାରେ ରାୟ ପ୍ରକାଶ ପାଇବା ଭାରତୀୟଙ୍କୁ ଆଶ୍ଚର୍ଯ୍ୟ କରୁଥିବ। ଚଉଭିନ୍‌ଙ୍କୁ ଯେଭଳି ଦଣ୍ଡିତ କରାଯାଇଛି, ତାହା କୃଷ୍ଣକାୟଙ୍କ ପ୍ରତି ଥିବା ଆକ୍ରମଣକୁ ପ୍ରଶମିତ କରିବାରେ ସହାୟକ ହୋଇପାରେ ବୋଲି କୁହାଯାଇପାରେ। ଏଥିସହିତ ଏହି ରାୟ ଦ୍ୱାରା ଆମେରିକା ତା'ର ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି। ୨୮ ଜୁନ୍‌ରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଆହ୍ୱାନ ଦେଇଛନ୍ତି ଯେ, ଫ୍ଲଏଡ୍‌ଙ୍କ ହତ୍ୟା ଭଳି ବାରମ୍ବାର ଘଟୁଥିବା ଘଟଣାକୁ ଦୂରେଇ ଦେବା ସକାଶେ ବିଶ୍ୱବ୍ୟାପୀ କୃଷ୍ଣକାୟଙ୍କ ବିରୋଧରେ ଦେଖାଦେଉଥିବା ବିଧିବଦ୍ଧ ବର୍ଣ୍ଣବୈଷମ୍ୟକୁ ତୁରନ୍ତ ଭାଙ୍ଗିଦିଆଯାଉ। ଏଭଳି ପରିପ୍ରେକ୍ଷୀରେ ଭାରତର ଉଦାହରଣକୁ ଦେଖାଯାଉ। ସମସ୍ତେ ଜାଣିଛନ୍ତି ଯେ, ହିନ୍ଦୁ ସମାଜରେ ଜାତିଆଣଭାବ ପ୍ରବଳମାତ୍ରାରେ ରହିଛି। ସେହି ମାନସିକତାକୁ ସନ୍ତୁଳିତ କରିବା ସକାଶେ ସଂରକ୍ଷଣଠାରୁ ଆରମ୍ଭକରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ଦୀର୍ଘଦିନ ଧରି ଚାଲିଆସିଛି। ଉଚ୍ଚବର୍ଗର ଅଧିକାଂଶ ଲୋକ ଏହାକୁ ତୀବ୍ର ଭାବେ ସମାଲୋଚନା କରୁଥିବା ବେଳେ ନିଜର ଦୈନନ୍ଦିନ ଜୀବନରେ ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁନାହାନ୍ତି। ସେଥିପାଇଁ ଏବେ ମଧ୍ୟ ଦଳିତ ମହିଳା ଓ ଯୁବତୀଙ୍କ ଉପରେ ପାଶବିକ ଅତ୍ୟାଚାର ଏବଂ ପୁରୁଷଙ୍କୁ ସାଧାରଣରେ ଶାରୀରିକ ନିର୍ଯାତନା ଓ ହତ୍ୟା କରାଯିବା ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ସେହିଭଳି ବର୍ଣ୍ଣବୈଷମ୍ୟ କେବଳ ଗୋରାଙ୍କ ଦେଶରେ ସୀମିତ ନାହିଁ। ଆଫ୍ରିକା ଓ ଏସିଆ ମହାଦେଶରେ ପରସ୍ପରକୁ ଘୃଣା କରୁଥିବା ବିଭିନ୍ନ ଗୋଷ୍ଠୀ ସବୁବେଳେ ରହିଆସିଛନ୍ତି। ଜାତିସଂଘର ମହାସଚିବଙ୍କ ଦ୍ୱାରା ଦିଆଯାଇଥିବା ବର୍ଣ୍ଣବିଦ୍ୱେଷ ଭଙ୍ଗାଯାଉ ଡାକରା ସମ୍ପୂର୍ଣ୍ଣ ଅର୍ଥହୀନ ହୋଇଯାଉଛି। ଏହା ଏକ ପିଢ଼ିଗତ ମନୋଭାବ ହୋଇଥିବାରୁ ଏହାକୁ କୌଣସି ଆଇନ ଦ୍ୱାରା ଭାଙ୍ଗି ହେବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୬

- ଶ୍ରୀକାନ୍ତ ଜେନା ଓ ଦିଲ୍ଲୀପ ରାୟ ସମେତ ୧୪ ଜଣ ନୂଆ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ।
- ଜନତା ଦଳରୁ ବହିଷ୍କୃତ ନେତା ରାମକୃଷ୍ଣ ହେଗଡେଙ୍କର ସମର୍ଥକ ୪ ଜଣ ପୂର୍ବତନ ଏମ୍‌ପିଙ୍କ ସମେତ ୨୮ ନେତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି।
- ପ୍ରଖ୍ୟାତ ସାମ୍ବାଦିକ ତଥା ନ୍ୟୁଦିଲ୍ଲୀ ଟେଲିଭିଜନର ଆଙ୍କରମ୍ୟାନ୍ ଅପ୍ପନ୍ ମେନନ୍‌ଙ୍କ ୪୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ବିଚିତ୍ରିତ ଏ ଭୁବନ, ଲୁପ୍ତ ଝରଣାର ବ୍ୟଥା ବହି
ଝରିପଡ଼େ ଯେ କୋରକ କୋଟି ବିୟୋଗର ପ୍ରାସ ସହି
ସୃଜନର ଅଶ୍ରୁ ରାଶି ଝରି ପଡ଼େ ସଦା,
ଏ ଧରଣୀ ହୁଏ ତହିଁ ଓଦା।

–(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | 1 | |
| 5 | | | | | | | | |
| 9 | 6 | 4 | 8 | | | | | 3 |
| | | | | | 1 | | 8 | |
| 4 | 3 | | | | 6 | 7 | | |
| 2 | | | | | | | | |
| 6 | | | 9 | | | | | |
| | | | | | 8 | 5 | | |
| | | 7 | 1 | 4 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 8 | 5 | 1 | 3 | 7 | 4 |
| 4 | 1 | 5 | 3 | 7 | 6 | 2 | 9 | 8 |
| 7 | 3 | 8 | 4 | 9 | 2 | 6 | 5 | 1 |
| 5 | 4 | 9 | 1 | 2 | 3 | 7 | 8 | 6 |
| 8 | 7 | 3 | 6 | 4 | 9 | 5 | 1 | 2 |
| 2 | 6 | 1 | 5 | 8 | 7 | 4 | 3 | 9 |
| 9 | 5 | 6 | 7 | 1 | 4 | 8 | 2 | 3 |
| 1 | 8 | 4 | 2 | 3 | 5 | 9 | 6 | 7 |
| 3 | 2 | 7 | 9 | 6 | 8 | 1 | 4 | 5 |

ଗତକାଲିର ଉତ୍ତର



# ମାଟ୍ରିକ ପରୀକ୍ଷା ଫଳ: ଏକ ବିଶ୍ଳେଷଣ

ଅଧ୍ୟାପକ ଶରତ କୁମାର ଦାସ

ଓଡ଼ିଶା ରାଜ୍ୟ ସରକାର କରୋନା ସଂକ୍ରମଣର ଭୟାବହତା ଦୃଷ୍ଟିରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ବାତିଲ କରିବା ପରେ ମୂଲ୍ୟାଙ୍କନର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ପୂର୍ବକ ଗତ ୨୫ ତାରିଖରେ ଫଳାଫଳ ପ୍ରକାଶ କରିଛନ୍ତି। ଅନେକ ଆଶା ଆଶଙ୍କା ତଥା କଳ୍ପନାଜଳ୍ପନାର ଅବସାନ ଘଟିଥିଲେ ମଧ୍ୟ ଏହି ଫଳାଫଳକୁ ନେଇ ରାଜ୍ୟର ଅନେକ ମେଧାବୀ ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। କାହାର 'ପୁଷ ମାସ ତ ଆଉ କାହାର ସର୍ବନାଶ' ନ୍ୟାୟରେ ଅନେକ ମେଧାବୀ ଛାତ୍ରୀଛାତ୍ର ନିଜନିଜର ଭବିଷ୍ୟତକୁ ନେଇ ଏବେ ବି ସନ୍ଦିହାନ। ଉଚ୍ଚଶିକ୍ଷାକୁ ନେଇ ସେମାନେ ଘୋର ଚିନ୍ତା ଓ ଚାପରେ ରହିବା ଆମ ସମସ୍ତଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି। ଅବଶ୍ୟ ରାଜ୍ୟ ସରକାର ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଚାହିଁଲେ ଜୁଲାଇ/ଅଗଷ୍ଟ ମାସ ଶେଷ ସୁଦ୍ଧା ଅଫ୍‌ଲାଇନରେ ପୁନର୍ବାର ପରୀକ୍ଷା ଦେଇ ପାରିବେ ବୋଲି ସ୍ପଷ୍ଟ କରିବା ହୁଏତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରେ।

ପରିସଂଖ୍ୟାନ ଅନୁଯାୟୀ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ବୋର୍ଡ ଇତିହାସରେ ସର୍ବକାଳୀନ ରେକର୍ଡ। ସର୍ବୋଚ୍ଚ ଉତ୍ତୀର୍ଣ୍ଣ ହାର ୯୭.୮୯ ପ୍ରତିଶତ, ଯାହା କି ଗତ ୨୦୨୦ ବର୍ଷର ଉତ୍ତୀର୍ଣ୍ଣ ହାର ୭୮.୭୬ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ଗତବର୍ଷ ଏ–୧ ଗ୍ରେଡ୍‌ରେ ସମୁଦାୟ ୧୨୭୯ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତବର୍ଷ ଏହାର ସଂଖ୍ୟା ପ୍ରାୟ ଦୁଇ ଗୁଣରୁ ଅଧିକ; ଯାହା କି ୨୬୫୬। ସେହିଭଳି ଗତବର୍ଷ ଏ–୨ ଗ୍ରେଡ୍‌ରେ ୮୪୫୮ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଚଳିତବର୍ଷ ଏହାର ସଂଖ୍ୟା ୨୨୧୩୧। ଗତବର୍ଷ ବି–୧ ଓ ବି–୨ ଗ୍ରେଡ୍‌ରେ ଯଥାକ୍ରମେ ୧୮୧୮୮ ଓ ୩୧୩୨୮ ଜଣ ଛାତ୍ରୀଛାତ୍ର ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ବହୁଗୁଣିତ ହୋଇ ଯଥାକ୍ରମେ ୫୨୨୯୯ ଓ ୯୪୪୭୫ରେ ପହଞ୍ଚିଛି। ଗତବର୍ଷ ସି, ଡି ଓ ଇ ଗ୍ରେଡ୍‌ରେ ଯଥାକ୍ରମେ ୪୯୧୫୩, ୮୯୫୫୬ ଓ ୨,୨୩,୧୯୫ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବେଳେ ଚଳିତବର୍ଷ ଯଥାକ୍ରମେ ୧୩୭୦୧୪, ୧୫୧୬୩୯ ଓ ୧୦୧୭୯୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ସମୁଦାୟ ୫,୭୪,୧୨୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫,୬୨,୦୧୦ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କୌଣସି ବିଦ୍ୟାଳୟର ଫଳ ଶୂନ ହୋଇନାହିଁ। ଏପରି କି ୫୯୪୫ ବିଦ୍ୟାଳୟରେ ଫଳ ଶତପ୍ରତିଶତ ହେବା ଆମ ସମସ୍ତଙ୍କ ପାଇଁ ଏକ ଉତ୍ସାହଜନକ ଫଳାଫଳ କୁହାଯାଇପାରେ। ଅନ୍ୟପକ୍ଷରେ ଦେଖିଲେ ଏକ୍ସ–ରେଗୁଲାର ଓ ପତ୍ରବିନିମୟ ଏକ୍ସ–ରେଗୁଲାରରେ ଯଥାକ୍ରମେ ୮୮.୩୩ ଓ ୮୮.୦୮ ପ୍ରତିଶତ ପରୀକ୍ଷାର୍ଥୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାସହିତ ମଧ୍ୟମା( ସଂସ୍କୃତ), ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଦ୍ରାସା ବୋର୍ଡରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ରହିଛି। ସବୁ ବର୍ଗର ପରୀକ୍ଷାର୍ଥୀଙ୍କ ଫଳାଫଳ ମିଶିଲେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୬ ଲକ୍ଷ ୧୭ ହଜାର ୮୭୬ ହେବ। ଆହୁରି ପୁଣି ସିବିଏସ୍‌ଇ ଓ ଆଇସିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଏହି ସଂଖ୍ୟା ପ୍ରାୟ ୧୦ ହଜାର ଅଧିକ ହେବାର ସମ୍ଭାବନା ରହିଛି। ଏ ସମସ୍ତଙ୍କ ସଂଖ୍ୟା ମିଶିଲେ ରାଜ୍ୟରେ ଏ ବର୍ଷ ପ୍ରାୟ ୬ ଲକ୍ଷ ୨୮ ହଜାର ଛାତ୍ରୀଛାତ୍ର ଚଳିତବର୍ଷ ନାମଲେଖାରେ ଭାଗନେବେ।

ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ଫଳର ଉପରୋକ୍ତ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହା ନିଶ୍ଚିତ ଭାବେ ଚମତ୍କାର ତଥା ଉତ୍ସାହଜନକ ଫଳାଫଳ କୁହାଯାଇପାରେ। ମାତ୍ର ଏହାର ଚମତ୍କାରିତା ତଥା ବାସ୍ତବତାକୁ ନେଇ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ, ଅଭିଭାବକ, ଛାତ୍ରୀଛାତ୍ର ତଥା ସାଧାରଣ ଜନତାଙ୍କ ମଧ୍ୟରେ ଆଲୋଚନା, ସମାଲୋଚନା ତଥା ତର୍କ ବିତର୍କ ଦାନାବାନ୍ଧିବା ସ୍ୱାଭାବିକ ମନେହୁଏ। ପୁନଶ୍ଚ ଏହି ପରୀକ୍ଷା ଫଳକୁ ନେଇ ଅନେକ ବୁଦ୍ଧିଜୀବୀ 'ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ' କହି ଖୋଲାଖୋଲି ନିଜର ଅସନ୍ତୋଷ ପ୍ରକାଶ କରିବା ବାସ୍ତବିକ ଦୁଃଖଦାୟକ। ଏ ବର୍ଷ ସରକାରଙ୍କ ନିଷ୍ପତ୍ତି କ୍ରମେ ଯେଉଁ ବିକଳ୍ପ ମାନଦଣ୍ଡ ଦ୍ୱାରା ମୂଲ୍ୟାଙ୍କନ କରାଗଲା ତାକୁ ନେଇ ସାଧାରଣରେ ଅନେକ ବାଦବିବାଦ ସୃଷ୍ଟିହେବା ଦେଖିବାକୁ ମିଳେ। ସରକାରଙ୍କ ନିଷ୍ପତ୍ତି କ୍ରମେ ନବମ ଶ୍ରେଣୀ ଷାଣ୍ମାସିକ, ବାର୍ଷିକ ଏବଂ ଦଶମ ଶ୍ରେଣୀର ଅଭ୍ୟାସ ପରୀକ୍ଷାଗୁଡ଼ିକର ନମ୍ବରକୁ ମିଶାଇ ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା ମାଧ୍ୟମରେ ଏଥରର ମାଟ୍ରିକ ଫଳ ପ୍ରକାଶ ପାଇଛି। ଏହି ବ୍ୟବସ୍ଥା ରାଜ୍ୟର ଅନେକ ମେଧାବୀ ଛାତ୍ରୀଛାତ୍ରୀଙ୍କ ପାଇଁ ନୈରାଶ୍ୟଜନକ ବୋଲି କୁହାଯାଉଛି। ଏ ନେଇ ଅନେକ ମେଧାବୀ ଛାତ୍ରୀଛାତ୍ର ମଧ୍ୟ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରପକ୍ଷରେ, ଅପେକ୍ଷାକୃତ ଦୁର୍ବଳ ତଥା ମଧ୍ୟମ ବର୍ଗର ଛାତ୍ରୀଛାତ୍ରମାନେ ସେମାନଙ୍କ ମେଧା ଓ ଦକ୍ଷତାଠାରୁ ଯଥେଷ୍ଟ ଅଧିକ ନମ୍ବର ପ୍ରାପ୍ତ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନେକ ଛାତ୍ରୀଛାତ୍ର ଯେଉଁମାନେ କି ପରୀକ୍ଷା ଦେଇଥିଲେ ଅକୃତକାର୍ଯ୍ୟ ହୋଇଥାନ୍ତେ ସେମାନେ ମଧ୍ୟ ଆଶାତୀତ ସଫଳତା ପ୍ରଦର୍ଶନ କରିବା ପ୍ରକୃତ ମେଧାବୀ ତଥା ପରିଶ୍ରମୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଘୋର ନୈରାଶ୍ୟ ସୃଷ୍ଟି କରିଛି।

ଚଳିତବର୍ଷର ମାଟ୍ରିକ ଫଳକୁ ନେଇ ଅନେକ ଆଲୋଚନା ଓ ସମାଲୋଚନା ହେବା ଯଥାର୍ଥ ମଧ୍ୟ। କାରଣ ସରକାରଙ୍କ ନିଷ୍ପତ୍ତି ପରେ ପରେ କିଛି ବିଦ୍ୟାଳୟରେ ଅନିୟମିତତା ହେବାର ଦେଖିବାକୁ ମିଳିଥିଲା। ଏପରି କି କେତେକ ବିଦ୍ୟାଳୟ ଅସାଧୁ ଉପାୟ ଅବଲମ୍ବନ ପୂର୍ବକ ତରବରିଆ ଭାବେ ପିଲାଙ୍କୁ ଡାକି ରୁଦ୍ଧଦ୍ୱାର ପରୀକ୍ଷା କରି ନମ୍ବର ଦେବାର ସୁବ୍ୟବସ୍ଥା କରିଦେଲେ। ଏହାକୁ ନେଇ ଅତୀତରେ ଅନେକ ସମାଲୋଚନା ଓ ତର୍କ ବିତର୍କ ସୃଷ୍ଟି ହୋଇଥିଲା, ଯାହା କି ବହୁ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଥିଲା। ଏ ସମସ୍ତ ବ୍ୟବସ୍ଥାକୁ ତର୍ଜମା କଲେ କୋଉଠି ନା କୋଉଠି ଚଳିତବର୍ଷ ମାଟ୍ରିକ ଫଳରେ ବଡ଼ଧରଣର ତ୍ରୁଟିବିଚ୍ୟୁତି ରହିଥିବା ଜଣାଯାଏ। ସ୍ୱଚ୍ଛତା, ସାଧୁତା ଓ ନିରପେକ୍ଷତା ପ୍ରସଙ୍ଗ ବିଚାର ସାପେକ୍ଷ।

ମାଟ୍ରିକ ପରୀକ୍ଷା ଫଳାଫଳ ଛାତ୍ରୀଛାତ୍ରଙ୍କ ଦକ୍ଷତାର ମାପକାଠି। ଭବିଷ୍ୟତ ଗଢ଼ିବାର ମୂଳଦୁଆ ଓ ପ୍ରବେଶ ପଥ। ଏହି ଫଳାଫଳ ଉପରେ ହିଁ ଛାତ୍ରୀଛାତ୍ର ସେମାନଙ୍କ ଉଚ୍ଚଶିକ୍ଷା ଅଧ୍ୟୟନ ପାଇଁ ସୁନାମଧନ୍ୟ ଅନୁଷ୍ଠାନରେ ନାମଲେଖାଇବା ଲାଗି ସୁଯୋଗ ପାଇଥାନ୍ତି। ନିଜର ଦକ୍ଷତା ବୃଦ୍ଧି ସହ ଯୋଗ୍ୟତା ହାସଲ ପୂର୍ବକ ସମାଜର ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ହୋଇ ଦେଶ ମାତୃକାର ସେବାକରିବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି। କରୋନା ମହାମାରୀ ପ୍ରଭାବରେ ଯେଉଁଭଳି ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ତାହା ନିଶ୍ଚିତ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଥିସହ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ନିର୍ଦ୍ଧାରଣ କରିବାର ମାନଦଣ୍ଡ ଯେ ଅନେକ ଛାତ୍ରୀଛାତ୍ରଙ୍କୁ ନିରୁତ୍ସାହିତ କରିଛି ଏକଥା ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ପୁନଶ୍ଚ ଏହାର ନକାରାତ୍ମକ ପ୍ରଭାବ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପରୀକ୍ଷା ପ୍ରସ୍ତୁତି ଓ ଫଳାଫଳ ଉପରେ ଯେ ପଡ଼ିବ ନାହିଁ, ଏଭଳି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇ ନ ପାରେ।

ଏଥର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳର ଅନ୍ୟ ଏକ ଦିଗ ବିଷୟରେ ଆଲୋଚନା କରାଯାଉ, ଯାହା କି ଅନେକ ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କର ଚିନ୍ତାର କାରଣ ହୋଇଛି। ଏତେ ସଂଖ୍ୟାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ପଢ଼ିବେ କେଉଁଠି? ଉଚ୍ଚ ଶିକ୍ଷା ପାଇଁ ଆମ ରାଜ୍ୟରେ ଥିବା ଭିତ୍ତିଭୂମି ବା ସିଟ୍ ପର୍ଯ୍ୟାପ୍ତ ହେବ ତ ? ଏକ ଆକଳନରୁ ଜଣାଯାଏ ଯେ, ରାଜ୍ୟରେ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଓ ସଂସ୍କୃତ କଲେଜର ମୋଟ ସିଟ୍ ସଂଖ୍ୟା ମିଶିଲେ ୪ ଲକ୍ଷ ୪୩ ହଜାର ୩୫୪ଟି ଅଛି। ସେହିପରି ଡିପ୍ଲୋମା ଓ ଆଇଟିଆଇଗୁଡ଼ିକରେ ସିଟ୍ ସଂଖ୍ୟା ମିଶାଇଲେ ଏହା ୧ ଲକ୍ଷ ୫୯ ହଜାର ୭୫୯ ହେବ। ଗତବର୍ଷ ଯୁକ୍ତ ୨ ନାମଲେଖା ସମୟରେ ସେଥିରୁ ୩ ଲକ୍ଷ ୪୩ ହଜାର ୫୫ଟି ସିଟ୍ ପୂରଣ ହୋଇଥିଲା। ଫାଙ୍କା ରହିଥିଲା ୧ ଲକ୍ଷ ୨୯୯ଟି ସିଟ୍। ଏହି ଅନୁପାତରେ ଗତବର୍ଷ ୪ ଲକ୍ଷ ୨୧ ହଜାର ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। ସେଥିରୁ ୮୨ ପ୍ରତିଶତ ଛାତ୍ରୀଛାତ୍ର ଯୁକ୍ତ ୨ରେ ନାମଲେଖାଇଥିଲେ। ପ୍ରାୟ ୫୦ ହଜାର ଛାତ୍ରୀଛାତ୍ର ଆଇଟିଆଇ ଓ ଡିପ୍ଲୋମାରେ ନାମଲେଖାଇଥିଲେ।

ମାତ୍ର ଏ ବର୍ଷର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏଭଳି ସ୍ଥିତିରେ ରାଜ୍ୟର ସମସ୍ତ କଲେଜ ସିଟ୍ ପୂରଣ ହେବ ବୋଲି କୁହାଯାଇପାରେ। ସମୁଦାୟ ୪ ଲକ୍ଷ ୪୩ ହଜାର ୩୫୪ଟି ସିଟ୍ ପୂରଣ ହୋଇଗଲା ପରେ ବି ୧ ଲକ୍ଷ ୮୦ ହଜାର ଛାତ୍ରୀଛାତ୍ର ବଳକା ରହିଯିବେ। ସେଥିରୁ ଯଦି ୮୦ ହଜାର ଆଇଟିଆଇ କିମ୍ବା ଡିପ୍ଲୋମାରେ ନାମଲେଖାନ୍ତି ତଥାପି ୧ ଲକ୍ଷ ଛାତ୍ରୀଛାତ୍ର ଏ ବର୍ଷ ପାଠପଢ଼ାରୁ ବଞ୍ଚିତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସରକାର ଏ ଦିଗରେ ବିଶେଷ ଯତ୍ନବାନ ହେବା ଉଚିତ। ନମ୍ବର ଆଧାର ବଦଳରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଯୁକ୍ତ ୨ ନାମଲେଖା ବ୍ୟବସ୍ଥା ଗ୍ରହଣ କଲେ ସମସ୍ତ ଛାତ୍ରୀଛାତ୍ର ଉପଯୁକ୍ତ ନ୍ୟାୟ ପାଇପାରିବେ ବୋଲି ଆଲୋଚନା ଜୋର ଧରିଛି। ତେଣୁ ଛାତ୍ରୀଛାତ୍ରମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ସରକାର ଯଥେଷ୍ଟ ବିଚାର ବିମର୍ଷ କରିବା ସହିତ ଯଥାର୍ଥ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି କରାଯାଏ।


ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ–୮୨୪୯୧୩୭୦୯୧




# ଆଞ୍ଚଳିକ ଭାଷା ଓ ବୈଷୟିକ ଶିକ୍ଷା

ଲଳିତ କୁମାର ପାତ୍ର

ସର୍ବୋଚ୍ଚ କ୍ଷମତାର ପରିଚାଳକଭାବେ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ହେଉଛି ରାଷ୍ଟ୍ର ମଧ୍ୟରେ ଥିବା ସମସ୍ତ ଆଞ୍ଚଳିକ ଭାଷାର ସୁରକ୍ଷା ଓ ସମୃଦ୍ଧି କରିବା। ଏଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷା ଦିଆଯିବା ପାଇଁ ଘୋଷଣା କରିଥିଲେ। ମାତ୍ର ଏ ଘୋଷଣା ବାସ୍ତବ ରୂପ ନେବାରେ ସନ୍ଦେହ ରହିଛି। କାରଣ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମଧ୍ୟ ଘୋଷଣା କରିଥିଲେ ଯେ ଆଞ୍ଚଳିକ ଭାଷାରେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା କରାଯିବ। କିନ୍ତୁ ସେ ଘୋଷଣା ଠକଥାରେ ସୀମିତ ରହିଯାଇଥିଲା। ଚିରାଚରିତଭାବେ ଇଂଲିଶ ଓ ହିନ୍ଦୀ ଭାଷାରେ ପରୀକ୍ଷା ପତ୍ର ଆସିଲା ଓ ରାଜୀବ ଗାନ୍ଧୀଙ୍କ ଫମ୍ପା କଥା ପଦାରେ ପଡ଼ିଲା। ଭାରତ ଏକ ବହୁଜାତିକ ରାଷ୍ଟ୍ର ହୋଇଥିବାରୁ ଅନେକଙ୍କୁ ବିଭିନ୍ନ ସମୟରେ ଏପରି କହିବାକୁ ପଡ଼ିଥାଏ କିନ୍ତୁ ଅନ୍ତରରେ ଏପରି ଭାବ ନ ଥାଏ। ତେଣୁ ଏଭଳି ଘୋଷଣାକୁ କାର୍ଯ୍ୟକାରୀ ମଧ୍ୟ କରନ୍ତି ନାହିଁ। ପ୍ରକୃତରେ ଯଦି ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ସରକାର ଇଚ୍ଛୁକ ତେବେ ନିମ୍ନୋକ୍ତ ବିଷୟ ପ୍ରତି ଦୃଷ୍ଟି ଦେଲେ ତାହା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିବ। ଭାରତର ସ୍ୱାଧୀନତା ସଂଗ୍ରାମୀମାନେ ରାଷ୍ଟ୍ର ଓ ଜାତୀୟତା ମଧ୍ୟରେ ପାର୍ଥକ୍ୟ ରଖୁ ନ ଥିଲେ। ରାଷ୍ଟ୍ର ଓ ଜାତୀୟତା ସର୍ବଦା ଦୁଇଟି ଅଲଗା କଥା। ଅତୀତକୁ ଗଲେ ଦେଖିବା ନବଜାଗରଣ ପରେ ଭାଷାକୁ ନେଇ ଜାତୀୟତାଭାବ ସୃଷ୍ଟି ହୋଇଛି। ଜର୍ମାନୀ ଓ ଇଟାଲି ଭଳି ଜାତିଭିତ୍ତିକ ରାଷ୍ଟ୍ର ସୃଷ୍ଟି ହୋଇଛି। ଇଉରୋପୀୟମାନେ କହିଲେ ଯେ, ଭାରତ ଏକ ରାଷ୍ଟ୍ର ହୋଇ ରହିପାରିବନାହିଁ; ଏହା ବହୁଜାତୀୟ ଅଞ୍ଚଳକୁ ନେଇ ଗଠିତ ହୋଇଥିବାରୁ ସମୟକ୍ରମେ ବିଭାଜିତ ହୋଇଯିବ। ଏଣୁ ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କ ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ଏକ ଆଞ୍ଚଳିକ ଭାଷା 'ହିନ୍ଦୀ'କୁ ରାଷ୍ଟ୍ରଭାଷା ବୋଲି ଘୋଷଣା କଲେ।

ବହୁ ବ୍ୟକ୍ତି ଅଛନ୍ତି ଯେଉଁମାନେ ସ୍ୱକୀୟତାର ମୂଲ୍ୟ ବା ବିକାଶ ଉପରେ ଗୁରୁତ୍ୱ ନ ଦେଇ ପ୍ରଶ୍ନ ଉଠାନ୍ତି ଯେ ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ର ବିଦେଶରେ ନିଯୁକ୍ତି ପାଇପାରିବେ କି? ଏବେ ବୈଷୟିକ କ୍ଷେତ୍ରରେ ନବେ ପ୍ରତିଶତରୁ ଅଧିକ କାମ ବିଦେଶରୁ ଆସୁଛି। ଏଣୁ ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷାପ୍ରାପ୍ତ ଛାତ୍ରୀଛାତ୍ର ଏଭଳି ସ୍ଥିତିରେ ଅପ୍ରାସଙ୍ଗିକ ହୋଇଯିବେ। ପର ତିଅଣ ଭଲ ଲାଗୁଥିବା ପରି ଏହି ଲୋକମାନଙ୍କ କଥା ଶୁଣିଲେ ଆମ ଆଞ୍ଚଳିକ ମୂଳ ସଂସ୍କୃତି ସୁରକ୍ଷିତ ରହିବନାହିଁ ଓ ଏ ଘୋଷଣା କାର୍ଯ୍ୟକାରୀ ହୋଇପାରିବ ନାହିଁ।

ଅନ୍ତର୍ଜାତୀୟ ବ୍ୟାପାର ବା ବାଣିଜ୍ୟରେ ଇଂଲିଶ ଅନିବାର୍ଯ୍ୟ ନୁହେଁ। ପ୍ରାଚୀନ କାଳରେ ଇଂଲିଶ ବିନା ତ ବାଣିଜ୍ୟ ଚାଲୁଥିଲା। ଆଞ୍ଚଳିକ ଭାଷା ଏ କ୍ଷେତ୍ରରେ ପ୍ରତିବନ୍ଧକ ହେବ କାହିଁକି? ଏବେ କମ୍ପ୍ୟୁଟର ଯୁଗ; ଇଂଲିଶ ଭାଷାରେ କମ୍ପ୍ୟୁଟର ଚାଲୁଛି। କିନ୍ତୁ କମ୍ପ୍ୟୁଟର ହିନ୍ଦୀ କି ଇଂଲିଶ ବୁଝେନାହିଁ। ସଫ୍ଟୱେର ପ୍ରୟୋଗ ଦ୍ୱାରା ହିଁ ତା'ର ଭାଷା ନିର୍ଣ୍ଣିତ ହୋଇଥାଏ। ଜାପାନ ଆଦି ଦେଶରେ ସେଠାକାର ଭାଷାରେ କମ୍ପ୍ୟୁଟର ଚାଲେ। କୁହାଯାଉଛି ବୈଷୟିକ ଶିକ୍ଷା ପାଇଁ ଆଞ୍ଚଳିକ ଭାଷାରେ ଉପଯୁକ୍ତ ଶବ୍ଦ ସମ୍ଭାର ନାହିଁ। ଇଂଲିଶ ଭାଷାରେ ବହୁ ଶବ୍ଦ ଆହରଣ କରାଯାଇଛି। ସେହିପରି ଆଞ୍ଚଳିକ ଭାଷାରେ ନୂଆ ଶବ୍ଦ ସୃଷ୍ଟି କରାଯିବା କିମ୍ବା ଆହରଣ କରାଯିବା ଦରକାର। ଆଞ୍ଚଳିକ ଭାଷାରେ ପର୍ଯ୍ୟାପ୍ତ ପାଠ୍ୟ ପୁସ୍ତକ ନାହିଁ ବୋଲି କେତେକ କହନ୍ତି; କିନ୍ତୁ ଇଂଲିଶ ଭାଷାରେ ମଧ୍ୟ ପାଠ୍ୟ ପୁସ୍ତକ ନ ଥିଲା, ପରବର୍ତ୍ତୀ କାଳରେ ଲେଖାଗଲା। ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ହେଲେ ବ୍ୟବସାୟୀମାନେ ପାଠ୍ୟ ପୁସ୍ତକ ସୃଷ୍ଟି କରିବେ। ଆପେ ଆପେ ପୁସ୍ତକ ମିଳିବ। ଆଞ୍ଚଳିକ ଭାଷାରେ ଲୋକେ ପଢ଼ିବାକୁ ଆଗ୍ରହୀ ନୁହନ୍ତି; ତେଣୁ ପରୀକ୍ଷାରେ କମ୍ ସଂଖ୍ୟା ରଖୁଛନ୍ତି। ଆମ ଦେଶର ଲୋକେ ପ୍ରଥମେ ସାତ ଦରିଆ ପାରି ଇଂଲିଶ ଭାଷାକୁ ମୋଟେ ଜାଣି ନ ଥିଲେ, କିନ୍ତୁ ପରେ ଏହାକୁ ଜାଣିବାକୁ ଆଗ୍ରହୀ ହେଲେ। ଏଣୁ ସରକାରୀ ଓ ବେସରକାରୀ ସଂସ୍ଥାର କାଗଜ ପତ୍ର କାମ ଆଞ୍ଚଳିକ ଭାଷାରେ କରାଯିବା ସହିତ ଏହାକୁ ସରକାରୀ ଭାଷାର ମାନ୍ୟତା ମିଳିଲେ ଏଥିପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ।

ଜଣେ ଇଂଲିଶ ପଢୁଆ ଚିକିତ୍ସକ ପାଖରେ ଅନ୍ୟ ଭାଷାଭାଷୀ ରୋଗୀ ପହଞ୍ଚିଲେ ରୋଗୀର କଥା ବୁଝିବା ପାଇଁ ଇଂଲିଶ ଭାଷା ନୁହେଁ ଅନ୍ୟ ମାଧ୍ୟମର ଉପଯୋଗ କରାଯାଏ। ଆମେ ଜଣେ ଚିକିତ୍ସକ ପାଖକୁ ଗଲେ ତା'ର ଇଂଲିଶ ଜ୍ଞାନ ଭଲ ଅଛି କି ନାହିଁ ଦେଖୁନାହୁଁ। ଆମେ ଦେଖୁ ସେ ଭଲ ଚିକିତ୍ସା କରିପାରୁଛି କି ନାହିଁ। ଦକ୍ଷ ବୈଷୟିକ ଜ୍ଞାନସମ୍ପନ୍ନ କର୍ମୀ ଉତ୍ତାରିବାକୁ ହେଲେ ଇଂଲିଶ ଭାଷା ନୁହେଁ ଆଞ୍ଚଳିକ ଭାଷାର ଉପଯୋଗ ଦରକାର। କାର୍ଯ୍ୟ କରିବା ପାଇଁ ଦକ୍ଷତାର ଆବଶ୍ୟକତା ରହିଛି ଓ ଦକ୍ଷତା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ମାତୃଭାଷାରେ ଛାତ୍ର ଶିକ୍ଷା ବିଷୟକୁ ସହଜରେ ବୁଝିପାରିଥାଏ ଓ ଗ୍ରହଣ କରିଥାଏ। ମାତୃଭାଷା କେନ୍ଦ୍ରିକ ଗୋଟିଏ ଗାଁକୁ ନେଇ ଗୋଟିଏ ରାଷ୍ଟ୍ର ତ ହୋଇପାରିବ ନାହିଁ, ଏଣୁ ଆଞ୍ଚଳିକ ଭାଷାକୁ ଅଞ୍ଚଳବାସୀ ସହଜରେ ବୁଝିପାରୁଥିବାରୁ ଆଞ୍ଚଳିକ ଭାଷା ଶିକ୍ଷାର ମାଧ୍ୟମ ହେଲେ ଶିକ୍ଷା ଗ୍ରହଣ ସହଜ ହେବ। ଛାତ୍ରମାନେ ଇଂଲିଶ ଶବ୍ଦ ଜାଣିବା ପାଇଁ ଅଭିଧାନ ଓ ଇଂଲିଶ ଭାଷା ପ୍ରତି ଅଧିକ ସମୟ ଦିଅନ୍ତି; ସମସ୍ତଙ୍କ ପାଖରେ ଇଂଲିଶ ଅଭିଧାନ ରହିଛି। ଅଥଚ ଆଞ୍ଚଳିକ ଭାଷାର ଅଭିଧାନ ପ୍ରାୟତଃ ଦରକାର ପଡ଼େ ନାହିଁ। ଆଞ୍ଚଳିକ ଭାଷାରେ ଯଦି ବୈଷୟିକ ଶିକ୍ଷା ଦିଆଯା'ନ୍ତା ତେବେ ଛାତ୍ରମାନେ ଭାଷା ଶିକ୍ଷା ଓ ଅଭିଧାନ ଖୋଜାରେ ଅଧିକ ସମୟ ନଷ୍ଟ ନ କରି ବୈଷୟିକ ଶିକ୍ଷା ପ୍ରତି ଅଧିକ ସମୟ ଦିଅନ୍ତେ। ସର୍ବୋପରି ଦେଖିବାର କଥା ଯେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ତାଙ୍କ ଆଣ୍ଠୁର ଶୈଲ୍ୟ ଚିକିତ୍ସା ପାଇଁ ଆମେରିକାରୁ ଡା. ଶ୍ରୀରାମ ନେନେଙ୍କୁ ଆଣିଥିଲେ, ତାଙ୍କର ଦକ୍ଷତା ପାଇଁ। ସେହିପରି ଇଂରେଜମାନେ ବିଖ୍ୟାତ ଯନ୍ତ୍ରୀ ସାର୍ ବିଶ୍ୱେଶ୍ୱରାୟାଙ୍କଠାରୁ ଆଫ୍ରିକାର ନୀଳନଦୀ ଓ ଭାରତର ସିନ୍ଧୁ ନଦୀରେ ବନ୍ଧ ନିର୍ମାଣ ପାଇଁ ଯୋଜନା ନକ୍ସା ନେଇଥିଲେ। କେବଳ ତାଙ୍କର ଦକ୍ଷତା ପାଇଁ, ଇଂଲିଶ ଭାଷା ପାଇଁ ନୁହେଁ। ଏକ ପ୍ରାକୃତିକ ସତ୍ୟ ହେଉଛି ଅନେକ ସମୟରେ ଛାତ୍ର ଶିକ୍ଷକଙ୍କୁ ଟପିଯାଏ ଓ ଦକ୍ଷତା ଭାଷାକୁ ମଧ୍ୟ। ଏଣୁ ଦକ୍ଷତାର ବିକାଶ ପାଇଁ ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷା ବ୍ୟବସ୍ଥା କରାଗଲେ ଓଡ଼ିଆ ଭାଷାର ସୁରକ୍ଷା ଓ ଉନ୍ନତି ହୋଇପାରିବ।


ଗଙ୍ଗେଶ୍ୱରଗଡ଼, କଟକ
ମୋ: ୯୯୩୭୪୪୮୫୩୧


## ଏଇ ଭାରତରେ

କୃଷି ପାଇଁ ଶୁଷ୍କ ଅଞ୍ଚଳ ବଡ଼ ସମସ୍ୟା। ତେବେ ଏହାକୁ କିଭଳି ଦୂର କରାଯାଇ ପାରିବ ତାହାର ଏକ ମଡେଲ ସାମ୍ନାକୁ ଆଣିଛି ମହାରାଷ୍ଟ୍ରର ଏକ ଗାଁ। ଏହି ଗାଁର ନାଁ କଡ଼ୱାଞ୍ଚି। ମରୁଡିପ୍ରବଣ ମରାଠାୱାଡ଼ାର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସକରୁଥିବା ଏହି ଗାଁ ଏବେ ଜଳ ସଂରକ୍ଷଣ ଓ କୃଷିର ନିଆରା ଉଦାହରଣ ସୃଷ୍ଟି କରିଛି। ଗ୍ରାମବାସୀ କୃଷିରୁ ବର୍ଷକୁ ପାଖାପାଖି ୭୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ପ୍ରତିବର୍ଷ ମରୁଡି ଯୋଗୁ ଲୋକମାନେ କାମ ଅନ୍ୱେଷଣରେ ଗାଁ ଛାଡି ସହରକୁ ଚାଲିଯାଉଥିଲେ। ତେବେ ସେମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ୧୯୦୦ ଦଶକର ମଧ୍ୟଭାଗରୁ ଚାଷକୁ ମୁଖ୍ୟ ପେସା ଭାବେ ଗ୍ରହଣ କରିବାକୁ ଗ୍ରାମବାସୀ ମନସ୍ଥ କରିଥିଲେ। ପାଣି ସମସ୍ୟା ଦୂର କରିବା ଲାଗି ସେମାନେ ପୋଖରୀ ଖୋଳିବା ଆରମ୍ଭ କରିଥିଲେ। ପୋଖରୀରେ ପାଣି ସଂରକ୍ଷିତ ହୋଇ ରହିବା ଦ୍ୱାରା ଧୀରେ ଧୀରେ ଭୂତଳ ଜଳସ୍ତର ବୃଦ୍ଧି ଘଟି କୂଅ ଓ ନଳକୂଅରେ ପ୍ରଚୁର ପାଣି ଉପଲବ୍ଧ ହେଲା। ଏଥିଯୋଗୁ ଗ୍ରାମବାସୀ ସେମାନଙ୍କ ଚାଷ ଆଗକୁ ବଢ଼ାଇବାରେ ଲାଗିଲେ। ଏବେସୁଦ୍ଧା ଗାଁରେ ସେମାନେ ମିଳିତ ଭାବେ ୬୫୦ଟି ପୋଖରୀ ଖୋଳିସାରିଲେଣି ଓ ୧,୫୦୦ ଏକର ଜମିରେ ଅଙ୍ଗୁର ଚାଷ କରିପାରୁଛନ୍ତି। ଏହା ବାଦ୍ ସେମାନେ ଡାଳିମ୍ବ ଓ ବିଭିନ୍ନ ପନିପରିବା ଚାଷ କରି ରୋଜାଗାର ବଢ଼ାଇ ପାରିଛନ୍ତି। ଶୁଖିଲା ଜମିକୁ ଶସ୍ୟ ଶ୍ୟାମଳା କରିବା ପାଇଁ ଗ୍ରାମବାସୀଙ୍କ ଉଦ୍ୟମ ଏବେ ଗାଁକୁ ସମ୍ପୂର୍ଣ୍ଣ ମରୁଡ଼ିମୁକ୍ତ କରିପାରିଛି। ପ୍ରଚୁର ଅଙ୍ଗୁର ଉତ୍ପାଦନ ହେଉଥିବାରୁ କୃଷକମାନେ ବିଦେଶକୁ ଅଙ୍ଗୁର ରପ୍ତାନି କରିବାକୁ ଯୋଜନା କରିଛନ୍ତି। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୨୦୦ ଏକର ଜମିରେ ଜଙ୍ଗଲ ମଧ୍ୟ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ରୋଗୀଙ୍କ ପ୍ରତି ଦରଦ ନାହିଁ

ମହାଶୟ,

ସମଗ୍ର ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ମାନସିକ ରୋଗୀ ଏଣେତେଣେ ବୁଲୁଥିବା ଦୃଷ୍ଟିଗୋଚର ହୁଏ। ଓଡ଼ିଶା ସରକାର ସମସ୍ତ ଡାକ୍ତରଖାନା କାନ୍ଥରେ ଲେଖିଛନ୍ତି ମାନସିକ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା କଲେ ସୁସ୍ଥ ହୋଇଯିବେ। ଏହା ବାସ୍ତବରେ ସତକଥା। କିନ୍ତୁ ଦୁଃଖର ବିଷୟ କଟକ ବଡ଼ ମେଡିକାଲ,ବ୍ରହ୍ମପୁର ଓ ସମ୍ବଲପୁର ବଡ଼ ମେଡିକାଲରେ ଅଭିଜ୍ଞ ଦକ୍ଷ ମାନସିକ ରୋଗ ବିଶେଷଜ୍ଞ ଥିଲେ ବି ଅନ୍ୟ ଜିଲାର ସଦର ମହକୁମାରେ ଥିବା ଡାକ୍ତରଖାନାରେ କୌଣସି ମାନସିକ ବିଶେଷଜ୍ଞ ନାହାନ୍ତି। ଅନେକ ଲୋକଙ୍କ ଧାରଣା ଯଦି କୌଣସି ଲୋକ ପାଗଳ ହୋଇଯାଏ, ତେବେ ସେ ଭଲ ହେବନାହିଁ, ତେଣୁ ପରିବାର ଲୋକ ରୋଗୀ ପ୍ରତି କୌଣସି ଗୁରୁତ୍ୱ ଦେଇ ନ ଥାନ୍ତି। ତେଣୁ ସରକାର କିମ୍ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ପାଗଳଙ୍କ ପ୍ରତି ଧ୍ୟାନ ଦେବା ଉଚିତ।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର

### କ୍ଷୁଦ୍ର ବ୍ୟାରେଜ୍ ନିର୍ମାଣ ହେଉ

କାଠଯୋଡ଼ିରେ କ୍ଷୁଦ୍ର ବ୍ୟାରେଜ୍ ନିର୍ମାଣ ହେଲେ ଜଳ ସଂରକ୍ଷଣ କରାଯାଇପାରିବ। ଏହା ଦେବୀଗଡ଼ାଠାରୁ ଖାନନଗର ମଧ୍ୟରେ କରାଯାଉ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ବନ୍ଧ ନିର୍ମାଣ ଯୋଗୁ ଜଳ ସଙ୍କଟ ଦେଖାଦେଇଛି। ଏଣୁ ବ୍ୟାରେଜ ନିର୍ମାଣ କରାଯାଇ ଜଳସ୍ତର ହ୍ରାସ ଓ ଜଳ ସଙ୍କଟକୁ ଦୂର କରାଯାଉ। ବର୍ଷାଦିନେ ପର୍ଯ୍ୟାପ୍ତ ଜଳ ଥିବାବେଳେ ନିଅଣ୍ଟିଆବେଳେ ଯଥେଷ୍ଟ ଅଭାବ ଦେଖାଯାଉଅଛି। ସେହିପରି ନର୍ଦ୍ଦମାଜଳ କାଠଯୋଡ଼ି ନଦୀରେ ମିଶି ଦୂଷିତ କରୁଅଛି। ଏ ସମସ୍ୟା ମଧ୍ୟ ଦୂର କରାଯାଉ।

ରମେଶ ଚନ୍ଦ୍ର ବେହେରା,
ଆୟତପୁର, କିଶନନଗର, କଟକ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତାତିଲେ ଚାଷୀ, ତେଜିଲା ଆନ୍ଦୋଳନ

**ବରଗଡ଼ ଅଫିସ୍/ଅତାବିରା/ସରଣ୍ଡା,୨୮।୬**

ବରଗଡ଼ ଜିଲାରେ ରବିଧାନ କିଣାବିକା ଅବ୍ୟବସ୍ଥା ଚରମ ସ୍ଥିତିରେ ପହଞ୍ଚିଛି। ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏଯାଏ ଚାଷୀମାନେ ରବିଧାନ ବିକ୍ରି କରିପାରି ନାହାନ୍ତି। ବାରମ୍ବାର ବର୍ଷା ଯୋଗୁ ସେମାନଙ୍କ ଧାନ ନଷ୍ଟ ହେବାରେ ଲାଗିଛି। ଧାନ ଉଠାଣ ପାଇଁ ପ୍ରଶାସନକୁ ବାରମ୍ବାର ଗୁହାରି ସତ୍ତ୍ୱେ କିଛି ସୁଫଳ ମିଳିପାରିନାହିଁ। ଫଳରେ ଜିଲାରେ ଚାଷୀ ଆନ୍ଦୋଳନ ତେଜି ଉଠିଛି।

ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଭେଡ଼େନ ବ୍ଲକ ଅଧୀନ ରେଶମର ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ସହିତ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ମୁଖ୍ୟ ଫାଟକରେ ଧାନ ଗଦା କରି ଚାଷୀମାନେ ଧାରଣାରେ ବସିଥିଲେ।



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାନ ଗଦା କରୁଛନ୍ତି।

ସେଠାରେ ଧାରଣା ଚାଲିଥିଲେ ମଧ୍ୟ (ସନ୍ଧ୍ୟା ସାଢ଼େ ୭ଟା ସୁଦ୍ଧା) ଧାରଣାସ୍ଥଳୀକୁ ପୋଲିସ ବ୍ୟତୀତ ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚିନାହାନ୍ତି। ସେହିପରି କୋସଲ ସେନାର କର୍ମୀମାନେ ଅତାବିରା ବ୍ଲକ ଗୋଡ଼ଭଗା କ୍ୟାମ୍ପ ଛକରେ ସକାଳ ପ୍ରାୟ ୭ଟାରୁ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରି ଧାନ ଉଠାଣ ଦାବି କରିଥିଲେ। ଫଳରେ ବରଗଡ଼-ସମ୍ବଲପୁର ଏବଂ ଗୋଡ଼ଭଗା-ସୋନପୁର ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର

- ଧାନ ଗଦା କରି ଜିଲାପାଳଙ୍କ ଅଫିସରେ ଧାରଣା
- ଗୋଡ଼ଭଗାରେ କୋସଲ ସେନାର ରାସ୍ତାରୋକୋ

ସାମଲ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ଥାନାଧିକାରୀ ଦିଲୀପ କୁମାର ବେହେରା ପ୍ରମୁଖ ସେଠାକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ନ ଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ପୋଲିସ ୧୩ଜଣ ଆନ୍ଦୋଳନକାରୀଙ୍କୁ ଅତାବିରା ଥାନାକୁ ଉଠାଇ ନେଇଥିଲା। ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଦିଆଯାଇଥିଲା।

## ସଂକ୍ଷେପରେ

### କ୍ରାଇମ୍‌ବ୍ରାଞ୍ଚ ଏଡିଜି ଭାବେ ଦାୟିତ୍ୱ ନେଲେ ସଞ୍ଜୀବ ପଣ୍ଡା



**କଟକ ଅଫିସ, ୨୮।୬:** କ୍ରାଇମ୍‌ବ୍ରାଞ୍ଚ ଏଡିଜି ଭାବେ ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ସେ ଦାୟିତ୍ୱ ଗ୍ରହଣ କରିବା ଅବସରରେ କହିଛନ୍ତି, ରାଜ୍ୟରେ ମହିଳା ଓ ଶିଶୁଙ୍କ ଉପରେ ଘଟୁଥିବା ଅପରାଧ ରୋକିବାକୁ ପ୍ରାଥମିକତା ଦିଆଯିବ। ଫୋରେନ୍‌ସିକ ବିଜ୍ଞାନ ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ତଦନ୍ତ କରାଯିବ। ବିଶେଷକରି ତଦନ୍ତରେ ଗୁଣବତ୍ତା ବଜାୟ ରହିବା ଉପରେ ଧ୍ୟାନ ଦିଆଯିବ। ଏବେ ରାଜ୍ୟରେ ଅନ୍‌ଲାଇନ୍‌ରେ ଅଧିକାଂଶ କାର୍ଯ୍ୟ ହେଉଥିବାରୁ ସାଇବର ଠକେଇ ବଢ଼ିଛି। ସାଇବର ଅପରାଧ ଉପରେ ପ୍ରଥମେ ଲୋକଙ୍କୁ ସଚେତନ କରାଯିବ। ଏଥିସହ ତଦନ୍ତ କରାଯାଇ ଅପରାଧର ମାତ୍ରାକୁ ରୋକିବା ପାଇଁ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ, ୧୯୯୪ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ପୂର୍ବରୁ ପରିବହନ କମିଶନର ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ରାଜ୍ୟ ସରକାର ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏଡିଜି ଭାବେ ଦାୟିତ୍ୱ ଦେଇଛନ୍ତି।

### ଚଳନ୍ତା କାର୍‌ରେ ନିଆଁ



**ବ୍ରହ୍ମପୁର ଅଫିସ,୨୮।୬:** ବ୍ରହ୍ମପୁର ବଡ଼ବଜାର ଥାନା ହନୁମାନବଜର ଛକରେ ସୋମବାର ମଧ୍ୟାହ୍ନରେ ଏକ ଚଳନ୍ତା କାର୍‌ରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କେହି ଆହତ ହୋଇନାହାନ୍ତି। ଏକ କାର୍ (ନଂ ଓଆର୦୨ ବିଏମ୍ ୫୨୨୩) ହନୁମାନ ବଜାର ଦେଇ ଯାଉଥିବା ବେଳେ ହଠାତ୍ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଏହା ଦେଖି ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ଦୌଡ଼ି ପଳାଇଥିଲେ। ଗାଡ଼ିଟି ରାସ୍ତାରେ ଛିଡ଼ା ହୋଇଥିବା ବେଳେ ସମ୍ମୁଖ ପଟ ଇଞ୍ଜିନରୁ ପ୍ରବଳ ଧୂଆଁ ସହ ନିଆଁ ବାହାରିଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଶର୍ଟସର୍କିଟ୍ ଯୋଗୁ କାରରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସ କହିଛନ୍ତି। କାରରେ ଡ୍ରାଇଭରଙ୍କ ବ୍ୟତୀତ ଅନ୍ୟ କେହି ନ ଥିବା ଜଣାପଡ଼ିଛି।

# ମା’, ଝିଅ ମୃତ: ବାପ ପୁଅ ଆହତ

### ବାଇକ୍‌କୁ ପଛପଟୁ ଧକ୍କା ଦେଲା ଟ୍ରକ୍

**ରୂପ୍‌ସା, ୨୮।୬(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗେମନ ବ୍ରିଜ୍‌ଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ପଛପଟୁ ଏକ ଟ୍ରକ୍ ଧକ୍କା ଦେବାରୁ ବାଇକ୍‌ରେ ଥିବା ମା’ଝିଅଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ବାପ ଓ ପୁଅ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତ ମହିଳା ହେଲେ ସଦର ଥାନା ଟୁଲଙ୍କସାହିର ଦେବଦତ୍ତ ମହାପାତ୍ରଙ୍କ ସ୍ତ୍ରୀ ରେଣୁକା ମହାପାତ୍ର ଓ ଝିଅ ହିମାଂଶୀ (୮)।

ଦେବଦତ୍ତ ସକାଳେ ସ୍ତ୍ରୀ ରେଣୁକା ଓ ୧୨ବର୍ଷର ପୁଅ, ଝିଅ ହିମାଂଶୀଙ୍କୁ ନେଇ ରୂପ୍‌ସା ଥାନା ଜାମୁନିଆ ଗ୍ରାମସ୍ଥିତ ଶ୍ୱଶୁର ଘରକୁ ବୁଲିବା ପାଇଁ ଆସିଥିଲେ। ଦ୍ୱିପ୍ରହରରେ ଖିଆପିଆ ସାରି ସମସ୍ତେ ବାଇକ୍ (ନଂ. ଓଡ଼ି୦୧-୪୬୯୯) ଯୋଗେ ଘରକୁ ଫେରୁଥିଲେ। ଗେମନ ବ୍ରିଜ୍‌ଠାରେ ବାଇକ୍ ପଛପଟୁ ଏକ ଅଜଣା ଟ୍ରକ୍ ଧକ୍କା ଦେଇଥିଲା। ବାଇକ୍‌ର ଡାହାଣ ପାର୍ଶ୍ୱକୁ ମା’ ଓ ଝିଅ ଛିଟ୍‌କି ପଡ଼ିଥିବା ବେଳେ ବାମପାର୍ଶ୍ୱକୁ ବାପା ଓ ପୁଅ ପଡ଼ିଯାଇଥିଲେ। ଫଳରେ ମା’ ଓ ଝିଅଙ୍କ ଉପରେ ଟ୍ରକ୍ ମାଡ଼ିଯାଇଥିଲା। ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷେଣ୍ଡ ପହଞ୍ଚି ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତ ବାପ ଓ ପୁଅ ଏବଂ ମୃତ ମା’ ଓ ଝିଅଙ୍କୁ ମେଡ଼ିକାଲକୁ ପଠାଇଥିଲେ। ଟ୍ରକ୍ ଫେରାର ହୋଇଯାଇଥିବା ଜଣାପଡିଛି।

# ୪ ନକଲି ଡାକ୍ତର ଗିରଫ

### ଗ୍ରାମାଞ୍ଚଳରେ ଲୋକଙ୍କୁ ଡାକ୍ତର ପରିଚୟ ଦେଇ ଠକୁଥିଲେ

**ମାଲକାନଗିରି, ୨୮।୬ (ଡିଏନ୍.ଏ.)**


ଗିରଫ ନକଲି ଡାକ୍ତରମାନେ।

ଡାକ୍ତରୀ ପାଠ ନ ପଢ଼ି ଗ୍ରାମାଞ୍ଚଳରେ ଲୋକଙ୍କୁ ଡାକ୍ତର ପରିଚୟ ଦେଇ ରୋଗୀ ଚିକିତ୍ସା କରୁଥିବା ୪ଜଣ ନକଲି ଡାକ୍ତର ମାଲକାନଗିରି ପୋଲିସ ହାତରେ ଧରାପଡ଼ିଛନ୍ତି। ପୋଲିସ ସେମାନଙ୍କୁ ଗିରଫକରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଭି-୩୧ ଗ୍ରାମର ରଞ୍ଜିତ୍ ମାଲି, ଏମ୍‌ଭି-୩୨ ଗ୍ରାମର ମନ୍ତୋଷ ପାଣ୍ଡେ, ଏମ୍‌ଭି-୪୭ ଗ୍ରାମର ଅନିମେଶ ବଳ ଓ ପିଟାକଟା ଗ୍ରାମର ମିହିର ବିଶ୍ୱାସ। ଏମାନେ କୌଣସି ଡାକ୍ତରୀ ପାଠ ପଢ଼ି ନ ଥିବା ଏବଂ ଚିକିତ୍ସା ପାଇଁ କୌଣସି ପ୍ରମାଣପତ୍ର ନ ପାଇ ମଧ୍ୟ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଆଖପାଖ ଗ୍ରାମାଞ୍ଚଳରେ ରୋଗୀଙ୍କ ଚିକିତ୍ସା କରୁଥିଲେ। ସେମାନଙ୍କୁ ଔଷଧ ଓ ଇଞ୍ଜେକ୍ସନ ଦେଇ ଅର୍ଥ ଆଦାୟ କରୁଥିଲେ। ପୋଲିସ ସୂଚନା ପାଇବା ପରେ ରବିବାର ସନ୍ଧ୍ୟାରେ ୩ଟି ଗ୍ରାମ ଉପରେ ଚଢ଼ାଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ କେସ୍ ନଂ.୨୨୭, ୨୨୮, ୨୨୯, ୨୩୧/୨୧ରେ ୪ଟି ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗ କହିଛନ୍ତି।

# ‘ସରକାରଙ୍କ ଭୁଲ୍ ଲୋକଙ୍କୁ ଜଣାଇବୁ’

### ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଏବେଠାରୁ ବିଜେଡି, ଭାଜପା ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେଡି ବିରୋଧରେ ପଞ୍ଚାୟତ ନିର୍ବାଚନ ଲଢ଼ିବା ଲାଗି ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ୧୦ ରାଜନୈତିକ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିରେ ବିଭିନ୍ନ ପ୍ରସଙ୍ଗକୁ ଏକାଠିକରି ଦଳ ବିଜେଡି ବିରୋଧରେ ଲୋକଙ୍କୁ ଜଣାଇବ ବୋଲି ସୋମବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ରାଜ୍ୟ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ହୋଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେବଳ ରାଜନୀତି କରିବା ନୁହେଁ ବରଂ ରାଜନୈତିକ ଓ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ସାଢ଼େ ୪ କୋଟି ଓଡ଼ିଆଙ୍କ ବିକାଶ ଆମ ଦାୟିତ୍ୱ। ଆମ ମହାପ୍ରଭୁ ବଡ଼, ତେଣୁ ଆମ ବିଚାର ବଡ଼ ହେବା ଦରକାର। ଏଭଳି କଳ୍ପନାକରି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ।

ବୈଠକ ପରେ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି, ରାଜ୍ୟର ସାଧାରଣ ଜନତା କରୋନା ସଂକ୍ରମଣ ଭଳି ବଡ଼ ବିପତ୍ତିର ଶିକାର ହେବା ସମୟରେ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ବ୍ୟାପକ ଅର୍ଥ ବରାଦ କରିଛନ୍ତି। ସହାୟତା ସତ୍ତ୍ୱେ ସରକାରଙ୍କ ଅପାରଗ ପଣିଆ ପାଇଁ ଲୋକଙ୍କୁ ବିପଦ ମୁହଁକୁ ଠେଲିଦେଇଛନ୍ତି। ଫଳରେ ରାଜ୍ୟରେ କୋଭିଡ୍ ୨ୟ ଲହର ସଂକ୍ରମଣ ଚରମସୀମାରେ ପହଞ୍ଚିଲା ବୋଲି ଭୃଗୁ କହିଛନ୍ତି।

ସେ ଆହୁରି କହିଛନ୍ତି, ଭାଜପାର ବାରମ୍ବାର ଦାବି ସତ୍ତ୍ୱେ ସରକାର ଟେଷ୍ଟିଂ ସଂଖ୍ୟା ବୃଦ୍ଧି ନ କରିବା, ଟ୍ରେସିଂ ଅଭାବ ଏବଂ ଟିଏମ୍‌ସି ଖୋଲା ନ ଯିବା ଯୋଗୁ ବହୁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲା। ଅକ୍ସିଜେନ ବ୍ୟାଙ୍କ୍ ପ୍ରସ୍ତୁତ କରିବା ନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ସରକାର ଅଣଦେଖା କଲେ। ଯଦି ଠିକଣା ସମୟରେ ପିଏମ୍ କେୟାର୍ସ ଫଣ୍ଡ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହାୟତା ମିଳି ନ ଥାନ୍ତା ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା।

ସେହିପରି ପାଖାପାଖି ୪୫ଶହ ଯୁବତୀଯୁବକଙ୍କୁ ବିନା କାରଣରେ ଛଟେଇ, ରାଜ୍ୟର ୧୨ ଜିଲାରେ ଦେଖାଦେଇଥିବା ସୀମା ବିବାଦ କଥାକୁ ଦଳ ପ୍ରସଙ୍ଗ କରିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ହାସଲ ହୋଇପାରୁ ନାହିଁ। ବଂଶଧାରା ନଦୀ ଟ୍ରିବ୍ୟୁନାଲର ରାୟ ଆମ ବିପକ୍ଷରେ ଯାଇଥିବା ପ୍ରସଙ୍ଗକୁ ମଧ୍ୟ ଦଳ ଲୋକଙ୍କ ପାଖରେ ପହଞ୍ଚାଇବ ବକ୍ସିପାତ୍ର କହିଛନ୍ତି। ଭାଜପା କାର୍ଯ୍ୟକାରିଣୀରେ ଓଡ଼ିଶାର ୨ କେନ୍ଦ୍ରମନ୍ତ୍ରୀ, ଦଳ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର, ଏମ୍‌ପି ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ।

### ହତାଶ ଓ ଲକ୍ଷ୍ୟହୀନ ହୋଇପଡ଼ିଛନ୍ତି ଭାଜପା କ୍ୟାଡର: ବିଜେଡି

ନିକଟରେ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟ ହୋଇଛି। କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରେ ସେମାନଙ୍କ ସାଙ୍ଗଠନିକ ସମସ୍ୟା ପରେ ଓଡ଼ିଶାର ଭାଜପା ନେତା ଏବଂ କ୍ୟାଡରମାନେ ଅତ୍ୟଧିକ ହତାଶ ଓ ଲକ୍ଷ୍ୟହୀନ ହୋଇପଡ଼ିଛନ୍ତି। ତେଣୁ ଏଭଳି ହତାଶ ନେତା ଓ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ଭାଜପା କାର୍ଯ୍ୟକାରିଣୀ ବୈଠକରେ ମନଗଢା ବିବୃତିମାନ ଦେଉଥିବା ବିଜେଡି ମୁଖପାତ୍ର ଏଲିନା ଦାସ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଅତ୍ୟନ୍ତ ହତାଶ ଅବସ୍ଥାରେ ଥିବା ଭାଜପା କ୍ୟାଡରମାନଙ୍କ ମନୋବଳ ବୃଦ୍ଧି ପାଇଁ ଏହି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଠି ମିଥ୍ୟା ବିବୃତିମାନ ଦିଆଯାଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା ଆଦି ଭାଜପା ଶାସିତ ରାଜ୍ୟ ତୁଳନାରେ ଓଡ଼ିଶା ଅତି ସଫଳତାର ସହ କୋଭିଡ୍ ସ୍ଥିତି ମୁକାବିଲା କରିଛି। ଗ୍ରାମୀଣ ଗୃହ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ପୁରସ୍କୃତ କରିଛନ୍ତି। ଭାଜପା ନେତାମାନେ କୋଭିଡ୍ ଉପରେ ଆତ୍ମଘୋଷିତ ବିଶେଷଜ୍ଞ ପାଲଟି ଯାଇଛନ୍ତି। ବାସ୍ତବରେ ସେମାନଙ୍କୁ କେନ୍ଦ୍ର ସରକାରଙ୍କ କୋଭିଡ୍ ପରାମର୍ଶଦାତା ଭାବେ ନିଯୁକ୍ତ କରାଯିବା ଉଚିତ। ଏହାଦ୍ୱାରା ସେମାନେ ଅଧିକ ପ୍ରଭାବଶାଳୀ ଢଙ୍ଗରେ କୋଭିଡ୍ ପରିଚାଳନା ନେଇ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇପାରିବେ ବୋଲି ଏଲିନା କହିଛନ୍ତି।

# କଂଗ୍ରେସ ସଭାପତିଙ୍କ ଗାଡ଼ିକୁ ଆକ୍ରମଣ

**ଆନନ୍ଦପୁର,୨୮।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ ଚକ୍ରଙ୍କ ଗାଡ଼ି ଉପରକୁ ରବିବାର ବିଳମ୍ବିତ ରାତିରେ ଆକ୍ରମଣ ହୋଇଥିବା ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ସୁବ୍ରତଙ୍କ ଗାଡି ଭଙ୍ଗାରୁଜା ନେଇ ରାମଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ.୧୦୬/୨୧) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୁବ୍ରତ ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଓଡପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ନିଜ ଗାଡ଼ି (ଓଡି୦୫ଏଇ୮୬୩୬)ରେ ବ୍ୟକ୍ତିଗତ କାର୍ଯ୍ୟରେ ଯାଇ ଘରକୁ ଫେରୁଥିଲେ। ସାଇଁପାଳ ଛକ ନିକଟରେ ହଠାତ୍ ତାଙ୍କ ଗାଡ଼ି ଉପରକୁ ଆକ୍ରମଣ ହୋଇଥିଲା। ଆକ୍ରମଣରେ ତାଙ୍କ ଗାଡ଼ି କାଚ ଭାଙ୍ଗିଥିବା ବେଳେ ସେ କୌଶଳକ୍ରମେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏହି ଆକ୍ରମଣ ଘଟଣାରେ ଘସିପୁରା ବିଧାୟକଙ୍କ ପୁଅ ଦେବାଶିଷ ପାତ୍ର ସାମିଲ ଥିବା ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ସହିତ ତାଙ୍କର କୌଣସି ସମ୍ପର୍କ ନ ଥିବା ଏବଂ ବିରୋଧୀ ରାଜନୈତିକ ଆକ୍ରୋଶ ରଖି ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିବା ଦେବାଶିଷ କହିଛନ୍ତି।

# ଭୋଗଖାଇ ଶତାଧିକ ଅସୁସ୍ଥ

**ଜଳେଶ୍ୱର, ୨୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋପୀମୋହନପୁର ପଞ୍ଚାୟତର ବାସୁଲିଆଗାଁରେ ଠାକୁରଙ୍କ ଭୋଗଖାଇ ସୋମବାର ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଚିକିତ୍ସା ପାଇଁ ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାସୁଲିଆ ଗାଁରେ ଶନିବାର ରାତିରେ ମା’ ବାସୁଲୀଙ୍କର ପୂଜାର୍ଚ୍ଚନା ହୋଇଥିଲା। ରବିବାର ପୂର୍ବାହ୍ନରେ ଏସବୁ ଭୋଗ ଗାଁସାରା ବଣ୍ଟନ କରାଯାଇଥିଲା। ଭୋଗ ଖାଇବା ପରେ ସନ୍ଧ୍ୟାରେ ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବାଲେଶ୍ୱରରୁ ଏକ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି।

Phone No. 06821-241026(O)/241079(R) Fax No.- 06821-241026/240056 e-mail: eerwss_bnj@ori.nic.in; eerwssbnj2009@gmail.com

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**

O-392

**1st Corrigendum to Bid Identification No. S.E._RWS&S_17 of 2021-22**

1. Section - I SL. No.- 4 C. may be read as Building Works instead of PWS work and the similar nature of work such as Building work instead of Conventional Water Treatment Plant or Intake Well or Elevated Service Reservoir or Ground Storage Reservoir of any capacity or laying of pipeline works or RCC Chimney/Silos.

All other terms and conditions remain unaltered.

Sd./- Superintending Engineer, RWS&S Division, Bhanjanagar

OIPR-25021/11/0012/2122

**WILDLIFE PHOTOGRAPHY COMPETITION - 2021**

No. MM-114: During celebration of the 67th Wildlife week from 2nd to 8th October 2021, the Wildlife Organization will felicitate winners of a State Level Photography Competition on the theme **"Birds of Prey"** seen in Odisha. The last of receiving photograph is on 01.09.2021. The details regarding the conditions for the photography competition can be downloaded from **website: wildlife.odisha.gov.in**.

Sd./- PRINCIPAL CHIEF CONSERVATOR OF FORESTS (WILDLIFE) & CHIEF WILDLIFE WARDEN, ODISHA
Plot No. 1459, Prakruti Bhawan, Saheed, Bhubaneswar, PIN - 751007, Odisha

OIPR-08002/11/0006/2122

**OFFICE OF THE MUNICIPAL COUNCIL, SONEPUR**

**"e"-procurement Notice**

**Bid Identification No.: SNP-MUN-02/2021-22**
**TENDER ID: 2021_ORULB_69413**
**Tender Call Notice No.2708/Date 25.06.2021**

**No.C-462:-** Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in the Govt. Website i.e. **www.tendersodisha.gov.in**

| | | |
|---|---|---|
| 1. | Name of the Work | As per DTCN |
| 2. | No. of works | 04 No. |
| 3. | Amount put to Tender | As per DTCN |
| 4. | Period of Completion | As per DTCN |
| 5. | Starting Date & Time of Bidding | From Dt.**27.06.2021** from **11.00 A.M.** |
| 6. | Last Date & Time for Receipt of tenders through online | On or before Dt.**07.07.2021** up to **05.00 PM** |
| 8. | Bids received online shall be opened on | On Dt.**08.07.2021** at **11.00 AM** |
| 9. | Name and address of the Officer inviting Bid | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer, Sonepur Municipality

OIPR-13098/11/0002/2122

GOVERNMENT OF ODISHA No. RR-05

**NETAJI BIRTH PLACE MUSEUM TRUST**

JANAKINATH BHAWAN, ODIA BAZAR, CUTTACK, PIN - 753001, ODISHA
Regd. No. 16820/324 of 2002-2003
Office Phone No. 0674-2432147, Mob.: 9437074316
Email Id: suptosabbsr@gmail.com

**CORRIGENDUM NOTICE**

**NOTICE INVITATION FOR BIDS THROUGH E-PROCUREMENT**

**No. 85/NBMT.** **Dated: 25.06.2021**

| | |
|---|---|
| Bid Identification No. | : No. 01 - Date: 25.06.2021 |
| Nature of Work | : Compound Wall of (Interpretation Centre), Netaji Museum |
| Estimated Cost | : 29,81,158/- |

Bid documents such as NIT/DTCN/BoQ etc. can be seen/downloaded from **www.tendersodisha.gov.in** during the period from **10.00 A.M. hours of 29.06.2021 to 17.00 P.M. hours of 13.07.2021**.

Sd./- Superintendent, OSA-cum-Secretary
Netaji Birth Place Museum Trust, Cuttack

OIPR-03018/11/0002/2122

**OFFICE OF THE NOTIFIED AREA COUNCIL, BALIMELA**

At/Po- Balimela, Dist.- Malkangiri, Pin-764051
mail id-eonacbalimela@gmail.com

Lr. No.1300/21/NAC Dt. 23.06.2021

**Corrigendum**

No. C-466:- The following changes has been made against this office e-tender notice ltr no. 1241, dtd.11/06/2021 **Bid No. - EOBLMT03-2021-22.**

1. As per office memorandum No.8943, dtd. 18.03.2021 of under Principal Secretary to the Govt. of Odisha finance department the mention EMD is waived out.
2. In Sl No.11 modify as Nationalized bank to any scheduled commercial bank.

Sd./- Executive Officer, NAC, Balimela

OIPR-13140/11/0003/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR**

Tel :06724220064, Fax:06724221850
E-Mail :cdmojagatsinghpur@gmail.com

No. 3904 Date: 25.06.2021

**SHORT TENDER CALL NOTICE**

No. E-182: Bids in sealed cover are invited by the undersigned from the intending Manufacturers / Authorized distributors / Agency for supply, installation & commissioning of **"UNWEIGHING SYSTEM" AND "TREADMILL"** to the Chief District Medical & Public Health Officer, Jagatsinghpur. The Bidders may download the Tender Documents directly from the website available at **http://jagatsinghpur.nic.in**. The said sealed bids should reach in the office of the undersigned by 26.07.2021 up to 05.00 P.M through **Regd. Post / Speed Post / Courier Service** only. The tender will be opened on 28.07.2021 at 11.00 A.M. in the Conference Hall at New OPD Building, DHH-Jagatsinghpur. The bidders or their authorized agents may remain present at the time of opening of the bid, if they so wish. The bid document will accompany two parts, i.e. Technical Bid (Part-I) and Price Bid (Part-II) separately in two envelops and should be put in to another envelop with all superscribed with **"TENDER FOR SUPPLY OF "UNWEIGHING SYSTEM" AND "TREADMILL"** as the case may be and must contain the bidders full address with Telephone No., Mobile No. and e-mail id. The undersigned is not responsible for any postal delay and reserves the right to reject any or all of the bids without assigning any reason thereof.

Sd./- Chief District Medical & Public Health Officer, Jagatsinghpur

OIPR-10043/11/0003/2122

**OFFICE OF THE NOTIFIED AREA COUNCIL, BALIMELA**

At/Po- Balimela, Dist.- Malkangiri, Pin-764051
mail id-eonacbalimela@gmail.com

Lr. No.1317/21/NAC Dt. 26.06.2021

**Corrigendum**

No. C-461:- The following changes has been made against this office e-tender notice Letter No. 1241, dtd.11/06/2021 **Bid No. - EOBLMT03-2021-22. The timeline is extended as follows:-**

1. Online apply is extended upto dtd.05.07.2021, 5 PM
2. Dropping date is extended upto 06.07.2021 upto 5 PM
3. Opening date 07.07.2021 at 11 AM.

All other terms and conditions is remained unchanged as published in the e-tender.

Sd./- Executive Officer, NAC, Balimela

OIPR-13140/11/0002/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**INVITATION FOR BIDS (IFB)**
**Office of the Addl. Chief Engineer**
**Balangir Irrigation Circle, Balangir**
**e-mail id- sebalangir@gmail.com**
**"e"-procurement Notice No.- SEBOIC 01/2021-22**
**Bid Identification No. SEBOIC 01/2021-22**

No. A-241:- Bid documents consisting of work, estimated cost, cost of tender paper, Bid security Declaration instate of EMD, time of completion, Class of contractor, the set of terms and condidtions of contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1 | Name of the work | NABARD Works. |
| 2 | No. of Works | **05 Nos. (Individual Work)** |
| 3 | Class of Contractor | **'B', 'A' & Special Class (Odisha PWD or relevant class of other licensing Authority.)** |
| 4 | Bid Identification No. | SE BOIC-01/2021-22 |
| 5 | Estimated Cost | Varies Approximately from 183.20 Lakhs to 420.91 Lakhs |
| 6 | Period of Completion | 12 (Twelve) Calendar months. |
| 7 | Date & time of availability of bid documents in the Portal. | **From 29.06.2021 (10.00 AM) to 13.07.2021 (05.30 P.M.)** |
| 8 | Last date/time for receipt of bids through online. | **13.07.2021 upto 05.30 P.M.** |
| 9 | Date of Opening of Bid through online (Cover-I) | **14.07.2021 (11.00 AM onwards in the Office of the undersigned.)** |
| 10 | Name of the Officer inviting Bid | **Addl. Chief Engineer, Balangir Irrigation Circle, Balangir (Dist.- Balangir)** |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Sd./- Additional Chief Engineer, Bolangir Irrigation Circle, Bolangir

OIPR-32172/11/0001/2122

**OFFICE OF THE CHIEF ENGINEER & BASIN MANAGER**

TELBASIN, BHAWANIPATNA, DIST.- KALAHANDI
Tel. No. 06670-230209, e-mail: cetelbasinbhp@gmail.com

**Government of Odisha**

**"e" Procurement Notice - CE&BM, TEL - 03/2021-22**

**Bid Identification No. CETEL-KID-03/2021-22**

No. A-236: Online tendes are invited for EPC Contract for Construction of Instream Storage Structure (Barrage) near Village: Nandagaon across river Udanti in the district of Nuapada under Kalahandi Irrigation Division, Bhawanipatna including Hydromechanical Works, Power Connectivity Works, Road Connectivity, Staff Quarters including designs and Estimate of all component with Operation and Maintenance of the Project for a period of five years or five flood seasons which ever is more after successful commissioning of the Project of State of Odisha from perspective bidders.

| | | |
|---|---|---|
| 1. | Name of Work | Construction of Instream Storage Structure (Barrage) near village Nandagaon accross river Udanti in the district of Nuapada under Kalahandi Irrigation Division, Bhawanipatna including Hydromechanical Works, Power Connectivity Works, Road Connectivity, Staff Quarters including designs and Estimate of all component with Operation and Maintenance of the Project for a period of five years or five flood seasons which ever is more after successful commissioning of the Project of State of Odisha. |
| 2. | Period of Completion | 30 (Thirty) Calendar months including rainy season |
| 3. | Date & time of availability of bid document in the portal | Date: 01.07.2021 from 10.00 A.M. to Date: 16.08.2021 upto 5.00 P.M. |
| 4. | Last date/time for receipt of bids in the portal | Date: 16.08.2021 upto 5 P.M. |
| 5. | Name & address of the Officer Inviting Bid | Chief Engineer & Basin Manager, Tel Basin, Bhawanipatna, Dist.- Kalahandi - 766001, Odisha Telephone: 06670-230209 Email: cetelbasinbhp@gmail.com |

Further details can be seen from the e-procurement portal: **https://tendersodisha.gov.in**.

CE & BM
Tel Basin, Bhawanipatna

OIPR-32317/11/0004/2122

## ଜିଲାପାଳଙ୍କ ପୋତାଗଡ଼ ଦୁର୍ଗ ପରିଦର୍ଶନ

ଗଞ୍ଜାମ, (ଡି.ଏନ.ଏ.): ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗକୁ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନରେ ଆସିଥିଲେ। ତାଙ୍କ ସହ ରାଜ୍ୟ ଜଳସେଚନ ବିଭାଗୀୟ ମୁଖ୍ୟଙ୍କ ସହିତ ଅଫିସରମାନେ ଆସି ଦୁର୍ଗର ଉନ୍ନତୀକରଣ ନିମନ୍ତେ ସମୀକ୍ଷା କରିଛନ୍ତି। ମୁଖ୍ୟତଃ ଦୁର୍ଗର ଚତୁଃପାର୍ଶ୍ୱରେ ଖନନ କରି ସେଥିମଧ୍ୟରେ ଜଳଭର୍ତ୍ତି କରାଯାଇ ବୋଟିଂ ବ୍ୟବସ୍ଥା କିପରି ହୋଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ପୋତାଗଡ଼ ଦୁର୍ଗରେ ଆଗାମୀ ଦିନରେ ସୌନ୍ଦର୍ଯ୍ୟକରଣ କରାଯାଇ ପର୍ଯ୍ୟଟକମାନେ କିପରି ଆକୃଷ୍ଟ ହୋଇପାରିବେ ସେନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ସମୀକ୍ଷାରେ ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ବିଶ୍ୱଜିତ ରାୟ, ତହସିଲଦାର, ଗଞ୍ଜାମ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂତନ ଜିଲାପାଳ ଭାବେ ଯୋଗଦେଲେ ଲିଙ୍ଗରାଜ



ପାରଳାଖେମୁଣ୍ଡି,୨୮।୬(ଡି.ଏନ୍.ଏ.): ଗଜପତି ଜିଲାରେ ନୂତନ ଜିଲାପାଳ ଭାବେ ରବିବାର ଲିଙ୍ଗରାଜ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଅନୁପମ ଶାହା ଜିଲାପାଳ ଥିଲେ। ତାଙ୍କର ଓପେସା ପିଡି ଭାବେ ବଦଳି ସହ ମୋ ସ୍କୁଲ ସଦସ୍ୟ ଭାବେ ଶାହା ଦାୟିତ୍ୱରେ ରହିବେ। ଶାହାଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଏସ୍‌ପିଡି ଥିବା ଲିଙ୍ଗରାଜଙ୍କୁ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

### ଅଜଗର ଉଦ୍ଧାର

ଖଜୁରିପଡ଼ା/ବଲସକୁମ୍ପା,୨୮।୬(ଡି.ଏନ.ଏ.): ଖଜୁରିପଡ଼ା ବ୍ଲକ୍ ବାରିକୁମ୍ପା ଗ୍ରାମର ନାରାୟଣ ଆଚାର୍ଯ୍ୟ ବଗିଚାରୁ ସୋମବାର ଏକ ଅଜଗର ଉଦ୍ଧାର କରାଯାଇଛି। ବଗିଚାରେ ଏକ ଅଜଗର ସାପକୁ ଦେଖି ନାରାୟଣ ଟିମ୍ ହ୍ୟୁମାନିଟି କନ୍ଧମାଳ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ଜଣାଇଥିଲେ। ସ୍ନେକ ହେଲ୍ପଲାଇନ ସଦସ୍ୟ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଫୁଲବାଣୀ ବନ ବିଭାଗ ଅଫିସରେ ହସ୍ତାନ୍ତର କରିଥିଲେ। ବନ ବିଭାଗର ନିର୍ଦ୍ଦେଶକ୍ରମେ ପୁଣି ସାପଟିକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବା ଟିମ ହ୍ୟୁମାନିଟିର ଆବାହକ ଭି.ଲୋକନାଥ ରାଜୁ କହିଛନ୍ତି।

### ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

ଆସିକା,୨୮।୬(ଡି.ଏନ.ଏ):ଗାଙ୍ଗପୁର ଥାନା ଅନ୍ତର୍ଗତ ନିମିନା ଗ୍ରାମରେ ଚାଲିଥିବା ଏକ ବାଲ୍ୟ ବିବାହକୁ ସୋମବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ଏହି ଗ୍ରାମର ଜଣେ ଯୁବକଙ୍କ ଧରାକୋଟ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ବିବାହ ଚାଲିଥିବା ପ୍ରଶାସନକୁ ସୂଚନା ମିଳିଥିଲା। ଆସିକା ସିଡିପିଓ ଭାରତୀ ମହାପାତ୍ର, ଧରାକୋଟ ସିଡିପିଓ ଡାଲିମ୍ବ ନାୟକଙ୍କ ସମେତ ଗାଙ୍ଗପୁର ଓ ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହା ପୂର୍ବରୁ ଯୁବକଙ୍କ ଘର ଲୋକେ ନାବାଳିକାଙ୍କୁ ତାଙ୍କ ଗ୍ରାମକୁ ପଠାଇ ଦେଇଥିଲେ। ଅଧିକାରୀମାନେ ନାବାଳିକାଙ୍କ ଘରକୁ ଯାଇ ତାଙ୍କୁ ନେଇ ବ୍ରହ୍ମପୁରସ୍ଥିତ ଚାଇଲ୍ଡ ୱେଲଫେୟାର ସେଣ୍ଟରକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ଉଭୟ ପରିବାର ଉପଯୁକ୍ତ ବୟସ ହେଲେ ପୁଅଝିଅଙ୍କ ବିବାହ କରିବେ ବୋଲି ସତ୍ୟପାଠ ଦେଇଛନ୍ତି।

### ମାଟ୍ରିକରେ ଇତିସ୍ମିତା ଗଞ୍ଜାମ ବ୍ଲକ ଟପ୍ପର



ଗଞ୍ଜାମ,୨୮।୬ (ଡି.ଏନ.ଏ.): ଗଞ୍ଜାମ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ରୀ ଇତିସ୍ମିତା ପାଢ଼ୀ ମାଟ୍ରିକ ପରୀକ୍ଷାରେ ୫୫୫ ନମ୍ବର ରଖି ଗଞ୍ଜାମ ବ୍ଲକ ଟପ୍ପର ହୋଇଛନ୍ତି। ଗଞ୍ଜାମ ଦୁର୍ଗା ଦେବୀ ସାହି ବାସିନ୍ଦା ବାଲାଜି ଚରଣ ପାଢ଼ୀ ଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ୨ୟ ଝିଅ ଇତିସ୍ମିତା ପିଲାବେଳୁ ମେଧାବୀ ଛାତ୍ରୀ ଥିଲେ। ମାଟ୍ରିକ ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଇତିସ୍ମିତାଙ୍କ ସହ ଯୋଗାଯୋଗ କରିବାରୁ ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାର ଇଚ୍ଛା ରହିଛି ବୋଲି ସେ କହିଛନ୍ତି।

# ଶତ ପ୍ରତିଶତ ଟିକାକରଣ ସୁରକ୍ଷିତ ରଖିବ

ଛତ୍ରପୁର,୨୮।୬(ଡି.ଏନ.ଏ. )



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

**ସମ୍ଭାବ୍ୟ କରୋନା ତୃତୀୟ ଲହର**
- ଦୋକାନୀ ପଞ୍ଚସୂତ୍ର ମାନିବା ବାଧ୍ୟତାମୂଳକ
- ପ୍ରତି ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ

ସମ୍ଭାବ୍ୟ କରୋନା ତୃତୀୟ ଲହର ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଶତ ପ୍ରତିଶତ ଟିକାକରଣ ସୁରକ୍ଷିତ ରଖିବାରେ ସହାୟକ ହେବ। ସମସ୍ତ ଟିକାକରଣ କେନ୍ଦ୍ରରେ ଠିକ ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଅନୁଷ୍ଠିତ ଭିଡିଓ କନଫରେନ୍ସ ବୈଠକରେ କହିଥିଲେ। ଜିଲାରେ ଯେ ପର୍ଯ୍ୟନ୍ତ ଶତପ୍ରତିଶତ ଟିକାକରଣ ହୋଇନାହିଁ ସେ ପର୍ଯ୍ୟନ୍ତ ଦୋକାନୀ ପଞ୍ଚସୂତ୍ରୀ ନିୟମ ମାନିବା ବାଧ୍ୟତାମୂଳକ। ଜିଲାବାସୀ ମାସ୍କ ବ୍ୟବହାରକୁ ନିଜ ଜୀବନ ଶୈଳୀରେ ବ୍ୟବହାର କରିବା ଅଭ୍ୟାସ କରନ୍ତୁ। ଏଥିସହିତ ହାତ ଧୋଇବା ଅଭ୍ୟାସ ଜାରି ରଖନ୍ତୁ। ଏସବୁ ନିୟମ ମାନିଲେ ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଜିଲାପାଳ ଜନସାଧାରଣଙ୍କୁ ଜଣାଇଛନ୍ତି ।

ସଂପ୍ରତି ବ୍ରହ୍ମପୁର ମହାନଗର ଅଞ୍ଚଳରେ ୮୭ ପ୍ରତିଶତ ଜନସାଧାରଣ କରୋନା ଟିକାର ପ୍ରଥମ ଡୋଜ୍ ଗ୍ରହଣ କରି ସାରିଥିବା ଜିଲାପାଳ କହିଥିଲେ। ଅନ୍ୟପକ୍ଷରେ ପ୍ରତି ବ୍ଲକରେ କେତେ ପ୍ରତିଶତ ଲୋକ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଜିଲାପାଳ ତାହର ତର୍ଜମା କରିଥିଲେ। ତୃତୀୟ ଲହରରୁ ସୁରକ୍ଷିତ ରହିବା ସକାଶେ ଟିକା ହିଁ ଏକମାତ୍ର ଅମୋଘ ଅସ୍ତ୍ର ବୋଲି ଜିଲାପାଳ କହିଥିଲେ। ସମସ୍ତ ଅଞ୍ଚଳରେ ଅଧିକ ଲୋକଙ୍କ ସ୍ୱାବ ସଂଗ୍ରହ କରି ପରୀକ୍ଷା କରିବାକୁ କୁହାଯାଇଛି । କରୋନା ସହିତ ଜୀବନ ଶୈଳୀକୁ ଅଭ୍ୟାସରେ ପରିଣତ କରି ଉନ୍ନୟନ କାର୍ଯ୍ୟ ଚାଲୁ ରହିବ । ଜିଲାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରି ସେମାନଙ୍କୁ କାର୍ଡ ପ୍ରଦାନ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲାର ପ୍ରତି ଅଞ୍ଚଳରେ ଇନଡୋର୍ ଷ୍ଟାଡିୟମ ନିର୍ମାଣ ହେବ । ଏଥିସକାଶେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସ୍ଥାନ ନିରୂପଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ସୋମବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ଅନୁଷ୍ଠିତ ହୋଇ ସପ୍ତାହେ ପର୍ଯ୍ୟନ୍ତ ଯାହା କାର୍ଯ୍ୟ ଦିଆଯିବ ତାହା ନିଜ କାର୍ଯ୍ୟାଳୟର ନିୟମିତ କାର୍ଯ୍ୟ ସହ ପ୍ରଦାନ କରାଯାଇଥିବା କାର୍ଯ୍ୟ ଶେଷ କରିବା ପାଇଁ ଜିଲାପାଳ ଜଣାଇଥିଲେ। ସୋମବାର ଦିଆଯାଇଥିବା କାର୍ଯ୍ୟ ଶନିବାର ସୁଦ୍ଧା ଶେଷ ହେବ କିମ୍ବା ଉକ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଶନିବାର ଆଲୋଚନା ହେବ । ଅଧିକାରୀମାନେ ଯଦି କିଛି ନୂଆ ଚିନ୍ତା କରନ୍ତି ସେ ବିଷୟରେ ଉଚ୍ଚ ଅଧିକାରୀଙ୍କ ସହ ବିଚାରବିମର୍ଶ କରି ତାହା କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ପ୍ରୟାସ କରିବାକୁ ଜିଲାପାଳ ପ୍ରବର୍ତ୍ତାଇଥିଲେ ।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

ଖଜୁରିପଡ଼ା/ବଲସକୁମ୍ପା, ୨୮।୬(ଡି.ଏନ.ଏ.)

ଖଜୁରିପଡ଼ା ଥାନା ସିର୍ଦ୍ଦିଙ୍ଗି ଗାଁରେ ରବିବାର ରାତିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ସୌଦାମିନୀ ବେହେରା (୧୯)। ଏନେଇ ଖଜୁରିପଡ଼ା ପୋଲିସ ନଂ. ୭୧/୨୧ରେ ମାମଲା ରୁଜୁ କରିଛି। ୬ ମାସ ପୂର୍ବେ ନୟାଗଡ଼ ଜିଲାର ବାଣୀଗୋଛା ଥାନା ରୂପାଝରି ଗ୍ରାମର ସ୍ୱର୍ଗତ ଲାବଣ୍ୟ ବେହେରାଙ୍କ ଝିଅ ସୌଦାମିନୀଙ୍କୁ ଭଲ ପାଇ ସିର୍ଦ୍ଦିଙ୍ଗି ଗ୍ରାମର ଜଣେ ଯୁବକ ବିବାହ କରିଥିଲେ। ବିବାହର କିଛିଦିନ ସବୁ ଠିକ୍ ଥିଲା। ପରେ ସୌଦାମିନୀଙ୍କୁ ଶାରୀରିକ, ମାନସିକ ଏବଂ ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏବଂ ପରିବାରବର୍ଗ ମାର୍‌ପିଟ କରୁଥିଲେ। ଏନେଇ ସୌଦାମିନୀ ନିଜ ବାପା ଘରକୁ ଜଣାଇଥିଲେ। ତାଲାବନ୍ଦ ଥିବାରୁ ପରିବାର ଲୋକେ ଝିଅ ପାଖରେ ପହଞ୍ଚି ପାରି ନ ଥିଲେ। ଅନ୍ୟପକ୍ଷରେ ରବିବାର ରାତିରେ ସୌଦାମିନୀ ଘରୁ କୁଆଡେ ଯାଇ ଆତ୍ମହତ୍ୟା କରିଛି ବୋଲି ତାଙ୍କ ସ୍ୱାମୀ ଶ୍ୱଶୁର ଘରେ ଜଣାଇଥିଲେ। ସୌଦାମିନୀଙ୍କ ବାପା ଘର ଲୋକେ ପହଞ୍ଚି ଏହା ହତ୍ୟା ବୋଲି ସନ୍ଦେହ କରି ଝିଅର ମାମୁ ପଞ୍ଚୁ ନାୟକ ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଟିମ୍ ସହ ତହସିଲଦାର ସ୍ୱପ୍ନିତା ନାଏକ ପହଞ୍ଚି ଉକ୍ତ ଗାଁ ନିକଟ ଭାଲିଆ ପୁଲଭାଟି ଶାଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ବାରଣ୍ଡାରୁ ସୌଦାମିନୀର ମୃତଦେହ ଜବତ କରିଥିଲା। ସୋମବାର ତହସିଲଦାରଙ୍କ ସହିତ ସ୍ୱତନ୍ତ୍ର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି।

## ଶହୀଦଙ୍କ ପରିବାରକୁ ଜାଗା ପଟ୍ଟା ପ୍ରଦାନ



ପଟ୍ଟା ନେଉଥିବା ଶହୀଦଙ୍କ ପରିବାର ।

ଫୁଲବାଣୀ ଅଫିସ, ୨୮।୬

କନ୍ଧମାଳ ଜିଲାରେ ୨୦୧୨ରେ ମାଓବାଦୀ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ ସୋମବାର ଜାଗା ପଟ୍ଟା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ତହସିଲ ଅଫିସରେ ତହସିଲଦାର ଦିନମଣୀ ନାୟକ ୧୬ ଆର ବିଶିଷ୍ଟ ଜାଗାର ପଟ୍ଟା ଶହୀଦ ସଂଗ୍ରାମ କୁମାର ଲେଙ୍କାଙ୍କ ବାପା ହୃଦାନନ୍ଦ, ଶହୀଦ ସୁନାସିର ମହାନ୍ତିଙ୍କ ସ୍ତ୍ରୀ ସୁଜିତ ରାଣୀ ଓ ଶହୀଦ ଉମାକାନ୍ତ ଯାନିଙ୍କ ସ୍ତ୍ରୀ ସୁଧା ମଞ୍ଜରୀ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ବହୁ ଦିନରୁ ପଟ୍ଟା ପ୍ରସ୍ତୁତ ହୋଇଥିଲେ ମଧ୍ୟ ଜାଗାକୁ ଯିବା ରାସ୍ତାକୁ କିଛି ଲୋକ ଅବରୋଧ କରି ରଖିଥିଲେ। ତହସିଲଦାର ନାୟକ ଏହି ଜାଗାକୁ ଖାଲି କରିଛନ୍ତି । ଜାଗା ପାଇବା ପରେ ପରିବାର ପକ୍ଷରୁ ଜିଲାପାଳ ଡ଼ା ବୃନ୍ଦା ଡ଼ି, ଏସପି ଭିନୀତ ଅଗ୍ରୱାଲ ଓ ତହସିଲଦାରଙ୍କୁ ଧନ୍ୟବାଦ ଦିଆଯାଇଛି।

## ସରକାରୀ ଜମିକୁ ନେଇ ଗଣ୍ଡଗୋଳ ଘଟଣା, ବାପପୁଅ ଗିରଫ

ଦାରିଙ୍ଗବାଡ଼ି,୨୮।୬(ଡି.ଏନ.ଏ.)

**ପ୍ରଶାସନର ତଦନ୍ତ ଆରମ୍ଭ**



ଗିରଫ ବାପପୁଅ ।

ଦାରିଙ୍ଗବାଡ଼ି ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲ କରାଯାଇ ବିକ୍ରିବଟା କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏକ ସରକାରୀ ଜମିକୁ ନିଜର ଦର୍ଶାଇ ସେଠାରେ ଜଣେ ବ୍ୟକ୍ତି କରିଥିବା ଘର ଭଙ୍ଗାରୁଜା ସହ ଗଣ୍ଡଗୋଳ କରି ଫେରାର୍ ଥିବା ବାପପୁଅଙ୍କୁ ଦାରିଙ୍ଗବାଡ଼ି ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ଦାରିଙ୍ଗବାଡ଼ିର ପୀତବାସ ମାଲବିଷୋୟୀ ଏବଂ ତାଙ୍କ ପୁଅ ଆଲୋକ । ଜିଲା ବାହାରୁ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ଗତ ଏପ୍ରିଲ ମାସରେ ଦାରିଙ୍ଗବାଡି ଠାକୁରାଣୀ ପଡ଼ିଆରେ କିଲା ନାୟକ ଏକ ଘର ନିର୍ମାଣ କରିଥିଲେ । ଉକ୍ତ ଜମି ନିଜର ବୋଲି କିଲାଙ୍କୁ ପୀତବାସ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଦିନ କିଲାଙ୍କ ଘର ଭଙ୍ଗାରୁଜା କରାଯିବା ସହ ଟିଣ ଏବଂ ଅନ୍ୟ ସାମଗ୍ରୀକୁ କେହି ଚୋରାଇ ନେଇଥିଲା। ପୀତବାସ ଏପରି କରିଥିବା ନେଇ କିଲା ଏପ୍ରିଲ ୨୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିଦିନଠାରୁ ପୀତବାସ ଏବଂ ତାଙ୍କ ପୁଅ ଆଲୋକ ଫେରାର ଥିଲେ। ଫୋନ ଟ୍ରାକିଂ କରି ଉଭୟଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ସାଇବର ଏକ୍ସପର୍ଟ ସୌମ୍ୟକାନ୍ତ ପଣ୍ଡା କହିଛନ୍ତି। ସେ କହିଛନ୍ତି, ପୀତବାସଙ୍କ ନାଁରେ ଏକାଧିକ ସରକାରୀ ଜମି ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ତହସିଲଦାରଙ୍କ ସହାୟତା ଲୋଡାଯାଇଛି। ଅନ୍ୟପକ୍ଷରେ ତହସିଲଦାର କଳାକୃଷ୍ଣ ପ୍ରଧାନ କହିଛନ୍ତି, ଉକ୍ତ ବ୍ୟକ୍ତିଙ୍କ ନାମରେ ଏକାଧିକ ଜମି ହଡ଼ପ ଅଭିଯୋଗ ରହିଛି। ତାହାର ତଦନ୍ତ ଚାଲିଥିବା ସେ କହିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଛତ୍ରପୁର,୨୮।୬(ଡି.ଏନ୍.ଏ.)

ଛତ୍ରପୁର ଥାନା ସୁନ୍ଦରପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଜଣେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବଳରାମ ଦାସଙ୍କ ସ୍ତ୍ରୀ ଭାରତୀ ଦାସ (୧୯)। ଅପରାହ୍ନରେ ଘରେ ଭାରତୀଙ୍କ ଛଡ଼ା କେହି ନ ଥିଲେ। ଶାଶୁଘର ଲୋକେ ଆସିବା ପରେ ଭାରତୀ ଘରେ ତଳେ ପଡ଼ିଥିବା ଓ ଡାକିଲେ ନ ଉଠିବାରୁ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, ଏସଆଇ ସତ୍ୟଜିତ ବେହିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଭାରତୀଙ୍କ ବାପା ଗୁରୁବାରିଆ ପ୍ରଧାନ ଝିଅକୁ ତାର ଶାଶୁଘର ଲୋକେ ତଣ୍ଟି ଚିପି ମାରି ଦେଇଥିବା ଅଭିଯୋଗ କରି ଏତଲା ଦେଇଛନ୍ତି। ଏ ନେଇ ନଂ.୩୧୦/୨୧ ମାମଲା ରୁଜୁ କରାଯାଇଛି। ଭାରତୀଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ଏକ ବର୍ଷ ତଳେ ଟାଙ୍ଗଣାପଲି ଗ୍ରାମର ଗୁରୁବାରିଆଙ୍କ ସାନ ଝିଅ ଭାରତୀଙ୍କୁ ବଳରାମପୁର ଗ୍ରାମର ବଳରାମଙ୍କୁ ପ୍ରେମ ବିବାହ କରିଥିଲେ।

## ପଇତାଗାଁ ହତ୍ୟାକାଣ୍ଡ ଘଟଣା, ୪ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଏବଂ ଅନ୍ୟମାନେ ।

ଭଞ୍ଜନଗର,୨୮।୬(ଡି.ଏନ.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ ପଇତାଗାଁରେ ଗତ ୨୧ ତାରିଖରେ କାଳିଆ ଗୌଡ଼ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପଇତାଗାଁର ବରୁଣ ଗୌଡ଼ ଓ ମୁଜାଗଡ଼ର ଶଙ୍କର ଗୌଡ଼, ଟୁନା ବିଷୋୟୀ ଓ ବଳିଆ ବିଷୋୟୀ। ହତ୍ୟାକାଣ୍ଡରେ ବ୍ୟବହୃତ ୩ଟି ଠେଙ୍ଗା ପୋଲିସ ଜବତ କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଭଞ୍ଜନଗର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି । ପ୍ରକାଶ ଯେ, ଗତ ସେପ୍ଟେମ୍ବର ୯ ତାରିଖରେ କାଳିଆ ଓ ବରୁଣଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ପରେ କାଳିଆ ଏକ ଛୁରିରେ ବରୁଣଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ସେ ହତ୍ୟା ଉଦ୍ୟମ ମାମଲାରେ ଜେଲ ଯାଇଥିଲେ। ୨ ମାସ ପୂର୍ବେ କାଳିଆ ଜାମିନରେ ଆସିବା ପରେ ପୁଣି ବରୁଣଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା । ପରେ କାଳିଆଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା ପାଇଁ ବରୁଣ ଯୋଜନା କରିଥିଲେ। ଘଟଣାଦିନ ରାତିରେ କାଳିଆ ଦଦରାଲୁଣ୍ଡାରୁ ଚାଲିଚାଲି ଗ୍ରାମକୁ ଫେରୁଥିବା ବେଳେ ବରୁଣ ଓ ତାଙ୍କ ସହଯୋଗୀମାନେ ଠେଙ୍ଗାରେ ପିଟି ହତ୍ୟା କରିଥିଲେ ବୋଲି ଏସଡିପିଓ ମିଶ୍ର କହିଛନ୍ତି । ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୁଦିପ୍ତ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଶିକାର ଯୋଜନା ବେଳେ ଶିକାରୀ ଗିରଫ

ଜଗନ୍ନାଥପ୍ରସାଦ,୨୮।୬(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବନାଞ୍ଚଳରେ ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଯୋଜନା କରୁଥିବା ବେଳେ ବନ ବିଭାଗ ରବିବାର ଜଣେ ଶିକାରୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଡୁଙ୍ଗାପଲ୍ଲୀ ଗ୍ରାମର ସୁକୁଟା ନାୟକ। ଶନିବାର ରାତ୍ରି ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ଲଙ୍କାଗଡ଼ ଘାଇ ନିକଟରେ ଥିବା ଭାଲୁ ମୁଣ୍ଡିଆ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛା ଯାଇଥିବା ଦେଖି ଶିକାରୀକୁ ଧରିବା ପାଇଁ ରାତ୍ରି ସାରା କର୍ମଚାରୀମାନେ ଜଗି ରହିଥିଲେ। ରବିବାର ସକାଳୁ ସୁକୁଟା ଲୁଚିଲୁଚି ଯାଇ ବିଦ୍ୟୁତ୍ ବିଚ୍ଛିନ୍ନ କରି ତାରକୁ ଗୋଟାଉଥିବା ବେଳେ ଧରାପଡ଼ିଥିଲେ। ଘଟଣାସ୍ଥଳରୁ ପ୍ରାୟ ଦୁଇ କେଜି ଜିଆଇ ତାର, କିଛି ଛୋଟ କାଠ ଖୁଣ୍ଟ, ବୋତଲ ଜବତ କରାଯାଇଛି।

## ୨୦ ତୋଳା ସୁନା, ୧୦ ତୋଳା ରୁପା ଚୋରି

ଛତ୍ରପୁର,୨୮।୬(ଡି.ଏନ୍.ଏ.)

ଗଞ୍ଜାମ ଥାନା ଅଧୀନ କରପଡା ଗ୍ରାମର ବୃନ୍ଦାବନ ଚର୍ତିଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ କଳକନା ବୁଲାଇଛନ୍ତି। ବୃନ୍ଦାବନ ଓ ତାଙ୍କ ସ୍ତ୍ରୀ ସୁନିତା ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘର ପଛପଟେ ଆସି ଗୋଟିଏ ଗ୍ରୀଲ ଓ ଦୁଇଟି କବାଟ ତାଡି ଆଲମିରାରୁ ୨୦ ତୋଳା ସୁନା, ୧୦ ତୋଳା ରୁପା ଏବଂ ୧୫ ହଜାର ଟଙ୍କା ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଫ୍ରିଜରୁ ପାଣି ବୋତଲ ଆଣି ପିଇବା ସହ ବିଭିନ୍ନ କାଗଜପତ୍ର ଓ ଦୁଇଟି ଭ୍ୟାନିଟି ବ୍ୟାଗ ନେଇ ବାରିପଟେ ଫିଙ୍ଗିଛନ୍ତି। ସକାଳୁ ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସଡିପିଓ ଗୌତମ କିଷାନ, ଗଞ୍ଜାମ ଓ ଛତ୍ରପୁର ଥାନା ଅଧିକାରୀ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ବିଭିନ୍ନ ସ୍ଥାନରୁ ସିସି ଟିଭି ଫୁଟେଜ ମଧ୍ୟ ଯାଞ୍ଚ କରାଯାଇଛି। ତଥାପି ପୋଲିସ ଦୁର୍ବୃତ୍ତଙ୍କ ଟେର ପାଇପାରିନି।

## ଗଜପତିରେ ୧୨ ପଜିଟିଭ୍

ପାରଳାଖେମୁଣ୍ଡି,୨୮।୬(ଡି.ଏନ୍.ଏ.)

ଗଜପତି ଜିଲାରେ ରବିବାର ୧୧୦୭ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେଥିରୁ ୧୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୧୮୭ରେ ପହଞ୍ଚି ଥିବାବେଳେ ୯୦୫୩ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। କରୋନାରୁ ୨୮ ଜଣ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି।

# ଭଞ୍ଜନଗର ବସ୍‌ଷ୍ଟାଣ୍ଡ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭଞ୍ଜନଗର,୨୮।୬(ଡି.ଏନ.ଏ)

ଭଞ୍ଜନଗର ବସ୍‌ଷ୍ଟାଣ୍ଡର ଆଧୁନୀକିକରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରାରେ ବସଷ୍ଟାଣ୍ଡ ସର୍ବସାଧାରଣଙ୍କ ପାଇଁ ଖୋଲାଯିବା ସମ୍ଭାବନା ରହିଛି । ସୋମବାର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଭଞ୍ଜନଗର ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବସଷ୍ଟାଣ୍ଡର ବାକି ଥିବା କାମ ତୁରନ୍ତ ସାରିବା ପାଇଁ ପଦକ୍ଷେପ ନେବାକୁ ସଂଘ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଲକ୍‌ଡାଉନ, ଶଟ୍‌ଡ଼ାଉନ ଯୋଗୁ ବସ୍ ସେବା ବନ୍ଦ ରହିଛି । ବସ୍ ମାଲିକମାନେ ଆର୍ଥିକ କ୍ଷତି ସହିବା ସହ କିଛି ମାଲିକ ଇଏମ୍ଆଇ ଶୁଝିଶୁଝି ଦେବାଳିଆ ହୋଇଗଲେଣି । କର୍ମଚାରୀମାନେ ମଧ୍ୟ ବହୁ ହଇରାଣ ହେଉଛନ୍ତି। ଘରୋଇ ବସ୍‌ରେ କାମ କରୁଥିବା ହେଲପର, କଣ୍ଡକ୍ଟରମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ବସ୍ ମାଲିକ ସଂଘ ପକ୍ଷରୁ ମନ୍ତ୍ରୀ ଆରୁଖଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଗୋପବନ୍ଧୁ ମହାପାତ୍ର, ସମ୍ପାଦକ ବିପ୍ର ଚରଣ ବାରିକ, ଉପ ସଭାପତି ଏ. ବେଣୁ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ ।

**ଘରୋଇ ବସ୍ କର୍ମଚାରୀଙ୍କୁ ସହାୟତା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର**



ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଅଭାବୀ ବିକ୍ରିର ଶିକାର ଆମ୍ବଚାଷୀ

ଆର.ଉଦୟଗିରି,୨୮।୬(ଡି.ଏନ.ଏ.)

**ମିଳୁନି ବଜାର ସୁବିଧା**

ଚାଷ ଆଉ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସରକାର। ହେଲେ ଏହାର ସୁଫଳ ଗଜପତି ଜିଲାରେ ଚାଷୀଙ୍କୁ ମିଳୁ ନ ଥିବାରୁ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି ଆମ୍ବ ଚାଷୀ। ଚଳିତବର୍ଷ ଗଜପତି ଜିଲାରେ ଆମ୍ବ ଉତ୍ପାଦନ ବୃଦ୍ଧି ପାଇଛି। ହେଲେ ବିକ୍ରି ପାଇଁ ଉପଯୁକ୍ତ ବଜାରର ସୁବିଧା ନ ଥିବାରୁ ବାଧ୍ୟହୋଇ କ୍ଷତି ସହୁଛନ୍ତି ଚାଷୀ। ବିଗତ ୪ ବର୍ଷ ହେବ ଆମ୍ବ କିଣିବା ପାଇଁ ଜିଲାର ବିଭିନ୍ନ ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ଦର୍ଶାଇ ସେମାନେ ଚୁପ ରହିଯାଉଛନ୍ତି ; ଯାହା ଫଳରେ ଉତ୍ପାଦିତ ଫଳର ପ୍ରକୃତ ମୂଲ୍ୟ ନ ପାଇ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି ମୋହନା, ଆର.ଉଦୟଗିରି ଓ ନୂଆଗଡ଼ ବ୍ଲକର ଶହ ଶହ ଆମ୍ବ ଚାଷୀ। ଚାଲିଛି ଆମ୍ବ ଋତୁ। ମୋହନା ବ୍ଲକର ଆକିଲି, ଶିକୁଳିପଦର, ପିଣ୍ଡିକି, ମଳାସପଦର, ଆର.ଉଦୟଗିରି ବ୍ଲକର ରୁମୁଣ୍ଡା, କଙ୍କୋଡା ଓ ନୂଆଗଡ ବ୍ଲକର ଅତରସିଂ, ଘୋଡାକୋଣ, ଲିଅବ ଆଦି ଅଞ୍ଚଳରେ ୧୦ ହଜାରରୁ ଅଧିକ ଆମ୍ବ ଗଛ ରହିଛି। ବିଗତ ଦୁଇ ବର୍ଷ ଅପେକ୍ଷା ଏଥର ଉତ୍ପାଦନ ଭଲ ହୋଇଛି। ଏଥିପାଇଁ ଆମ୍ବ ଚାଷୀ ଭଲ ଦି ପଇସା ରୋଜଗାର କରିବା ଆଶା ନେଇ ଖୁବ୍ ପରିଶ୍ରମ କରିଥିଲେ। ହେଲେ ମହାମାରୀର କଟକଣା ଯୋଗୁ ଉପଯୁକ୍ତ ବଜାରର ସୁବିଧା ହୋଇପାରୁନାହିଁ। ରାଜ୍ୟର ବିଭିନ୍ନ ବଜାରରେ ବିଭିନ୍ନ କିସମର ଆମ୍ବ କିଲୋ ପ୍ରତି ୫୦ ଟଙ୍କାରୁ ଉର୍ଦ୍ଧ୍ୱ ଦରରେ ବିକ୍ରି ହେଉଥିବା ବେଳେ ବାହାରୁ କୌଣସି ବ୍ୟବସାୟୀ ଆସୁ ନ ଥିବା ହେତୁ କିଲୋପ୍ରତି ୧୦-୨୦ ଟଙ୍କା ମୂଲ୍ୟରେ ବିକ୍ରି କରୁଥିବା କହୁଛନ୍ତି ଆମ୍ବ ଚାଷୀ।



ରାସ୍ତା କଡ଼ରେ ଆମ୍ବ ବିକ୍ରି କରୁଛନ୍ତି ଚାଷୀ

ଲକ୍‌ଡାଉନ କାରଣରୁ ଗ୍ରାହକ ମଧ୍ୟ ଆସୁ ନ ଥିବା ହେତୁ ଆମ୍ବ ପଚି ଶଢ଼ି ନଷ୍ଟ ହେଉଛି। ୫ ବର୍ଷ ତଳେ ପାରଳାଖେମୁଣ୍ଡିର ଦେବଗିରି ପ୍ରଦ୍ୟୁସର ନାମକ ସଂସ୍ଥାକୁ ଚାଷୀଙ୍କଠାରୁ ଆମ୍ବ କିଣିବାକୁ ସରକାରଙ୍କ ଅନୁମୋଦନ ମିଳିଛି। ହେଲେ ଏହି ସଂସ୍ଥା ଦିନେ ହେଲେ ଚାଷୀଙ୍କ ଠାରୁ ଆମ୍ବ କିଣୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ମୋହନାସ୍ଥିତ ତପ୍ତପାଣି ଫାର୍ମେସ ପ୍ରଡ୍ୟୁଶର କମ୍ପାନୀ ଚାଷୀଙ୍କଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ଉତ୍ପାଦିତ ଆମ୍ବ ସମେତ ଅନ୍ୟ କୃଷି ଜାତୀୟ ଦ୍ରବ୍ୟ କିଣିବାକୁ ଲାଇସେନ୍ସ ପାଇଥିବା ବେଳେ ଆବଶ୍ୟକୀୟ ଭିତ୍ତିଭୂମି ଅଭାବରୁ ଆମ୍ବ କିଣା ଯାଇପାରୁ ନ ଥିବା କହିଛନ୍ତି କମ୍ପାନୀ କର୍ମଚାରୀ। ତେବେ ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଉପଯୁକ୍ତ ସୁବିଧା ଯୋଗାଇ ଦିଆଗଲେ ସେମାନେ ବିଶେଷ ଲାଭବାନ ହୋଇପାରନ୍ତେ।

# କ୍ୱାର୍ଟରରେ ବେଲଜିୟମ

**ସେଭିଲ,୨୮।୬**

ୟୁରୋକପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଶ୍ୱର ୧ ନମ୍ବର ଦଳ ବେଲଜିୟମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ୍- ୧୬ର ଦ୍ୱିତୀୟ ମ୍ୟାଚ୍‌ରେ ବେଲଜିୟମ ୧-୦ ଗୋଲରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନେତୃତ୍ୱାଧୀନ ତଥା ଡିଫେଣ୍ଡିଂ ଚାମ୍ପିୟନ ପର୍ତ୍ତୁଗାଲକୁ ହରାଇ ଅଗ୍ରଗତି କରିଛି। ପୂର୍ବରୁ କେବେ କୌଣସି ମେଜର ଟାଇଟଲ ହାସଲ କରି ନ ଥିବା ବେଲଜିୟମ ଏବେ ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଇଟାଲୀକୁ ଭେଟିବ।


ବିଜୟ ହାସଲ ପରେ ଉଲ୍ଲସିତ ବେଲଜିୟମ ଖେଳାଳି।

## ୟୁରୋକପ୍‌ରୁ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଆଉଟ୍

ସ୍ଥାନୀୟ ଇଷ୍ଟାଡିଓ ଡେ ଲା କାର୍ଟୁଜାରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପର୍ତ୍ତୁଗାଲ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଜଣେ ଆଟାକିଙ୍ଗ୍ ମିଡ୍‌ଫିଲ୍ଡର ଭାବେ ଜଣାଶୁଣା ଥିବା ଥୋରଗାନ ହାଜାର୍ଡ ୪୨ତମ ମିନିଟ୍‌ରେ ଗୋଲ ସ୍କୋର କରି ବେଲଜିୟମକୁ ଅଗ୍ରଣୀ କରାଇଥିଲେ। ଏହପରେ ଉଭୟ ଦଳ ତରଫରୁ କୌଣସି ଗୋଲ ନ ହେବା ଫଳରେ ବେଲଜିୟମ ବିଜୟୀ ହୋଇଥିଲା। ଆଉ ଗୋଟିଏ ଗୋଲ ସ୍କୋର କରିଥିଲେ ରୋନାଲ୍ଡୋ ବିଶ୍ୱର ସର୍ବାଧିକ ଗୋଲ ସ୍କୋରର ଭାବେ ରେକର୍ଡ କରିଥାନ୍ତେ ଓ ଇରାନର ପୂର୍ବତନ ଷ୍ଟ୍ରାଇକର ଅଲି ଦାଏଇ (୧୦୯ ଗୋଲ)ଙ୍କୁ ପଛରେ ପକାଇଥାନ୍ତେ। ୩୬ ବର୍ଷରେ ପଦାର୍ପଣ କରିଥିବାରୁ ରୋନାଲ୍ଡୋଙ୍କର ଏହା ଶେଷ ୟୁରୋକପ୍ ବିବେଚନା କରାଯାଉଛି।

କେଭିନ ଡି ବ୍ରୁଏନ, ଏଡେନ ହାଜାର୍ଡ ଓ ରୋମେଲୁ ଲୁକାକୁଙ୍କ ନେଇ ବେଲଜିୟମର ଆକ୍ରମଣ ବେଶ୍ ଶକ୍ତିଶାଳୀ ଥିଲେ ମଧ୍ୟ ଦଳ ସଂଘର୍ଷ କରୁଥିବା ଦେଖାଯାଇଥିଲା। ତେବେ ହାଜାର୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ପର୍ତ୍ତୁଗାଲ ପ୍ରତ୍ୟାବର୍ତ୍ତନ କରି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କିନ୍ତୁ ପର୍ତ୍ତୁଗାଲ ଏକାଧିକ ଗୋଲ ସୁଯୋଗ ହରାଇଥିଲା। ଫଳରେ ଗୋଲ ସମ୍ଭବ ହୋଇପାରି ନ ଥିଲା। ଭାଗ୍ୟ ପର୍ତ୍ତୁଗାଲକୁ ସହାୟ ହୋଇ ନ ଥିଲା। ବଲ ପଜେଶନରେ ପର୍ତ୍ତୁଗାଲ ବେଲଜିୟମକୁ ପଛରେ ପକାଇଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ପର୍ତ୍ତୁଗାଲ ଯଥେଷ୍ଟ ଆଗରେ ରହିଥିଲା। ବେଲଜିୟମ ଖେଳାଳି ୬ଟି ଶଟ୍ ଗୋଲ ପୋଷ୍ଟ ଉପରକୁ ମାରିଥିଲେ ଓ ଗୋଟିଏ ଗୋଲ ସମ୍ଭବ ହୋଇଥିଲା। ଅନ୍ୟପଟେ ପର୍ତ୍ତୁଗାଲ ୨୩ଟି ଶଟ୍ ବେଲଜିୟମ ଗୋଲ ପୋଷ୍ଟକୁ ମାରିଥିଲା। କିନ୍ତୁ ଗୋଲ ସମ୍ଭବ ହୋଇପାରି ନ ଥିଲା।

ଗତ ୯ଟି ୟୁରୋକପ୍ ମ୍ୟାଚ୍‌ରେ ପର୍ତ୍ତୁଗାଲ ପ୍ରଥମଥର ପାଇଁ ଗୋଲ ସ୍କୋର କରିବାରେ ବିଫଳ ହୋଇଛି। ରୋନାଲ୍ଡୋଙ୍କ ସମେତ ୩୮ ବର୍ଷୀୟ ଡିଫେଣ୍ଡର ପେପେ ପରାଜୟରେ ବେଶ୍ ନିରାଶ ହୋଇଥିଲେ। ଏହି ଦୁହିଁଙ୍କ ପାଇଁ ଏହା ଶେଷ ୟୁରୋକପ୍ ସାବ୍ୟସ୍ତ ହେବ ବୋଲି ମନେହୁଏ। ତେବେ କାତାରରେ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ଏହି ଦୁଇଜଣ ଖେଳିବା ଆଶା କରାଯାଉଛି। ଏହାପୂର୍ବରୁ ୧୯୭୨ରେ ବେଲଜିୟମ ଶେଷଥର ପାଇଁ କ୍ୱାର୍ଟରକୁ ଉଠିଥିଲା। ଗତ ୧୩ଟି ମ୍ୟାଚରେ ବେଲଜିୟମ ଅପରାଜେୟ ରହିଛି। ଗତ ୨୭ଟି ମ୍ୟାଚ୍‌ରେ ବେଲଜିୟମ ଥରେ ହାରିଛି, ୨୩ଟିରେ ବିଜୟୀ ହୋଇଛି ଓ ଗୋଟିଏ ମ୍ୟାଚ୍ ଡ୍ର ରହିଛି। କ୍ୱାର୍ଟରରେ ଇଟାଲୀ ଓ ବେଲଜିୟମ ମୁହାଁମୁହିଁ ହେବେ। ଇଟାଲୀ ବିପକ୍ଷରେ ବେଲଜିୟମ ୨୨ଟି ମ୍ୟାଚ ଖେଳି ୪ଟିରେ ବିଜୟୀ ହୋଇଥିବା ବେଳେ ୪ଟି ଡ୍ର ରହିଛି ଓ ୧୪ଟି ମ୍ୟାଚ୍ ହାରିଛି।

# ବ୍ରାଜିଲ-ଇକ୍ୱେଡର ମ୍ୟାଚ୍ ଡ୍ର

**ସାଓ ପାଉଲୋ,୨୮।୬**

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ରବିବାର ବ୍ରାଜିଲ ଓ ଇକ୍ୱେଡର ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଗୋଇଆନିଆର ଅଲିମ୍ପିକୋ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍ ବି'ର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବ୍ରାଜିଲ ତରଫରୁ ନେମାର, ଡିଫେଣ୍ଡର ଥିଆଗୋ ସିଲ୍‌ଭା ଓ ଷ୍ଟ୍ରାଇକର ଗାବ୍ରିଏଲ ଜେସସ୍ ଖେଳି ନ ଥିଲେ। ମ୍ୟାଚ୍ ଡ୍ର ରଖି ଇକ୍ୱେଡର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୩୭ତମ ମିନିଟ୍‌ରେ ସେଣ୍ଟ୍ରାଲ ଡିଫେଣ୍ଡର ଏଡେର ମିଲିଟାଓ ଗୋଲ ଦେଇ ଡିଫେଣ୍ଡିଂ ଚାମ୍ପିୟନ ବ୍ରାଜିଲକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ୫୩ତମ ମିନିଟ୍‌ରେ ଇକ୍ୱେଡର ତରଫରୁ ଆଞ୍ଜେଲ ମେନା ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ଥିତିକୁ ଆଣିଥିଲେ। ଏହାପରେ ଗୋଲ ନ ହେବା କାରଣରୁ ମ୍ୟାଚ୍ ଡ୍ର ରହିଥିଲା।

ଏଥିସହ ୪ଟି ମ୍ୟାଚ୍ ଖେଳି ୩ ଡ୍ର ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇ ଇକ୍ୱେଡର ଗ୍ରୁପ୍ ବି ପଏଣ୍ଟ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଫଳରେ ଭେନେଜୁଏଲା ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ଇକ୍ୱେଡର କ୍ୱାର୍ଟରରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ଭେଟିବା ସ୍ପଷ୍ଟ ହୋଇଛି। ବ୍ରାଜିଲ ୪ଟି ମ୍ୟାଚ୍ ଖେଳି ୩ ବିଜୟ, ୧ ଡ୍ର ସହ ୧୦ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ପେରୁ ୪ଟି ମ୍ୟାଚ୍ ଖେଳି ୨ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି କଲମ୍ବିଆ ୪ ମ୍ୟାଚ୍ ଖେଳି ୧ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। କ୍ୱାର୍ଟରରେ ବ୍ରାଜିଲ ଉରୁଗୁଏ କିମ୍ବା ଚିଲିକୁ ଭେଟିବ।


ବ୍ରାଜିଲ ଓ ଇକ୍ୱେଡର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ପେରୁଠାରୁ ହାରି ଭେନେଜୁଏଲା ଆଉଟ୍

**କୋପା ଆମେରିକା ଫୁଟ୍‌ବଲ**

ବ୍ରାସିଲିଆ: ରବିବାର ଅନୁଷ୍ଠିତ ଗ୍ରୁପ୍ ବି'ର ଅନ୍ତିମ ମ୍ୟାଚ୍‌ରେ ପେରୁ ୧-୦ ଗୋଲରେ ଭେନେଜୁଏଲାକୁ ହରାଇଛି। ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୪୮ତମ ମିନିଟ୍‌ରେ ଆନ୍ଦ୍ରେ କାରିଲୋ ଗୋଲ ଦେଇ ପେରୁକୁ ଅଗ୍ରଣୀ କରାଇଥିଲେ। ନକ୍‌ଆଉଟ ପର୍ଯ୍ୟାୟକୁ ଉଠିବା ପାଇଁ ଭେନେଜୁଏଲାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ଥିଲା। ଭେନେଜୁଏଲା ୪ ମ୍ୟାଚ୍ ଖେଳି ୨ଟି ଲେଖାଏ ଡ୍ର ଓ ପରାଜୟ ସହ ୨ ପଏଣ୍ଟ ପାଇ ପଞ୍ଚମ ତଥା ନିମ୍ନ ସ୍ଥାନରେ ରହିବା ସହ ଟୁର୍ନାମେଣ୍ଟରୁ ବାଦ୍ ପଡିଛି।

# ଶ୍ରୀଲଙ୍କାରେ ପହଞ୍ଚିଲା ଧାୱନଙ୍କ ଦଳ

**କଲମ୍ବୋ, ୨୮।୬(ପି.ଟି.)**

ଶିଖର ଧାୱନଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ସୋମବାର ଶ୍ରୀଲଙ୍କାରେ ପହଞ୍ଚିଛି। ସେଠାରେ ଭାରତୀୟ ଦଳ ୬ଟି ସୀମିତ ଓଭର କ୍ରିକେଟ ମ୍ୟାଚ ଖେଳିବ। ଏହା ମଧ୍ୟରେ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ ସାମିଲ। ଜୁଲାଇ ୧୩ରୁ ଏହି ସିରିଜ ଆରମ୍ଭ ହେବ। ନିୟମିତ ଅଧିନାୟକ ବିରାଟ କୋହଲି ଏବଂ ଟେଷ୍ଟ ଦଳର ସଦସ୍ୟ ଏବେ ଇଂଲଣ୍ଡରେ ଥିବାରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦ ଜଣିଆ ଦଳ ଘୋଷଣା କରିଛି। ସେମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା, କୁଳଦୀପ ଯାଦବ, ଯଜବେନ୍ଦ୍ର ଚହଲଙ୍କ ପରି ସିନିୟର ଖେଳାଳି ସାମିଲ ଅଛନ୍ତି। ଏହା ବ୍ୟତୀତ ଦେବଦତ୍ତ ପଡିକାଲ, ପୃଥ୍ୱୀ ଶ', ନୀତୀଶ ରାଣା, ଋତୁରାଜ ଗାଏକ୍‌ୱାଡ ଓ ପ୍ରତିଭାସମ୍ପନ୍ନ ପେସ୍ ବୋଲର ଚେତନ ସାକାରିଆଙ୍କ ପରି ଯୁବ ଖେଳାଳି ମଧ୍ୟ ରହିଛନ୍ତି। ଦୁଇ ଯୁବ ଉଇକେଟ କିପର ଇଶାନ କିଶନ ଏବଂ ସଞ୍ଜୁ ସାମସନ ତାଲିକାରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ବୋଲି ଅଧିନାୟକ ଧାୱନ ପ୍ରକାଶ କରିଛନ୍ତି।

ଶ୍ରୀଲଙ୍କା କ୍ରିକେଟ ୱେବସାଇଟ୍ ଅନୁସାରେ ଭାରତୀୟ ଦଳ ଜୁନ ୨୯ରୁ ଜୁଲାଇ ୧ ପର୍ଯ୍ୟନ୍ତ ରୁମ୍ କ୍ୱାରାଣ୍ଟାଇନ୍‌ରେ ରହିବେ। ଜୁଲାଇ ୨ରୁ ୪ ପର୍ଯ୍ୟନ୍ତ ସେମାନେ ପର୍ଯ୍ୟାୟଭିତ୍ତିକ ଟ୍ରେନିଂ କରିବେ। ୫ ତାରିଖରୁ ପୂରା ଦଳର ଟ୍ରେନିଂ ଆରମ୍ଭ ହେବ। ପରିବେଶ ସହିତ ଅଭ୍ୟସ୍ତ ହେବାପାଇଁ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ ମଧ୍ୟ ଖେଳିବେ।

**ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ପୃଥ୍ୱୀ ଶ', ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍‌ୱାଡ, ସୂର୍ଯ୍ୟକୁମାର ଯାଦବ, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ ରାଣା, ଇଶାନ କିଶନ, ସଞ୍ଜୁ ସାମସନ, ଯୁଜବେନ୍ଦ୍ର ଚହଲ, ରାହୁଲ ଚହର, କ୍ରିଷ୍ଣାପ୍ପା ଗୋଥାମ, କୃନାଲ ପାଣ୍ଡ୍ୟା, କୁଳଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଭୁବନେଶ୍ୱର କୁମାର, ଦୀପକ ଚହର, ନବଦୀପ ସଇନୀ, ଚେତନ ସାକାରିଆ। ନେଟ୍ ବୋଲର: ଇଶାନ ପୋରେଲ, ସନ୍ଦୀପ ୱାରିୟର, ଅର୍ଶଦୀପ ସିଂ, ସାଇ କିଶୋର, ସିମରଜିତ୍ ସିଂ।


ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ ଦଳ।

# ୧ ନମ୍ବରକୁ ଫେରିଲେ ଦୀପିକା

**ପ୍ୟାରିସ,୨୮।୬(ପି.ଟି.):** ଭାରତୀୟ ମହିଳା ତୀରନ୍ଦାଜ ଦୀପିକା କୁମାରୀ ପୁଣିଥରେ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ଚାଲିଥିବା ୱାର୍ଲ୍ଡ କପ୍ ଷ୍ଟେଜ୍ ୩ରେ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏହି ସଫଳତା ଅର୍ଜନ କରିଛନ୍ତି। ୨୦୧୨ ପରେ ରାଞ୍ଚିର ଦୀପିକା ପ୍ରଥମଥର ପାଇଁ ର୍‌ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନକୁ ଫେରିଛନ୍ତି। ରବିବାର ସେ ୩ଟି ରିକର୍ଭ ଇଭେଣ୍ଟ ଯଥା ମହିଳା ବ୍ୟକ୍ତିଗତ, ଟିମ୍ ଓ ମିକ୍ସ ପେୟାରରେ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆର୍ଚେରୀ ଏ ନେଇ ଟୁଇଟ୍ କରି ସୂଚନା ଦେଇଛି। ଦୀପିକା ପ୍ରଥମେ ଅଙ୍କିତା ଭକତ ଓ କୋମୋଲିକା ବାରିଙ୍କ ସହ ମିଳିତ ଭାବେ ମେକ୍ସିକୋକୁ ହରାଇ ମହିଳା ରିକର୍ଭ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ସ୍ୱାମୀ ଅତନୁ ଦାସଙ୍କ ସହ ମିଶି ୫-୩ରେ ପ୍ରତିପକ୍ଷ ନେଦରଲାଣ୍ଡ୍ସ ଦଳକୁ ହରାଇ ମିକ୍ସଡ ପେୟାରରେ ସ୍ୱର୍ଣ୍ଣ ଜିତିଥିଲେ। ଏହାପରେ ସେ ୧୭ତମ ର୍‌ୟାଙ୍କର ରୁଷୀୟ ତୀରନ୍ଦାଜ ଏଲିନା ଓସିପୋଭାଙ୍କୁ ୬-୦ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ ଓ ଚତୁର୍ଥ ବ୍ୟକ୍ତିଗତ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମୋଟ ଉପରେ ଦୀପିକା ବିଶ୍ୱକପ୍‌ରେ ୯ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ସବୁ ୩ଟି ସ୍ୱର୍ଣ୍ଣ ଜିତିଥିବାରୁ ବେଶ୍ ଆତ୍ମସନ୍ତୋଷ ଲାଭ କରିଛି ବୋଲି ଦୀପିକା କହିଛନ୍ତି। ଡୋଲା ବାନାର୍ଜୀଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ଦୀପିକା ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସେ ଏକମାତ୍ର ଭାରତୀୟ ତୀରନ୍ଦାଜ ଭାବେ ଭାଗନେବେ।

# ୟୁଏଇରେ ଟି୨୦ ବିଶ୍ୱକପ ହେବା ସ୍ପଷ୍ଟ


ସୌରଭ ଗାଙ୍ଗୁଲି

**ନୂଆଦିଲ୍ଲୀ, ୨୮।୬ (ପି.ଟି.)**

ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସୋମବାର ଏହା ସ୍ପଷ୍ଟ କରିଛନ୍ତି। ଫଳରେ ଅକ୍ଟୋବର-ନଭେମ୍ବରରେ ଏହି ମେଗା ଇଭେଣ୍ଟର ଆୟୋଜନ ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା ତାହାର ଅନ୍ତ ଘଟିଛି। ଗାଙ୍ଗୁଲି କହିଛନ୍ତି, ଟି୨୦ ବିଶ୍ୱକପ ୟୁଏଇକୁ ସ୍ଥାନାନ୍ତର କରାଯାଇପାରେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। କୋଭିଡ୍ ଯୋଗୁ ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ହେଲେ ବିସିସିଆଇ ଏହି ମେଗା ଇଭେଣ୍ଟର ଆୟୋଜକ ହୋଇ ରହିବ। କିଛିଦିନ ମଧ୍ୟରେ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହେବ। ଏହା ଅକ୍ଟୋବର ୧୭ରୁ ଆରମ୍ଭ ହେବ କି ନା ସେ ସମ୍ପର୍କରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇ ନାହିଁ। କୋଭିଡ୍ ପରିସ୍ଥିତିରେ ଦେଶରେ ଟି୨୦ ବିଶ୍ୱକପ ଆୟୋଜନ ହୋଇ ପାରିବ କି ନା ତାହା ସ୍ପଷ୍ଟ କରିବା ଲାଗି ଚଳିତମାସ ଆରମ୍ଭରେ ବିସିସିଆଇକୁ ଆଇସିସି ୪ସପ୍ତାହ ସମୟ ଦେଇଥିଲା। କରୋନା ମହାମାରୀ ଯୋଗୁ ଚଳିତ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ଅଧାରୁ ସ୍ଥଗିତ ରଖିବାକୁ ହୋଇଥିଲା। ଏହାର ଅବଶିଷ୍ଟାଂଶ ସେପ୍ଟେମ୍ବର-ଅକ୍ଟୋବରରେ ୟୁଏଇରେ କରିବା ଲାଗି ପୂର୍ବରୁ ନିଷ୍ପତ୍ତି ନିଆଯାଇ ସାରିଛି। ଭାରତରେ ୧୬ଟି ଦେଶକୁ ନେଇ ଟି୨୦ ବିଶ୍ୱକପ୍ ଦେଶର ୯ଟି ସହରରେ ହୋଇଥାନ୍ତା। ବିସିସିଆଇ ସମ୍ପାଦକ ଜୟ ଶାହା ସମସ୍ତ ରାଜ୍ୟ ୟୁନିଟ୍‌କୁ ପଠାଇଥିବା ଏକ ଚିଠିରେ ଲେଖିଛନ୍ତି, ଖେଳାଳିଙ୍କ ସୁରକ୍ଷା ଓ ଅନ୍ୟ ଅଂଶୀଦାରଙ୍କ ମତାମତକୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟକୁ ୟୁଏଇ ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି କିନ୍ତୁ ସହଜ ନ ଥିଲା। ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସାମ୍ପ୍ରତିକ କୋଭିଡ୍ ପରିସ୍ଥିତି ଉପରେ ନଜର ରଖିବା ସହ ମାସ ମାସ ଧରି ବିଭିନ୍ନ ପ୍ରସଙ୍ଗ ଅନୁଧ୍ୟାନ କରିବାକୁ ପଡ଼ିଥିଲା।

# ଶ୍ରୀଲଙ୍କା କ୍ରିକେଟର ତଦନ୍ତର ସମ୍ମୁଖୀନ

**କଲମ୍ବୋ, ୨୮।୬ (ପି.ଟି.):** ଚଳିତ ଇଂଲଣ୍ଡ ଟୁର୍ ବେଳେ ଶ୍ରୀଲଙ୍କାର ଦୁଇ କ୍ରିକେଟ ଖେଳାଳି ନିରୋଶାନ ଡିକ୍‌ୱେଲା ଓ କୁଶାଲ ମେଣ୍ଡିସ ବାୟୋ ବବଲ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗର ସତ୍ୟତା ନେଇ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ତରଫରୁ ତଦନ୍ତ ଆରମ୍ଭ କରାଯାଇଛି। ରବିବାର ରାତିରେ

## ବାୟୋ-ବବଲ ନିୟମ ଉଲ୍ଲଂଘନ

ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ପରେ ଡରହାମ୍ ରାସ୍ତାରେ ଏହି ଦୁଇ ଖେଳାଳି ଭ୍ରମଣ କରୁଥିବା ଦେଖାଯାଇଥିଲା। ଶ୍ରୀଲଙ୍କା କ୍ରିକେଟ ଦଳର ଜଣେ ସମର୍ଥକ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଛନ୍ତି, ଯାହାକି ଭାଇରାଲ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କା ୮୯ ରନରେ ପରାସ୍ତ ହୋଇଥିଲା। ଉଭୟ ଖେଳାଳି ଏହି ମ୍ୟାଚ ଖେଳିଥିଲେ। ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ରବିବାର ଶେଷ ହୋଇଥିବ ଟି୨୦ ସିରିଜରେ ଶ୍ରୀଲଙ୍କା ୦-୩ରେ ପରାସ୍ତ ହୋଇଛି। ୨୦୨୦ ଅକ୍ଟୋବର ପରଠାରୁ ଅନ୍ତର୍ଜାତୀୟ ଟି୨୦ ପରେ ଶ୍ରୀଲଙ୍କାର ଏହା ହେଉଛି କ୍ରମାଗତ ୫ମ ସିରିଜ ପରାଜୟ।

# ୪୦୦ ମିଟର ହର୍ଡଲ୍ସରେ ମ୍ୟାକ୍‌ଲାଫ୍ଲିନଙ୍କ ବିଶ୍ୱରେକର୍ଡ




**ୟୁଜେନି (ଯୁକ୍ତରାଷ୍ଟ୍ର ଆମେରିକା), ୨୮।୬ (ଏପି):** ରବିବାର ରାତିରେ ଅନୁଷ୍ଠିତ ୟୁଏସ୍ ଅଲିମ୍ପିକ ଟ୍ରାକ୍ ଟ୍ରାଏଲ୍ସରେ ସିଡ୍‌ନୀ ମ୍ୟାକ୍‌ଲାଫ୍ଲିନ୍ ୫୧.୯୦ ସେକେଣ୍ଡ ଟାଇମିଂରେ ମହିଳା ୪୦୦ ମିଟର ହର୍ଡଲ୍ସରେ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଦାଲିଲା ମହମ୍ମଦଙ୍କ ନାମରେ ରହିଥିଲା। ମ୍ୟାକ୍‌ଲାଫ୍ଲିନ୍ ରବିବାର ରେସ୍‌ରେ ଦାଲିଲାଙ୍କୁ ୦.୫୨ ସେକେଣ୍ଡରେ ପରାସ୍ତ କରିଥିଲେ। ଏଥିସହିତ ସେ ଦାଲିଲାଙ୍କ ପୁରୁଣା ବିଶ୍ୱରେକର୍ଡକୁ ୦.୨୬ ସେକେଣ୍ଡରେ ଭାଙ୍ଗି ଦେଇଥିଲେ। ଅନ୍ୟପକ୍ଷରେ ନୋଆ ଲାଇଲ୍ସ ୨୦୦ମିଟର ରେସ୍ ଜିତିବା ସହ ଅଲିମ୍ପିକ ଟିକେଟ ହାସଲ କରିଥିଲେ।

# ଜୋକୋଭିଚଙ୍କ ବିଜୟ ଅଭିଯାନ, ଷ୍ଟିଫାନୋସ ସିଟିସ୍‌ପାସଙ୍କ ବିପର୍ଯ୍ୟୟ

**ଲଣ୍ଡନ,୨୮।୬:** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଟେନିସ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱର ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଗତଥର ଚାମ୍ପିୟନ ଜୋକୋଭିଚ ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ବ୍ରିଟେନର ୨୫୩ତମ ର୍‌ୟାଙ୍କର ଖେଳାଳି ଜ୍ୟାକ ଡ୍ରାପେରଙ୍କୁ ୪-୬, ୬-୧, ୬-୨, ୬-୨ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ଜୋକୋଭିଚ୍‌ଙ୍କୁ ଅବଶ୍ୟ ସଂଘର୍ଷ କରବାକୁ ପଡିଥିଲା। ଏଥର ସଫଳ ହେଲେ ସେ ଷଷ୍ଠ ୱିମ୍ବଲଡନ ଟାଇଟଲ ସହ ୨୦ତମ ଗ୍ରାଣ୍ଡସ୍ଲାମ ଜିତିବେ। ଏହି କ୍ରମରେ ସେ ଇତିହାସର

## ୱିମ୍ବଲଡନ ଟେନିସ ଆରମ୍ଭ

ତୃତୀୟ ଖେଳାଳିଭାବେ କ୍ୟାଲେଣ୍ଡର ଗ୍ରାଣ୍ଡସ୍ଲାମ କମ୍ପ୍ଲିଟ୍ କରିବା ପଥରେ ରହିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଜୋକୋଭିଚ୍ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ କିମ୍ବା ଚିଲିର ମାର୍ସେଲୋ ଟୋମାସ ବାରିଓସ ଭେରାଙ୍କୁ ଭେଟିବେ। ସେହିପରି ତୃତୀୟ ସିଡ୍ ଖେଳାଳି ତଥା ଫ୍ରେଞ୍ଚ ଓପନ୍ ରନର୍ସଅପ ଗ୍ରୀସ୍‌ର ଷ୍ଟିଫାନୋସ ସିଟିସପାସ ପ୍ରଥମ ରାଉଣ୍ଡରେ ଆମେରିକାର ଅଣସିଡ୍ ଖେଳାଳି ଫ୍ରାନସେସ୍ ଟିଆଫୋଙ୍କଠାରୁ ୪-୬, ୪-୬, ୩-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି।



ନୋଭାକ୍ ଜୋକୋଭିଚ୍

# ଭଲିବଲ ନେସନ୍ସ ଲିଗ୍: ବ୍ରାଜିଲ ଚାମ୍ପିୟନ

**ଟୁରିନ (ଇଟାଲୀ), ୨୮।୬**

ଇଟାଲୀର ରିମିନି ସହରରେ ପୁରୁଷ ଭଲିବଲ ନେସନ୍ସ ଲିଗ୍‌ର ତୃତୀୟ ସଂସ୍କରଣ ମେ ୨୮ରୁ ଜୁନ୍ ୨୭ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି କନ୍‌ଫେଡେରେଶନରୁ ୧୬ଟି ଦଳ ଭାଗ ନେଇଥିଲେ। ଦଳଗୁଡ଼ିକ ହେଲେ ବ୍ରାଜିଲ, ପୋଲାଣ୍ଡ, ସ୍ଲୋଭେନିଆ, ଫ୍ରାନ୍ସ, ରୁଷିଆ, ସର୍ବିୟା, ଆମେରିକା, କାନାଡ଼ା, ଆର୍ଜେଣ୍ଟିନା, ଇଟାଲୀ, ଜାପାନ, ଇରାନ, ଜର୍ମାନୀ, ନେଦରଲାଣ୍ଡ୍ସ, ବୁଲଗେରିଆ ଓ ଅଷ୍ଟ୍ରେଲିଆ। ରବିବାର ଅନୁଷ୍ଠିତ ଫାଇନାଲରେ ପୋଲାଣ୍ଡକୁ ୩-୧ ସେଟ୍‌ରେ ହରାଇ ବ୍ରାଜିଲ ଚାମ୍ପିୟନ ହୋଇଛି। ପ୍ରଥମ ସେଟ୍‌ରେ ପଛୁଆ ରହିବା ସତ୍ତ୍ୱେ ବ୍ରାଜିଲ ସଫଳ ପ୍ରତ୍ୟାବର୍ତ୍ତନ କରି ୨୨-୨୫, ୨୫-୨୩, ୨୫-୧୬, ୨୫-୧୪ ଏହିପରି ୯୭-୭୮ରେ ବିଜୟ ହାସଲ କରିଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଫ୍ରାନ୍ସ ୩-୦(୨୫-୨୦, ୨୫-୧୮, ୨୫-୧୯) ସେଟ୍‌ରେ ସ୍ଲୋଭେନିଆକୁ ପରାସ୍ତ କରିଥିଲା। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ବ୍ରାଜିଲ ୩-୦ରେ ଫ୍ରାନ୍ସ ଏବଂ ପୋଲାଣ୍ଡ ୩-୦ରେ ସ୍ଲୋଭେନିଆକୁ ହରାଇ ଦେଇଥିଲା।


ଚାମ୍ପିୟନ ବ୍ରାଜିଲ ଦଳ।

ବ୍ରାଜିଲର ୱାଲାସ ଡି'ସୁଜା ଓ ପୋଲାଣ୍ଡର ବାର୍ଟୋସେଜ୍ କୁରେକ୍ ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟର ପୁରସ୍କାର ପାଇଥିଲେ। ପୋଲାଣ୍ଡର ଫାବିଆନ ଡ୍ରିଜିଗା ଶ୍ରେଷ୍ଠ ସେଟ୍‌ର, ବ୍ରାଜିଲର ୟୋଆଣ୍ଡି ଲେୟଲ ଓ ପୋଲାଣ୍ଡର ମାଇକେଲ କୁବିଆକ ଶ୍ରେଷ୍ଠ ଆଉଟସାଇଡ ସ୍ପାଇକର ପୁରସ୍କାର ପାଇଥିଲେ। ସେହିପରି ବ୍ରାଜିଲର ମୌରିସିଓ ସୌଜା ଓ ପୋଲାଣ୍ଡର ମାଟେଉଜ୍ ବେଇନେକ ଶ୍ରେଷ୍ଠ ମିଡିଲ ବ୍ଲକର୍ସ, ବ୍ରାଜିଲର ୱାଲେସ ଡି'ସୁଜା ଓ ପୋଲାଣ୍ଡର ବାର୍ଟୋଜ କୁରେକ ଶ୍ରେଷ୍ଠ ଅପୋଜିଟ୍ ସ୍ପାଇକର୍ସ ଏବଂ ବ୍ରାଜିଲର ଥାଲେସ ହସ୍ ଶ୍ରେଷ୍ଠ ଲିବେରୋ ପୁରସ୍କାର ହାସଲ କରିଥିଲେ।

## ସଂକ୍ଷେପରେ

### ଟିଏଫ୍‌ଏଲ୍‌ର ଆର୍ଥିକ ସୀମାରେଖା ନିର୍ଦ୍ଧାରଣ

ଭୁବନେଶ୍ୱର,୨୮।୬: ତାଳଚେର ଫର୍ଟିଲାଇଜର ଲିମିଟେଡ୍(ଟିଏଫ୍‌ଏଲ୍) ସଫଳତାର ସହ ଏହି ପ୍ରକଳ୍ପର ଆର୍ଥିକ ସୀମାରେଖା ନିର୍ଦ୍ଧାରଣ କରିଛି। ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ, କୋଲ୍ ଇଣ୍ଡିଆ ଲିମିଟେଡ୍, ରାଷ୍ଟ୍ରୀୟ କେମିକାଲ ଆଣ୍ଡ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ମିଳିତ ଉଦ୍ୟମରେ ଏହି ଯୌଥ ଉଦ୍ୟୋଗ ଗଠନ ହୋଇଛି। ଏହା ବୃହତ୍ ପ୍ରକଳ୍ପ ଅଧୀନରେ ନିର୍ମିତ ଏକ କୋଇଲା ଭିତ୍ତିକ ୟୁରିଆ ସାର କାରଖାନା। ଅନୁଗୋଳ ଜିଲାର ତାଳଚେରଠାରେ ଏବେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସଚିଦାନନ୍ଦ ଯାଦବ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସମ୍ମତି ପ୍ରଦାନ କରିଛି। ଏଥି ସଂକ୍ରାନ୍ତ ଆବଶ୍ୟକୀୟ ଦସ୍ତାବିଜ ପ୍ରସ୍ତୁତି କରିବା ଲାଗି ଟିଏଫ୍‌ଏଲ୍ ପକ୍ଷରୁ ଏସ୍‌ବିଆଇ କ୍ୟାପ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଋଣ ଦେବା ଲାଗି ଏସ୍‌ବିଆଇ ସମେତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ କାନାରା ବ୍ୟାଙ୍କ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ୟୁନିଟ ଲାଗି ୧୩,୨୭୬ କୋଟି ଟଙ୍କା ବିନିଯୋଗ ହେବ। ଋଣ ଆକାରରେ ଟିଏଫ୍‌ଏଲ୍ ୯୫୬୦ କୋଟି ଟଙ୍କା ସଂଗ୍ରହ କରିବ। ଅବଶିଷ୍ଟ ଅର୍ଥ ସହଭାଗୀ କମ୍ପାନୀଗୁଡ଼ିକ ଅଂଶଧନ ଆଧାରରେ ଯୋଗାଇ ଦେବେ।

### ଟାଟା ମୋଟର୍ସ ଆଣିବ ୧୦ ଇଭି

ନୂଆଦିଲ୍ଲୀ,୨୮।୬ :ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ୨୦୨୫ ସୁଦ୍ଧା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୧୦ ଇଲେକ୍ଟ୍ରିକ ଭେଇକିଲ(ଇଭି) ଆଣିବାକୁ ଯୋଜନା ରହିଛି। ବର୍ତ୍ତମାନର ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଯାନ ଆଣିବ ବୋଲି ଟାଟା ମୋଟର୍ସର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ ସୋମବାର କହିଛନ୍ତି।

# ଇସିଏଲ୍‌ଜିଏସ୍ ସୀମା ୪.୫ ଲକ୍ଷ କୋଟିକୁ ବୃଦ୍ଧି

ନୂଆଦିଲ୍ଲୀ,୨୮।୬



କୋଭିଡ୍-୧୯ ଦ୍ୱାରା ଦେଶର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏମ୍‌ଏସ୍‌ଏମ୍‌ଇକୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍‌ଜିଏସ୍) ସୀମାକୁ ବୃଦ୍ଧିକରି ୪.୫ ଲକ୍ଷ କୋଟି ଟଙ୍କା କରିଛନ୍ତି। ଏହାଦ୍ୱାରା କ୍ଷୁଦ୍ର ବାଣିଜ୍ୟଗୁଡିକ ରିହାତି ହାରରେ ଋଣ ସୁବିଧା ପାଇପାରିବେ। ଉଲ୍ଲେଖଯୋଗ୍ୟ, ସରକାର ମେ ୨୦୨୦ରେ ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ ଇସିଏଲ୍‌ଜିଏସ୍‌ର ସୀମା ୩ ଲକ୍ଷ କୋଟି ଟଙ୍କା ରହିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ବ୍ୟାଙ୍କଗୁଡିକ ୨.୭୩ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରିଥିବା ବେଳେ ୨.୧୦ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଥିବା ଆର୍ଥିକ ସେବା ବିଭାଗ ସଚିବ ଦେବାଶିଷ ପଣ୍ଡା କହିଛନ୍ତି।

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସହାୟତା କରିବା ଲାଗି ମୋଟ ଋଣ ଗ୍ୟାରେଣ୍ଟି ସୀମାକୁ ବଢ଼ାଯାଇଥିବା ସୀତାରାମନ ସ୍ପଷ୍ଟ କରିଛନ୍ତି। ନୂଆ ଭାବେ ଘୋଷଣା ହୋଇଥିବା ୧.୨୫ ଲକ୍ଷ କୋଟିର ଅତିରିକ୍ତ ଋଣ ମାଇକ୍ରୋଫାଇନାନ୍ସ ଏବଂ ଏନ୍‌ବିଏଫ୍‌ସି ପ୍ରଦାନ କରିବେ। ଏହି ଋଣ ମୋଟ ୨୫ ଲକ୍ଷ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ। ଏଥିଲାଗି ବାଣିଜ୍ୟିକ ବ୍ୟାଙ୍କଗୁଡିକୁ ଋଣ ଗ୍ୟାରେଣ୍ଟି ପ୍ରଦାନ କରାଯିବାର ଯୋଜନା ରଖାଯାଇଛି। ଯୋଜନାରେ ନୂଆ ଋଣ ପ୍ରଦାନକୁ ଉତ୍ସାହିତ କରାଯିବ। ଗତ ମାସରେ ଅର୍ଥ ମନ୍ତ୍ରଣାଳୟ ଇସିଏଲ୍‌ଜିଏସ୍ ପରିସରକୁ ବଢ଼ାଇଥିଲା। ହସ୍ପିଟାଲଗୁଡିକ ପକ୍ଷରୁ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ରିହାତି ଋଣ ପ୍ରଦାନ କରିବାକୁ କୁହାଯାଇଥିଲା। ସେହିଭଳି ଯୋଜନାର ମିଆଦକୁ ୩ ମାସ ବଢ଼ାଯାଇ ସେପ୍ଟେମ୍ବର ଶେଷ ଯାଏ ରଖାଯାଇଥିଲା। ସେହିଭଳି ଋଣ ପ୍ରଦାନର ସୀମାକୁ ଡିସେମ୍ବର ୩୧ ରଖାଯାଇଥିଲା। ଇସିଏଲ୍‌ଜିଏସ୍ ୪.୦ରେ ହସ୍ପିଟାଲ, ନର୍ସିଂହୋମ, କ୍ଲିନିକ ଏବଂ ମେଡିକାଲ କଲେଜଗୁଡିକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ୨ କୋଟି ଟଙ୍କାର ଋଣ ଲାଗି ଶତ ପ୍ରତିଶତ ଋଣ ଗ୍ୟାରେଣ୍ଟି ଲାଭ କରିପାରିବେ। ଏଥିଲାଗି ସୁଧହାର ୭.୫% ରହିଛି।

### ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଅବଧି ସମ୍ପ୍ରସାରଣ

କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାର ଅବଧିକୁ ୨୦୨୨ ମାର୍ଚ୍ଚ ଯାଏ ବୃଦ୍ଧି କରିଛନ୍ତି। ଗତ ବର୍ଷ ଅକ୍ଟୋବରରେ ଏହାକୁ ଶୁଭାରମ୍ଭ କରାଯାଇଥିଲା। ଆଗାମୀ ୯ ମାସ ଯାଏ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅଦ୍ୟାବଧି ପ୍ରାୟ ୨୧.୪୨ ଲକ୍ଷ ଲୋକ ଏହାଦ୍ୱାରା ଲାଭବାନ ହୋଇସାରିଛନ୍ତି। ୭୯,୫୭୭ ସଂସ୍ଥା ଲାଗି ୯୦୨ କୋଟି ଟଙ୍କା ବିନିଯୋଗ କରାଯାଇଛି। ନୂଆ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ନିଯୁକ୍ତିଦାତାଙ୍କୁ ଉତ୍ସାହିତ କରିବା ଲାଗି ସରକାର ୨୨,୮୧୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାଦ୍ୱାରା ମୋଟ ୫୮.୫୦ ଲକ୍ଷ ହିତାଧିକାରୀ ଲାଭବାନ ହୋଇପାରିବେ। କରୋନା ମହାମାରୀରେ କର୍ମଚାରୀଙ୍କ ଭବିଷ୍ୟନିଧି ଦେୟ ପ୍ରଦାନରେ ସରକାର ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଯୋଗଦାନ ପ୍ରଦାନ କରିବା ନେଇ ଯୋଜନା ରଖିଛନ୍ତି।

### ୨.୫ ଲକ୍ଷ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ମିଳିବ

ସାରା ଦେଶର ପ୍ରାୟ ୨.୫ ଲକ୍ଷ ଗ୍ରାମ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇଦେବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ସୋମବାର ଏହି ପ୍ରକଳ୍ପ ପାଇଁ ଅତିରିକ୍ତ ୧୯,୦୪୧ କୋଟିର ବ୍ୟୟବରାଦ କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପକୁ ଭାରତନେଟ୍ ଜରିଆରେ ଗ୍ରାମୀଣ ଭାରତରେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ଦେଶର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ପୂରଣ ସହ ସରକାରଙ୍କ ସମସ୍ତ ଯୋଜନା ଓ ସୁବିଧା ବର୍ତ୍ତମାନ ସମୟରେ ଅନ୍‌ଲାଇନ ଜରିଆରେ କରାଯାଉଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ସାରା ଦେଶବାସୀ ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଭାରତନେଟ୍‌ର ଏହି ସମ୍ପ୍ରସାରଣ ଏବଂ ନବୀକରଣ କାର୍ଯ୍ୟ ଦେଶର ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ଅଧିବାସୀ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ୨.୫ ଲକ୍ଷ ଗ୍ରାମପଞ୍ଚାୟତ ମଧ୍ୟରୁ ୧,୫୬,୨୨୩ ଟି ଗ୍ରାମ ପଞ୍ଚାୟତ ୨୦୨୧ ମେ ୩୧ ସୁଦ୍ଧା ସଂଯୋଗ ପ୍ରଦାନ ସହ ସେବା ପାଇଁ ପ୍ରସ୍ତୁତ ହୋଇସାରିଛି। ଏହା ସହିତ ଉକ୍ତ ମେଗା ଯୋଜନା ପାଇଁ ମୋଟ ଖର୍ଚ୍ଚ ବର୍ତ୍ତମାନ ୬୧,୧୦୯ କୋଟି ହେବ ବୋଲି ଆକଳନ କରାଯାଇଛି।

### ୫ ଲକ୍ଷ ମାଗଣା ପର୍ଯ୍ୟଟକ ଭିଜା

ଦେଶର ପର୍ଯ୍ୟଟନ କ୍ଷେତ୍ରକୁ ଗତିଶୀଳ କରାଇବା ପାଇଁ ସରକାର ପ୍ରାୟ ୫ ଲକ୍ଷ ପର୍ଯ୍ୟଟକ ଭିଜା ମାଗଣାରେ ପ୍ରଦାନ କରିବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସୋମବାର ଏକ ପ୍ରେସ୍ ବିବୃତିରେ ମନ୍ତ୍ରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି କହିଛନ୍ତି, କୋଭିଡ୍ ମହାମାରୀ ଯୋଗୁ ଦୁର୍ବଳ ହୋଇ ପଡିଥିବା ବିଭିନ୍ନ କ୍ଷେତ୍ର ପାଇଁ ସରକାରଙ୍କ ପକ୍ଷରୁ ୮ଟି ପ୍ରମୁଖ ଯୋଜନା ଘୋଷଣା କରାଯାଇଛି। ଏହି ଯୋଜନା ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ପ୍ରଥମ ୫ଲକ୍ଷ ପର୍ଯ୍ୟଟକଙ୍କୁ ଏହି ଭିଜା ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ଏହି ସଂଖ୍ୟା ଶେଷ ହୋଇନାହିଁ ସେ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବ ବୋଲି ସୀତାରାମନ କହିଛନ୍ତି। ସେହିଭଳି ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ପର୍ଯ୍ୟଟକ କେବଳ ଥରେ ମାତ୍ର ଏହାର ଲାଭ ଉଠାଇପାଇପାରିବେ ବୋଲି ଅର୍ଥମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିପରି ଏହି ଯୋଜନାରେ ସରକାର ପ୍ରାୟ ୧୦୦ କୋଟି ଖର୍ଚ୍ଚ କରିବେ ବୋଲି ଜଣାପଡିଛି। ଏହି ମହାମାରୀ ପ୍ରଭାବରେ ପର୍ଯ୍ୟଟନ କ୍ଷେତ୍ର ଉପରେ ବ୍ୟାପକ ପ୍ରଭାବ ପଡିଥିବା ନିର୍ମଳା କହିଛନ୍ତି। ୨୦୧୯ ରେ ୧୦.୯୩ ନିୟୁତ ପର୍ଯ୍ୟଟକ ଭାରତ ପରିଦର୍ଶନରେ ଆସିଥିଲେ ଏବଂ ଅବକାଶ ଓ ବ୍ୟବସାୟ ପାଇଁ ପ୍ରାୟ ୩୧ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଥିବା ସୂଚନା ରହିଛି।

### ମାଗଣା ଖାଦ୍ୟଶସ୍ୟ ଲାଗି ୯୩,୮୬୯ କୋଟି



କରୋନା ମହାମାରୀ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ପ୍ରଦାନ କରିବା ଲାଗି ଚଳିତ ୯୩,୮୬୯ କୋଟି ଟଙ୍କା ଖର୍ଚ୍ଚ କରିବେ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ୫ କିଲୋ ଖାଦ୍ୟଶସ୍ୟ ପ୍ରଦାନ ଲକ୍ଷ୍ୟ ରହିଛି। ଏହାଦ୍ୱାରା ଚଳିତ ବର୍ଷ ମେ ମାସରୁ ନଭେମ୍ବର ଯାଏ ୮୦ କୋଟି ହିତାଧିକାରୀ ଉପକୃତ ହୋଇପାରିବେ। ଗତ ଆର୍ଥିକ ବର୍ଷରେ ଏହି ଯୋଜନାରେ ୧.୩୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମୋଟ୍ ୨.୨୭ ଲକ୍ଷ କୋଟି ଖର୍ଚ୍ଚ ହେବ ବୋଲି ଜଣାପଡିଛି।

### ହସ୍ପିଟାଲରେ ଶିଶୁ ଯତ୍ନ ଫାସିଲିଟି

ଦେଶର ବିଭିନ୍ନ ହସ୍ପିଟାଲରେ ପେଡିଆଟ୍ରିକ ଫାସିଲିଟି ଲାଗି କେନ୍ଦ୍ର ସରକାର ସ୍ୱଳ୍ପ ମିଆଦୀ ଭିତ୍ତିରେ ଅତିରିକ୍ତ ୨୩,୨୨୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଶିଶୁଙ୍କ ଲାଗି ହସ୍ପିଟାଲଗୁଡିକରେ ବେଡ୍ ସ୍ଥାପନ ସହ ଅନ୍ୟ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ଋଣ ଗ୍ୟାରେଣ୍ଟି ଯୋଜନାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଖର୍ଚ୍ଚ ଲାଗି ୫୦ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯିବ ବୋଲି ସୀତାରାମନ ଘୋଷଣା କରିଥିଲେ।




ଜନ୍ମଦିନ ଶୁଭେଚ୍ଛା
ଅର୍ଚ୍ଚିତା ସାମନ୍ତରାୟ (ଗୁଡ୍‌ଡୁ)
ନୀଳକଣ୍ଠେଶ୍ୱର ସାହି, କୁଦିଆରୀ, କଟଣୀ, ଖୋର୍ଦ୍ଧା, ଓଡ଼ିଶା
ଆଜି ତୋର ଅଷ୍ଟମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ତୋତେ ପ୍ରଭୁ ଦୀର୍ଘାୟୁ, ଯଶସ୍ୱୀ କରାନ୍ତୁ । ଶୁଭେଚ୍ଛା ସହ: ଜେଜେମାଆ: ଉର୍ମିଳା, ଆଇ: ପ୍ରମିଳା, ମାଆ: ରତ୍ନାନୀ, ପିତା: ଅଶୋକ, ବିଜୁ, ଅନୀତା, ବାବୁନା, ପ୍ରଭାତୀ, ଟିକିଆ, ବର୍ଷା, ଟୁଆ, ଶିବୁଲୁ, ନେହା, ଗୁଗୁଲୁ, ସ୍ନେହର ଗୁଞ୍ଜୀ, ରାଜୁଦାଦା, ଟୁନିଆ, ଖୁଡୀ, ମାମୁ, ମାଇଁ ଓ ସମସ୍ତ ଶୁଭାକାଂକ୍ଷୀ
ଧ-୨୦୯୧୯


### ନାଲ୍‌କୋର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର,୨୮।୬

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ୮୮୬୯.୨୯ କୋଟି ଟଙ୍କାର କାରବାର ହାସଲ କରିବାକୁ ସକ୍ଷମ ହୋଇଛି। ଏହି ସମୟ ଅବଧିରେ ଏହା ୧୨୯୯.୫୬ କୋଟି ଟଙ୍କାର ନିଟ୍ ଲାଭ କରିଛି। ଏହା ଆର୍ଥିକ ବର୍ଷ ୨୦୧୯-୨୦ରେ ୮୪୨୫.୭୫ କୋଟି ଟଙ୍କାର କାରବାର ଏବଂ ୧୩୮.୨୩ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଥିଲା। କମ୍ପାନୀର ନିଟ୍ ଲାଭ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୮୪୦% ବଢ଼ିଥିବା ସୂଚନା ମିଳିଛି। ୟୁନିଟର ଦୃଢ଼ ପରିଚାଳନା ପରଫରମାନ୍ସ, ଦକ୍ଷ ବିକ୍ରି କୌଶଳ, ମୂଲ୍ୟ ସଞ୍ଚୟ ଯୋଜନା ଯୋଗୁ ଏଭଳି ଲାଭ ହାସଲ କରିବା ସହଜ ହୋଇଛି। ସେହିଭଳି ଏହା ରେକର୍ଡ ୭୩.୬୫ ଲକ୍ଷ ଟନ୍ ବକ୍ସାଇଟ ଉତ୍ପାଦନ କରିଛି। ନାଲ୍‌କୋ ୧.୯୨ ଲକ୍ଷ ଟନ୍ ଆଲୁମିନିୟମ ମେଟାଲ ରପ୍ତାନି, ୨୦.୮୫ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ ଏବଂ ୪.୧୮ ଲକ୍ଷ ଟନ୍ ଆଲୁମିନିୟମ ମେଟାଲ ଉତ୍ପାଦନ ରେକର୍ଡ ହାସଲ କରିଛି। ଏହି ସଫଳତା ଲାଗି ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଖୁସି ବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

# ୨୦ ହଜାର ବର୍ଷ ପୂର୍ବେ ଥିଲା କରୋନା

ଅଧ୍ୟୟନ ରିପୋର୍ଟ



ନୂଆଦିଲ୍ଲୀ: ସାରା ବିଶ୍ୱ ଏବେ କରୋନା ଭୂତାଣୁ କବଳରେ ଥିବାବେଳେ ଏହି ଭାଇରସ୍ କିନ୍ତୁ ନୂଆ ନୁହେଁ। ପ୍ରାୟ ୨୦ ହଜାର ବର୍ଷ ତଳେ ଏହି ଭାଇରସ୍ ସଂକ୍ରମଣ ବି ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ନୂଆ ରିସର୍ଚ୍ଚରୁ ଏଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ ପାଇଛି। ଆମେରିକା ଓ ଅଷ୍ଟ୍ରେଲିଆର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏହି ଅଧ୍ୟୟନର ରିପୋର୍ଟ ସାଇନ୍ସ ଜର୍ନାଲ କରେଣ୍ଟ ବାୟୋଲୋଜିରେ ପ୍ରକାଶ ପାଇଛି। ରିପୋର୍ଟରୁ ଜଣାପଡିଛି, ୨୦ହଜାର ବର୍ଷ ପୂର୍ବେ ମଣିଷଙ୍କ ଶରୀରରେ କରୋନା ଭାଇରସ ସଂକ୍ରମଣ ହୋଇଥିଲା। ଏହା ପ୍ରାୟତଃ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିଲା। ଚାଇନା, ଜାପାନ ଏବଂ ଭିଏତ୍‌ନାମର ଲୋକଙ୍କ ଡିଏନ୍‌ଏ ପରୀକ୍ଷା କରିବା ପରେ ଏହି ତଥ୍ୟ ପ୍ରକାଶ ପାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏବେ ଏଭଳି ସବୁ ମେଶିନ ଉପଲବ୍ଧ ହେଲାଣି; ଯାହା ସାହାଯ୍ୟରେ ଆନୁବଂଶିକବାଦ ସମ୍ପର୍କରେ ବହୁ ପୁରାତନ ତଥ୍ୟ ବିଷୟରେ ଜାଣି ହେଉଛି। ତେଣୁ ଏସବୁ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ବିଶେଷଜ୍ଞମାନେ ବିଭିନ୍ନ ଅଞ୍ଚଳର ଲୋକଙ୍କ କ୍ଷେତ୍ରରେ ଜିନ୍‌କୁ ନେଇ ଅନୁସନ୍ଧାନ ଚଳାଇଥିଲେ। ବିଶ୍ୱର ବିଭିନ୍ନ ଦେଶର ପ୍ରାୟ ୧୫୦୦ରୁ ଅଧିକ ଲୋକଙ୍କର ଜିନ୍‌କୁ ନେଇ ପରୀକ୍ଷା କରାଯାଇଥିଲା। ଏହାପରେ ବିଶେଷଜ୍ଞମାନେ ୪୨ ପ୍ରକାରର ଭିନ୍ନ ଭିନ୍ନ ଜିନ୍ ମଧ୍ୟରୁ ମିଳିଥିବା ଆଡପ୍‌ସନ୍ ସଙ୍କେତକୁ ଏନକୋଡ୍ କରି ବିଆଇପି ସିଗ୍‌ନାଲ ବାହାର କରାଯାଇଥିଲା। ବିଆଇପି ସିଗ୍‌ନାଲ କେବଳ ୫ଟି ଅଞ୍ଚଳର ଲୋକଙ୍କର ଜିନ୍ ମଧ୍ୟରେ ଦେଖିବାକୁ ମିଳିଛି। ତେଣୁ ଏହି ବିଆଇପି ତଥ୍ୟକୁ ଆଧାର କରି ଏବେ ବିଶେଷଜ୍ଞମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି କି ଆଧୁନିକ ପୂର୍ବ ଏସିଆର ପୂର୍ବଜମାନଙ୍କ ଠାରେ ପ୍ରାୟ ୨୫ ହଜାର ବର୍ଷ ତଳେ କରୋନା ଭାଇରସ୍ ସଂକ୍ରମଣ ରହିଥିଲା। ବିଶେଷଜ୍ଞଙ୍କ କହିବା ଅନୁସାରେ ବିଆଇପି ମୁଖ୍ୟତଃ ଫୁସ୍‌ଫୁସ୍‌ରୁ ଜଣାପଡ଼ିଥାଏ। କୋଭିଡ୍-୧୯ ମଧ୍ୟ ସବୁଠୁ ବେଶି ପ୍ରଭାବ ପକାଇଥାଏ ଫୁସ୍‌ଫୁସ ଉପରେ। ତେଣୁ ସମସ୍ତ ପ୍ରକାରର ତଥ୍ୟକୁ ଅନୁସନ୍ଧାନ କରି ବିଶେଷଜ୍ଞମାନେ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି।

## ସଲମାନଙ୍କ ପାଦ ଧୋଇବାକୁ ଚାହାନ୍ତି ରାକ୍ଷୀ



ରାକ୍ଷୀ ସାୱନ୍ତ

ମୁମ୍ବାଇ: ଡ୍ରାମା କୁଇନ ରାକ୍ଷୀ ସାୱନ୍ତ ସଲମାନ ଏବଂ ତାଙ୍କ ପରିବାରକୁ ସବୁବେଳେ ଶ୍ରେୟ ଦେଇଥାନ୍ତି। ରାକ୍ଷୀ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସେ ସଲମାନ ଏବଂ ତାଙ୍କ ପରିବାରର ପାଦ ଧୋଇବାକୁ ଚାହୁଁଛନ୍ତି। ସାରା ଜୀବନ ସେ ସଲମାନଙ୍କ ନିକଟରେ ଋଣୀ। ସଲମାନଙ୍କ ପ୍ରତି ସେ ବହୁତ କୃତଜ୍ଞ। ସଲମାନଙ୍କ ପାଦ ଧୋଇବାକୁ ତାଙ୍କର ସ୍ୱପ୍ନ ରହିଥିବା ରାକ୍ଷୀ କହିଛନ୍ତି। ସେ କହିଛନ୍ତି, ସଲମାନ ତାଙ୍କ ମା'ଙ୍କ ଚିକିତ୍ସା ପାଇଁ ବହୁତ ସାହାଯ୍ୟ କରିଛନ୍ତି। ବିଗ ବସ୍‌ରୁ ବାହାରିବା ପରେ ରାକ୍ଷୀଙ୍କ ପାଖରେ ଟଙ୍କା ନ ଥିଲା। ଏଭଳି ପରିସ୍ଥିତିରେ ଡାକ୍ତର ତାଙ୍କ ମା'ଙ୍କର ଜରୁରୀ ଅପରେଶନ କରିବାକୁ କହିଥିଲେ। ଏ ନେଇ ରାକ୍ଷୀ ସଲମାନଙ୍କୁ କହିବା ପରେ ଭାଇଜାନ କର୍କଟ ରୋଗ ପାଇଁ ଜଣେ ଭଲ ଡାକ୍ତରଙ୍କୁ ଡାକି ତାଙ୍କ ମା'ଙ୍କର ଅସ୍ତ୍ରୋପଚାର କରାଇଥିଲେ। ଏଥିପାଇଁ ବହୁତ ଟଙ୍କା ଖର୍ଚ୍ଚ ହୋଇଥିଲା। ଏ ଜନ୍ମରେ ସଲମାନଙ୍କ ନିକଟରେ ସେ ଋଣୀ ବୋଲି ରାକ୍ଷୀ କହିଛନ୍ତି।

## ସବୁଠୁ ଧନୀ ମନ୍ଦିର

ହାଇଦ୍ରାବାଦ: ମନ୍ଦିର ଏବଂ ତୀର୍ଥସ୍ଥାନର ଦେଶ ଭାବରେ ଭାରତ ବେଶ ଜଣାଶୁଣା। ଆମ ଦେଶରେ ହଜାର ହଜାର ସଂଖ୍ୟାରେ ମନ୍ଦିର ରହିଛି, ଯେଉଁଠାକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ଭକ୍ତ ଆସିବା ସହ ଅନେକ ଦାନ ବି କରନ୍ତି। ଦେଶରେ ଥିବା ପ୍ରତ୍ୟେକ ମନ୍ଦିରର ନିଜସ୍ୱ ଗୁରୁତ୍ୱ ଏବଂ ବିଶେଷତା ରହିଛି। ଦେଶର ଅନେକ ମନ୍ଦିର ଦାନ ଯୋଗୁ ବେଶ ଧନୀ। ଏହି ମନ୍ଦିରଗୁଡ଼ିକର ରୋଜଗାର ବିଷୟରେ ଜାଣିଲେ ଜଣେ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇଯିବେ। ବର୍ଷକୁ ସେଠାରେ କୋଟି କୋଟି ଟଙ୍କା ରୋଜଗାର ହୋଇଥାଏ। ସେହି ମନ୍ଦିର ମଧ୍ୟରୁ ଆନ୍ଧ୍ରପ୍ରଦେଶର ତିରୁମାଲାରେ ଅବସ୍ଥିତ ତିରୁପତି ବାଲାଜୀ ମନ୍ଦିର ଅନ୍ୟତମ। ଏଠାକୁ ଦିନକୁ ପ୍ରାୟ ୬୦ ହଜାର ଭକ୍ତ ପରିଦର୍ଶନ କରିବାକୁ ଆସନ୍ତି। ବର୍ତ୍ତମାନ କରୋନା ମହାମାରୀ ଯୋଗୁ ଏହି ମନ୍ଦିରରେ ପ୍ରବେଶ ଉପରେ କଟକଣା ରହିଛି। କିନ୍ତୁ ପ୍ରତିବର୍ଷ ଏହି ମନ୍ଦିରରୁ ୬୫୦ କୋଟିରୁ ଅଧିକ ଟଙ୍କା ରୋଜଗାର ହୋଇଥାଏ। ସେହିପରି ଥିରୁଭାନନ୍ତପୁରମ୍‌ରେ ଥିବା ପଦ୍ମନାଭ ମନ୍ଦିର, ଶିରିଡ଼ିସ୍ଥିତ ସାଇ ମନ୍ଦିର, ବୈଷ୍ଣୋ ଦେବୀ ମନ୍ଦିର ଏବଂ ମୁମ୍ବାଇରେ ଥିବା ସିଦ୍ଧି ବିନାୟକ ମନ୍ଦିରରୁ ବର୍ଷକୁ ବହୁ କୋଟି ଟଙ୍କା ରୋଜଗାର ହୋଇଥାଏ।

## ଦୁର୍ବଳ ହେଉଛନ୍ତି କିମ୍



ପୋୟାଙ୍ଗୟଙ୍ଗ: ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କୁ ନେଇ ଏବେ ଦେଶବାସୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଗତ କିଛି ମାସ ଧରି ଲଗାତାର କିମ୍‌ଙ୍କ ଶରୀର ଓଜନ ଲଗାତାର କମିବାରେ ଲାଗିଛି। କିମ୍ ଦୁର୍ବଳ ହେଉଥିବାରୁ ଏନେଇ ଜନସାଧାରଣଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ତେବେ ଏନେଇ ଶାସକ ଦଳ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ସୂଚନାଯୋଗ୍ୟ, ସମ୍ପ୍ରତି ଉତ୍ତର କୋରିଆରେ ଖାଦ୍ୟ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏଠାରେ କଫି ପ୍ୟାକେଟ ଦାମ ୭ ହଜାର ୪୧୪ ଟଙ୍କା ଥିବାବେଳେ କଦଳୀ କିଲୋଗ୍ରାମ ୩ ହଜାର ୩୩୫ ଟଙ୍କାରେ ପହଞ୍ଚିଛି। ସେହିପରି ବ୍ଲାକ ଟି' ପ୍ୟାକେଟ ଦାମ ୫ ହଜାର ୧୯୦ ଟଙ୍କା ରହିଛି। ସ୍ଥିତି ନିୟନ୍ତ୍ରଣକୁ ଆସି ନ ଥିବାବେଳେ କିମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି।


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ (ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ରାଜଲକ୍ଷ୍ମୀ ରଥ
ରାଜଲକ୍ଷ୍ମୀ ଭବନ, ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
୦୧।୦୬।୧୯୪୪/୧୦।୦୬।୨୦୨୦
ବୋଉ, ଚାହୁଁ ଚାହୁଁ ବରଷେ ବିତିଗଲା। ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ। ମାୟା ସଂସାରରେ ଲୀଳା ଖେଳା କରି ଆଷାଢ଼ କୃଷ୍ଣ ପକ୍ଷ ପଞ୍ଚମୀରେ ତୁ ଆରପାରିକୁ ଚାଲିଗଲୁ। ଆଜିର ଏହି ଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ତୁ ଯେଉଁଠି ଥାଆ ଆମକୁ କରୁଣା ଦୃଷ୍ଟିରେ ଚାହିଁଥା।
ଇତି ତୋର ହତଭାଗ୍ୟ: ଟୁନୁ, ମୁନୁ, ରୁନୁ, ବେବି, ସିଲୁ, ବର୍ଷା, ମଞ୍ଜୁ, ସଞ୍ଜୁ, ନାତି, ନାତୁଣୀ ଏବଂ ବନ୍ଧୁ, ପରିଜନବର୍ଗ ।
ଧ-୨୦୯୪୪

ଏକାଦଶାହ ଉପଲକ୍ଷେ

୰ଅଲେଖ ନାଏକ
ଲାଛବନ୍ଧ, ବନ୍ତଳା, ଅନୁଗୁଳ
ଆବିର୍ଭାବ: ୧୩।୧୧।୧୯୫୯
ତିରୋଧାନ: ୧୯।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗିନୀ ଧର୍ମପତ୍ନୀ, ନାଏକ ପରିବାରବୃନ୍ଦ
ଧ-୨୦୯୭୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶ୍ରୀମତୀ ମେନକା ତ୍ରିପାଠୀ
ସ୍ୱାମୀ: ଶ୍ରୀଯୁକ୍ତ କ୍ଷୀରୋଦ କୁମାର ତ୍ରିପାଠୀ
ଦିଅର: ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ତ୍ରିପାଠୀ
ଯା: ନିରୁପମା ତ୍ରିପାଠୀ
ଇଟୁଆ, ବିରୋଳ, କଟକ
ଆବିର୍ଭାବ: ୨୦।୦୫।୧୯୫୨ ତିରୋଧାନ: ୧୯।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତୁରା, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି ଓ ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୯୭୩

ସୌନ୍ଦର୍ଯ୍ୟ

# ଗୋଲାପି ଓଠ...



**ମୁହଁକୁ ସୁନ୍ଦର କରିବାରେ ଓଠ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଇଥିପାଇଁ ତ ମେକ୍‌ଅପ୍ ନେବାବେଳେ ଲିପ୍‌ଷ୍ଟିକ୍ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି ସଭିଏ। ବିଶେଷ କରି କଳା ଓଠ ଥିବା ମହିଳାମାନେ ଲିକ୍‌ଷ୍ଟିକ୍ ଲଗାଇବାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ହେଲେ ଆପଣ ଚାହିଁଲେ କେତେକ ପ୍ରାକୃତିକ ଉପାୟ ଆପଣାଇ ନିଜ ଓଠକୁ ଗୋଲାପି କରିପାରିବେ...**

➔ଯଦି ଓଠର ରଙ୍ଗ ଡାର୍କ ତେବେ ଏହାକୁ ଧୀରେ ଧୀରେ ଲାଇଟ୍ ତଥା ଗୋଲାପି ରଙ୍ଗ କରିବା ଲାଗି ଲେମ୍ବୁ ରସ ଏବଂ ମହୁ ପ୍ୟାକ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏଥିପାଇଁ ଅଧ ଚାମଚ ଲେଖାଏ ଲେମ୍ବୁ ରସ ଏବଂ ମହୁ ନେଇ ଭଲଭାବେ ମିଶାଇ ଓଠରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ। ଡେଡ୍ ସେଲ୍ ବାହାରିଯିବା ପରେ ଓଠକୁ ହାଲୁକା ଭାବେ ପୋଛି ନଡ଼ିଆ ତେଲ ଲଗାଇ ହାଲକା ମସାଜ କରନ୍ତୁ। ପ୍ରତିଦିନ ଏପରି କଲେ ଓଠ ନରମ ହେବା ସହ ଗୋଲାପି ଲାଗିବ।

➔ଗୋଲାପ ଜଳ ମଧ୍ୟ ଓଠକୁ ଗୋଲାପି କରିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହାକୁ ତୁଳା ସାହାଯ୍ୟରେ ଓଠରେ ଲଗାଇ ଧୀରେ ଧୀରେ ଘଷି ଡେଡ୍ ସେଲ୍ ବାହାର କରିଦିଅନ୍ତୁ। ଓଠକୁ ପୋଛି ଲିପ୍ ବାମ୍ ଲଗାନ୍ତୁ। ଏହାଦ୍ୱାରା ଧୀରେ ଧୀରେ ନୂଆ ସେଲ୍ ସୃଷ୍ଟି ହେବା ସହ ଓଠ ପୂର୍ବାପେକ୍ଷା ନରମ ଏବଂ ଗୋଲାପି ଲାଗିବ।

➔ନଡ଼ିଆ ତେଲ ମଧ୍ୟ ଓଠର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏହା ଓଠ ପାଇଁ ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ। ଏହାକୁ ଲଗାଇବା ଦ୍ୱାରା ଓଠ ନରମ ରୁହେ ଏବଂ ଧୀରେ ଧୀରେ ସ୍କିନ୍ ଟୋନ୍ ଲାଇଟ୍ ହୋଇ ଗୋଲାପି ଲାଗିଥାଏ।

➔ଏକ ଚାମଚ୍ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ। କାରଣ ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ।



# ଥାଇରଏଡ୍ ଓ ବନ୍ଧ୍ୟାତ୍ୱ

ଡା. ସରୋଜିନୀ ଷଡ଼ଙ୍ଗୀ



ଥାଇରଏଡ୍ ଗ୍ଲାଣ୍ଡ, ଗଳା ସାମ୍ନାରେ ଥିବା ପ୍ରଜାପତି ଭଳି ଏକ ଗ୍ଲାଣ୍ଡ ବା ଗ୍ରନ୍ଥି, ଯେଉଁଥିରୁ ଅନ୍ତଃସ୍ରାବୀ ରସର କ୍ଷରଣ ହୋଇଥାଏ। ଏହା ଗଳାରେ ଥିବା ସ୍ୱରଯନ୍ତ୍ରର ତଳେ ଥାଏ, ଏଥିରୁ ଥାଇରଏଡ୍ ହର୍‌ମୋନ୍‌ର କ୍ଷରଣ ସିଧା ଧମନୀକୁ ହୋଇଥାଏ। ଏହି ହର୍‌ମୋନ୍ ଶରୀରର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ।

**ଥାଇରଏଡ୍ ହର୍‌ମୋନ୍‌ର କାମ :** ଥାଇରଏଡ୍ ଗ୍ଲାଣ୍ଡରେ କିଛି ଫଲିକଲ୍ (କ୍ଷୁଦ୍ରଗହ୍ୱର) ଥାଏ, ଯାହା ଥାଇରକ୍ସିନ୍ (ଟି୪) ଏବଂ ଟ୍ରାଇଆଇଡୋଥାଇରୋନିନ୍ ( ଟି ୩) କୁ ତିଆରି କରିବା ସହ ଏହାକୁ ଥାଇରଏଡ୍ ଗ୍ଲାଣ୍ଡରେ ଗଚ୍ଛିତ କରି ରଖିଥାଏ। ଏହି ହର୍‌ମୋନ୍ ଶରୀରର ଉତ୍ତାପକୁ ନିୟନ୍ତ୍ରଣ କରିବା ସହ ନାଡ଼ିର ସ୍ପନ୍ଦନ ମଧ୍ୟ ପରିଚାଳିତ କରିଥାଏ। ଉପରୋକ୍ତ ଦୁଇଟିଯାକ ହର୍‌ମୋନ୍ ଟି.ଏସ୍.ଏଚ୍. ବା ଥାଇରଏଡ୍ ଷ୍ଟିମ୍ୟୁଲେଟିଙ୍ଗ୍ ହର୍‌ମୋନ୍ ଦ୍ୱାରା ସଂଚାଳିତ ହୋଇଥାଏ, ଯାହା ମସ୍ତିଷ୍କର ପିଟୁଇଟାରି ଗ୍ଲାଣ୍ଡରୁ ଝରିଥାଏ। ଟି.ଏସ୍.ଏଚ. ମସ୍ତିଷ୍କର ହାଇପୋଥାଲାମସ୍‌ରୁ ଝରୁଥିବା ଆଉ ଏକ ହର୍‌ମୋନ୍ ଟି.ଆର୍.ଏଚ୍. ବା ଥାଇରୋଟ୍ରୋପିନ୍ ରିଲିଜି ହର୍‌ମୋନ୍ ଦ୍ୱାରା ପରିଚାଳିତ ହୋଇଥାଏ।





ଥାଇରଏଡ୍ ହର୍‌ମୋନ୍ କମ୍ ଝରିଲେ ହାଇପୋଥାଇରଏଡିଜମ୍ ହୁଏ ଏବଂ ବେଶି ଝରିଲେ ହାଇପର୍‌ଥାଇରଏଡିଜମ୍ ହୁଏ। ଏହି ହର୍‌ମୋନ୍‌ରେ ଅସନ୍ତୁଳନ ଦେଖାଗଲେ ଡିମ୍ବକୋଷରୁ ଡିମ୍ବ ନିର୍ଗତରେ ଅସୁବିଧା ହୋଇ ବନ୍ଧ୍ୟାଦୋଷ କରିଥାଏ।

ଶତକଡ଼ା ୨୫ ପ୍ରତିଶତ ମହିଳା ନିଜ ଜୀବନକାଳ ମଧ୍ୟରେ ଥାଇରଏଡ୍ ସମସ୍ୟାର ସାମ୍ନା କରିଥାନ୍ତି। ଏହା ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କୁ ପ୍ରାୟ ୪ ଗୁଣ ବେଶି ହୋଇଥାଏ।

ଥାଇରଏଡ୍ ହର୍‌ମୋନ୍ ଓଭ୍ୟୁଲେସନ୍ ବା ଡିମ୍ବକୋଷରୁ ଡିମ୍ବ ନିର୍ଗତ ହେବାରେ ସାହାଯ୍ୟ କରିବା ସହିତ ଗର୍ଭ ନଷ୍ଟ କରାଇ ଦିଏ ନାହିଁ। ଏହି ହର୍‌ମୋନ୍ ଗର୍ଭସ୍ଥ ଶିଶୁ ମସ୍ତିଷ୍କର ବିକାଶ କରିବାରେ ସାହାଯ୍ୟ କରିଥାଏ।

**ଥାଇରଏଡ୍ ଗଏଟର :** ଥାଇରଏଡ୍ ଗ୍ଲାଣ୍ଡ ବଢ଼ିଗଲେ ଗଏଟର୍ ହୋଇଥାଏ। ଏହା ଆଇଓଡିନ୍‌ର ଅଭାବ, ଅଟୋ ଇମ୍ୟୁନ୍ ଡିଜିଜ୍ ତଥା ନୋଡ୍ୟୁଲାର୍ ଡିଜିଜ୍ ପାଇଁ ହୋଇଥାଏ। ଆଇଓଡିନ୍‌ର ଅଭାବ ହେଲେ, ବା ବନ୍ଧାକୋବି, ଫୁଲକୋବି ବେଶି ଖାଇଲେ ଥାଇରଏଡ୍ ଗଏଟର୍ ହୋଇଥାଏ। ମହିଳାମାନଙ୍କର ଟି.ଏସ୍.ଏଚ. ସୀମା ୨.୫ ରୁ ବେଶି ହେବା କଥା ନୁହେଁ। ଯଦି ଟି.ଏସ୍.ଏଚ. କମିଯାଏ ତେବେ ଟି୩, ଟି୪ ବଢ଼ିଯାଏ ବା ହାଇପର୍ ଥାଇରଏଡିମ୍ ହୁଏ। ଏଥିରେ ଅଳ୍ପ ଅଳ୍ପ ରକ୍ତସ୍ରାବ ହେବା ସହ, ସଂପୂର୍ଣ୍ଣ ମାସିକ ରତୁସ୍ରାବ ବନ୍ଦ ମଧ୍ୟ ହୋଇଯାଏ। ଗର୍ଭାବସ୍ଥାରେ ମନକୁ ମନ ଗର୍ଭ ନଷ୍ଟ ହୋଇଯିବା ସହ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ମଧ୍ୟ ହୋଇଥାଏ।

ସେହିଭଳି ହାଇପୋଥାଇରଏଡିଜମ୍‌ରେ, ଥାଇରଏଡ୍ ଗ୍ଲାଣ୍ଡ ଯଥେଷ୍ଟ ପରିମାଣର ଥାଇରଏଡ୍ ହର୍‌ମୋନ୍ କ୍ଷରଣ କରୁ ନ ଥିବାରୁ ହରମୋନ ପରିମାଣ କମିଯାଏ। ଏହା ମଧ୍ୟ ଖାଦ୍ୟରେ ଆଇଓଡିନ୍‌ର ଅଭାବ ଯୋଗୁ ହୋଇଥାଏ। ଏଥିରେ ବନ୍ଧ୍ୟାତ୍ୱ ଦୋଷ ସହ, ବାରମ୍ବାର ଗର୍ଭ ନଷ୍ଟ ହୁଏ। ଯଦି ଗର୍ଭଧାରଣ ହୁଏ ତେବେ ଗର୍ଭସ୍ଥ ଶିଶୁର ବୁଦ୍ଧି ଓ ମେଧାଶକ୍ତି କମିଯାଏ, ଗର୍ଭରେ ଉଚ୍ଚରକ୍ତ ଚାପ ହୁଏ, ଅପରିଣତ ପ୍ରସବ ହେବା ସହ, ଜନ୍ମ ପରେ ପରେ ଶିଶୁର ମୃତ୍ୟୁ ମଧ୍ୟ ଘଟିଥାଏ। ଥାଇରଏଡ୍ ହରମୋନ ଶରୀରରେ କ୍ଲଟିଂ ଫେକ୍ଟର ବା ରକ୍ତ ଜମାଟ ବାନ୍ଧିବା ଫେକ୍ଟରକୁ କମାଇ ଦେଇଥାଏ। ତେଣୁ ଡିମ୍ବକୋଷରୁ ଡିମ୍ବ ନିର୍ଗତ ନ ହୋଇ ବାରମ୍ବାର ପ୍ରଚୁର ରକ୍ତସ୍ରାବ ହୋଇଥାଏ। ଏହାସହ ଅନିୟମିତ ରକ୍ତସ୍ରାବ ମଧ୍ୟ ହୁଏ। ଥାଇରଏଡ୍ ହରମୋନ କମିଯିବା ଦ୍ୱାରା ସ୍ତ୍ରୀ ହରମୋନ୍ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍‌ର କ୍ଷରଣ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ, ତେଣୁ ବନ୍ଧ୍ୟାତ୍ୱ ଦୋଷ ହୋଇଥାଏ।

**ଚିକିତ୍ସା :** ଆଇଓଡିନ୍ ସହ ସିନ୍ଥେଟିକ୍ ଥାଇରଏଡ୍ ହର୍‌ମୋନ୍ ଖାଇଲେ ଏହା ଭଲ ହୋଇଯାଏ।

**ଥାଇରଏଡ୍ ଆଣ୍ଟିବଡି –** ଅଟୋଇମ୍ୟୁନ୍ ଡିଜିଜ୍ ପାଇଁ ଶରୀରରେ ଥାଇରଏଡ୍ ଆଣ୍ଟିବଡି ବଢ଼ିଯାଏ। ଏହାଦ୍ୱାରା ବନ୍ଧ୍ୟାଦୋଷ ହେବା ସହ ବାରମ୍ବାର ଗର୍ଭ ନଷ୍ଟ ହୋଇଥାଏ।

**ଥାଇରଏଡ୍ ହରମୋନ୍ ଏକ ସ୍ପର୍ଶକାତର ବା ସେନ୍ସିଟିଭ୍ ହର୍‌ମୋନ୍ । ଏହି ହର୍‌ମୋନ୍ ଶରୀରର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ । ହେଲେ ଏହି ହର୍‌ମୋନ୍‌ରେ ଅସନ୍ତୁଳନ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ। ବିଶେଷ କରି ମହିଳାଙ୍କଠାରେ ଏହାର ଅସନ୍ତୁଳନ ବନ୍ଧ୍ୟାଦୋଷର କାରଣ ସାଜିଥାଏ...**

ଥାଇରଏଡ୍ ହରମୋନ ଗର୍ଭଧାରଣ ବା ପ୍ରଜନନ ପ୍ରକ୍ରିୟାର ସମସ୍ତ ପର୍ଯ୍ୟାୟରେ ଦରକାର ହୋଇଥାଏ। ଯଦି ଏହା କମ୍ ବା ବେଶି ହୋଇଯାଏ, ତେବେ ଡିମ୍ବ ତିଆରି ତଥା ଗର୍ଭଧାରଣ ଠିକ୍ ଭାବରେ ହୋଇପାରେ ନାହିଁ। ଡିମ୍ବର ଗୁଣାତ୍ମକ ମାନ କମିଯିବା ସହ ଗର୍ଭଧାରଣ ହୋଇପାରେ ନାହିଁ। ତେଣୁ ବନ୍ଧ୍ୟାଦୋଷ ପାଇଁ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା କଲାବେଳେ ଥାଇରଏଡ୍ ହର୍‌ମୋନ ପରୀକ୍ଷା କରିବା ନିହାତି ଜରୁରୀ।

**ପ୍ରତିଷେଧକ ବ୍ୟବସ୍ଥା:** ଥାଇରଏଡ୍ ହର୍‌ମୋନର ଚିକିତ୍ସା ସହ ଏହାର ସଂପୂର୍ଣ୍ଣ ନିରାକରଣ ବ୍ୟବସ୍ଥା କରିବା ଜରୁରୀ। ଅତ୍ୟଧିକ ମାନସିକ ଚାପ ହେଲେ ଦେହରେ କର୍ଟିଜୋଲ୍‌ର ମାତ୍ରା ବଢ଼ିଯାଏ, ଫଳରେ ଥାଇରଏଡ୍ ହର୍‌ମୋନର କ୍ଷରଣ କମିଯାଏ। ଓଭାରିଆନ୍, ଆଡ୍ରିନାଲ୍ ଓ ଥାଇରଏଡ୍ ଆକ୍ସିସ୍ ଡିମ୍ବକୋଷକୁ ସକ୍ରିୟ ରଖିବା ପାଇଁ ଆବଶ୍ୟକ ହୋଇଥାଏ। ତେଣୁ ଥାଇରଡ୍ ଠିକ୍‌ଥିଲେ, ଡିମ୍ବକୋଷ ଓ ଆଡ୍ରିନାଲ୍ ଗ୍ଲାଣ୍ଡ ସକ୍ରିୟ ରହିଥାନ୍ତି। ଅତ୍ୟାଧୁନିକ ଯୁଗର ଜଂକ୍‌ଫୁଡ୍, ଫାଷ୍ଟଫୁଡ୍, ମଇଦା, ଚିନି, ସୋୟାବିନ୍, ଚିନାବାଦାମ୍ ଏବଂ କଫି, ଥାଇରଏଡ୍‌ର କାମ କରିବାର ସାମର୍ଥ୍ୟକୁ କମାଇଦିଏ। ତେଣୁ ଅତ୍ୟଧିକ ଚା' କଫି, ଧୂମପାନ, ମଦ୍ୟପାନ ଆଦି କରିବା ଉଚିତ ନୁହେଁ।

ଥାଇରଏଡ୍ ହର୍‌ମୋନ୍ ଏକ ସ୍ପର୍ଶକାତର ବା ସେନ୍ସିଟିଭ୍ ହର୍‌ମୋନ୍। ଏଣୁ ଏହାକୁ କାର୍ଯ୍ୟକ୍ଷମ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ସହ ସନ୍ତୁଳିତ ଖାଦ୍ୟ ତଥା ପ୍ରତିଷେଧକ ବ୍ୟବସ୍ଥା ମାନ ଗ୍ରହଣକରି ଉପଯୁକ୍ତ ଚିକିତ୍ସା କରିବା ଆବଶ୍ୟକ।

*– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍ ରୋଡ୍, କଟକ-୧୨*



# ବର୍ଷାରେ ଶିଶୁର ଯତ୍ନ

**ବର୍ଷାଦିନେ ବାରମ୍ବାର ପାଣିପାଗ ପରିବର୍ତ୍ତନର ସବୁଠୁ ଅଧିକ ପ୍ରଭାବ ପଡ଼େ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ। ତେଣୁ ଏଦିନେ ଶିଶୁଙ୍କ ତ୍ୱଚାର କିପରି ଯତ୍ନ ନେବେ ଜାଣନ୍ତୁ ସେ ସମ୍ପର୍କରେ...**

➤ ଥଣ୍ଡା ଧରିବା ଡରରେ ଅନେକେ ଏଦିନେ ପିଲାଙ୍କୁ ଆଦୌ ଗାଧାନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ବରଂ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନୀରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖ ଉଷୁମ ପାଣିରେ ଗାଧାନ୍ତୁ।

➤ ବର୍ଷାଦିନେ ପିଲାଙ୍କ ଦେହରେ ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡିବା ଆଦି ଦେଖନ୍ତି ତେବେ କିଛି ଲିମ୍ବ ପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

➤ ଏ ଦିନେ ପିଲାଙ୍କ ଚର୍ମରେ ଫଙ୍ଗାଲ୍ ଓ ରିଙ୍ଗ୍‌ୱର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ଏହା ଅପରିଷ୍କାର ପାଣି କିମ୍ବା ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ଏଦିନେ ପିଲାଙ୍କୁ ଜୀବଜନ୍ତୁଙ୍କଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ, ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ। ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

➤ ଏଦିନେ କେତେକ ପିଲାଙ୍କର ଘିମିରି ସମସ୍ୟା ବି ଦେଖାଦେଇଥାଏ। ଯଦି ଆପଣଙ୍କ ପିଲା ଦେହରେ ଘିମିରି ହୋଇଛି ତେବେ ରୋଜ୍ ୱାଟରରେ ଅଳ୍ପ ଚନ୍ଦନ ଘୋରି ଲଗାନ୍ତୁ। ୧୫-୨୦ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ପିଲାକୁ ପୋଛି ଦିଅନ୍ତୁ।

➤ ପିଲାଙ୍କ ଦେହରେ ଅଧିକ ଝାଳ ହେଉଥିଲେ ଭଲ ଭାବେ ପୋଛି ଦିଅନ୍ତୁ।

➤ ପିଲାଙ୍କ ନଖ ବଡ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହା ଦ୍ୱାରା ମଧ୍ୟ ଇନ୍‌ଫେକ୍ସନ୍‌ର ଆଶଙ୍କା ରହିଛି।



ଖାଦ୍ୟରୁଚି

## କାକୁଡ଼ି ଆଚାର

**ଆବଶ୍ୟକ ସାମଗ୍ରୀ:** ୩ କପ୍ ଗୋଲ କଟା ହୋଇଥିବା କାକୁଡି, ୩/୪ କପ୍ ଭିନେଗାର, ୧/୨ କପ୍ ଚିନି, ୧/୨ କପ୍ ଲମ୍ବା ଲମ୍ବା କଟା ହୋଇଥିବା ପିଆଜ, ଗୋଟିଏ ଲେଖାଏଁ ଗ୍ରୀନ୍ ଏବଂ ରେଡ୍ କ୍ୟାପ୍ସିକମ୍ ଲମ୍ବା ଲମ୍ବା କଟା ହୋଇଥିବା, ୧ ଟିସ୍ପୁନ୍ ସୋରଷ ଗୁଣ୍ଡ, ୧/୪ ଟିସ୍ପୁନ୍ ଗୋଲମରିଚ ଆଚାର, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ସସ୍‌ପ୍ୟାନ୍‌ରେ ଭିନେଗାର, ଲୁଣ, ଚିନି ପକାଇ ଫୁଟାନ୍ତୁ। ଫୁଟିବା ପରେ ଚୁଲା ସିମ୍‌ରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଏକ କାଚ ପାତ୍ରରେ କଟା କାକୁଡି ଏବଂ ଅନ୍ୟ ସମସ୍ତ ସାମଗ୍ରୀ ଏକାଠି କରନ୍ତୁ। ସେଥିରେ ପୂର୍ବ ପ୍ରସ୍ତୁତି ଭିନେଗାର ମିଶ୍ରଣକୁ ପକାଇ ଚାମଚ ସାହାଯ୍ୟରେ ଭଲ ଭାବେ ଗୋଳାଇ ଦଅନ୍ତୁ। ଏହାକୁ କାଚ ଜାର୍‌ରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କାକୁଡ଼ି ଆଚାର, ଏହାକୁ ଯେ କୌଣସି ସମୟରେ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଜୁନ୍ ୨୯/୨୦୨୧ Berhampur, Tuesday, June 29/ 2021

# ଶୁଟିଂ ବିଶ୍ୱକପ୍: ରାହିଙ୍କୁ ସ୍ୱର୍ଣ୍ଣ

**ଓସିଜେକ୍, ୨୮।୬ (ପି.ଟି.)**



ରାହି ସାର୍ନୋବତ୍

ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପରେ ବର୍ତ୍ତମାନ ଭଲ ଫର୍ମରେ ଥିବା ରାହି ସାର୍ନୋବତ୍ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସମାନ ଇଭେଣ୍ଟରେ ମନୁଭାକର ୭ମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସଂସ୍କରଣରେ ସର୍ନୋବତ୍ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ପୂର୍ବରୁ ଦେଶ ଗୋଟିଏ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ଜିତିସାରିଛି। କ୍ୱାଲିଫାଇଂରେ ମୋଟ ୫୯୧ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହିଥିବା ସାର୍ନୋବତ୍ ଫାଇନାଲରେ ୩୯ ସ୍କୋର କରିଥିଲେ। ସେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସିରିଜରେ ପର୍ଫେକ୍ଟ ସ୍କୋର କରିଥିଲେ। ଏଠାରେ ସ୍ୱର୍ଣ୍ଣ ଜିତିବା ଦ୍ୱାରା ଅଲିମ୍ପିକ୍ସ ପାଇଁ ସେ ନିଜକୁ ଠିକଣା ରୂପେ ପ୍ରସ୍ତୁତ କରିପାରିଥିବା ତାଙ୍କର ଧାରଣା ସୃଷ୍ଟି ହୋଇଛି। ଫାଇନାଲରେ ୩୧ ସ୍କୋର ସହ ଫ୍ରାନ୍ସର ମାଥିଲଡେ ଲାମୋଲି ରୌପ୍ୟ ଜିତିଥିଲେ। ଲାମୋଲି ରିଓ ଅଲିମ୍ପିକ୍ସ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ରୌପ୍ୟ ଜିତିଥିଲେ। ରୁଷିଆର ଭିଟାଲିନା ବାତ୍ସାରାସ୍କିନା (୨୮) ବ୍ରୋଞ୍ଜ ପାଇଥିଲେ। ଟୁର୍ନାମେଣ୍ଟରେ ପୂର୍ବରୁ ଭାକର ଓ ସୌରଭ ଚୌଧାରୀ ୧୦ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ରୌପ୍ୟ ଜିତିଥିଲେ। ଭାକର ପୂର୍ବରୁ ସାର୍ନୋବତ ଓ ଯଶସ୍ୱିନୀ ଦେସୱାଲଙ୍କ ସହ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ଏହାପୂର୍ବରୁ ଚୌଧାରୀ ପୁରୁଷ ୧୦ମିଟର ଏୟାର ପିସ୍ତଲରେ ବ୍ୟକ୍ତିଗତ ବ୍ରୋଞ୍ଜ ଜିତିଥିଲେ।

# ଦେବୀପ୍ରସାଦ ଚାମ୍ପିୟନ



ଦେବୀପ୍ରସାଦ ନାୟକ

**ଭୁବନେଶ୍ୱର, ୨୮।୬(କ୍ରୀଡ଼ା ପ୍ରତିନିଧି)**

ଏସ୍ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ୩୦ତମ ଅନ୍‌ଲାଇନ୍ ଚେସ୍ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟ ଓ ଦେଶରୁ ଖେଳାଳିମାନେ ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ପୂରା ୬ ପଏଣ୍ଟ ପାଇ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ଦେବୀପ୍ରସାଦ ନାୟକ ଚାମ୍ପିୟନ ହୋଇଛନ୍ତି। କଟକ ଡିପିଏସ୍ କଳିଙ୍ଗାର ପ୍ରତୀକ ଚୌରାସିଆ ୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ଭୁବନେଶ୍ୱରର ସୂରଜ କୁମାର ମହାରଣା ଓ ଜ୍ୟୋସ୍ନଭ ତାଲୁକଦାର ୪ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ଧୀର ଚାୱଲା, ଦେବୀନା ଚାୱଲା (ଉଭୟେ ଦକ୍ଷିଣ ଆଫ୍ରିକା), ଆଦିତ୍ୟ ନାରାୟଣ

**ଏସ୍ଆର୍ ଅନ୍‌ଲାଇନ୍ ଚେସ୍**

ମହାନ୍ତି, ସାଇ ସମ୍ପ୍ରଦା ମହାନ୍ତି, ବିନାୟକ କେ. ସାମଲ, ନୀତୀଶା ସୁର୍, ସୂର୍ଯ୍ୟାଂଶୁ ମହାକୁଡ଼, ଶୁଭସ୍ମିତା ପ୍ରିୟଦର୍ଶିନୀ, ଅର୍ଣ୍ଣବ ବିଶ୍ୱାଳ, ଅଦିତି ମହାରଣା, ଜିତେଶ ସାମଲ ପ୍ରମୁଖ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ସୌମ୍ୟ ଚାମ୍ପିୟନ, ଅଂଶୁମାନ ରନର୍ସ ଅପ୍

**ଭୁବନେଶ୍ୱର, ୨୮।୬(କ୍ରୀଡ଼ା ପ୍ରତିନିଧି)**



ସୌମ୍ୟରଞ୍ଜନ ମିଶ୍ର

ସୌରେନ୍ଦ୍ର ଦାସ ମେମୋରିଆଲ ଅନ୍‌ଲାଇନ୍ ରାଜ୍ୟ ଓପନ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ଓ ଅଂଶୁମାନ ସାମଲ ରନର୍ସଅପ୍ ହୋଇଛନ୍ତି। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଅବିନାଶ ବଳିୟାରସିଂ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଅଭୟ କୁମାର ଦାସ, ଗତିକୃଷ୍ଣ ଭୂୟାଁ, ଆଦିତ୍ୟ ମିଶ୍ର, ଦେବୀ ପ୍ରସାଦ ନାୟକ, ସୂରଜ କୁମାର ମହାରଣା ଓ ଜୀତେନ୍ଦ୍ର କୁମାର ଦାସ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ନରେନ୍ଦ୍ର ଅଗ୍ରୱାଲ, ଆଦିତ୍ୟ ବିକ୍ରମ ମିଶ୍ର, ଆଦିତ୍ୟ ନାରାୟଣ ମହାନ୍ତି, ଆରିନ ଅନ୍ୱେଷ ସ୍ୱାଇଁ ଓ ସାହାନା ଲେଙ୍କା ବିଭିନ୍ନ ବୟସବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱତନ୍ତ୍ର ପୁରସ୍କାର

**ସୌରେନ୍ଦ୍ର ମେମୋରିଆଲ ଅନ୍‌ଲାଇନ୍ ବ୍ଲିଜ୍ ଚେସ୍**

ପାଇଛନ୍ତି। ଅଦିତି ମହାରଣା (୫ ବର୍ଷ) ଟୁର୍ନାମେଣ୍ଟର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସଂଯୋଜକ ଚିତ୍ତରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଦ୍ୱିତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ

**ସେଣ୍ଟ ଜର୍ଜ୍ସ (ଗ୍ରେନେଡା), ୨୮।୬ (ଏପି)**

ଏଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକା ୧୬ରନରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୫ମ୍ୟାଚବିଶିଷ୍ଟ ସିରିଜ ୧-୧ ସ୍ଥିତିକୁ ନେଇ ଆସିଛି। ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୬୬ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୯ ଉଇକେଟ ବିନିମୟରେ ୧୫୦ ରନ କରିପାରିଥିଲା। ବିଜୟୀ ଦଳର ଜର୍ଜ ଲିଣ୍ଡେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୬/୭ (ଟେମ୍ବା ବାଭୁମା-୪୬, ରିଜା ହେଣ୍ଡ୍ରିକ୍ସ-୪୨, ଓବେଡ୍ ମ୍ୟାକଏ-୩/୨୫, କେଭିନ ସିନ୍‌କ୍ଲେୟାର-୨/୨୩)। ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୫୦/୯ (ଆଣ୍ଡ୍ରେ ଫ୍ଲେଚର-୩୫, ଫାବିଏନ୍ ଆଲେନ୍-୩୪, କାଗିସୋ ରାବାଡା-୩/୩୭, ଜର୍ଜ ଲିଣ୍ଡେ-୨/୧୯)।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ